ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ସୋମବାର ୨୪ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 24 JULY 2023
Vol.No. 35 ■ No. 195 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


# ମଣିପୁର ହିଂସା ପ୍ରଭାବରେ ମିଜୋରାମରୁ ବି ପଳାୟନ କରୁଛନ୍ତି ମୈତେୟୀ ସଂପ୍ରଦାୟର ଲୋକ

## ସୁରକ୍ଷା ପାଇଁ ଆଶ୍ୱସନା ଦେଲେ ମିଜୋରାମ ସରକାର



ମିଜୋରାମ ,୨୩/୦୭ : ମିଜୋରାମରେ ପୂର୍ବ ବିଦ୍ରୋହୀଙ୍କ ସାର୍ବଜନିକ ଆହ୍ୱାନ ପରେ ଦକ୍ଷିଣ ଆସାମ ଓ ମଣିପୁରର ଶହ ଶହ ମୈତେୟୀ ସଂପ୍ରଦାୟର ଲୋକ ମିଜୋରାମ ଛାଡୁଥିବା ଜଣାପଡିଛି । ଏନେଇ ମିଜୋରାମ ସରକାର ତୁରନ୍ତ ରାଜ୍ୟରେ ବାସ କରୁଥିବା ମୈତେୟୀ ସଂପ୍ରଦାୟର ଲୋକଙ୍କୁ ସୁରକ୍ଷାର ଆଶ୍ୱାସନା ଦେଇଛନ୍ତି । ମିଜୋରାମର ଏକ ପୂର୍ବ ଉଗ୍ରବାଦୀ ସଂଗଠନର ପରାମର୍ଶ ପରେ ମୈତେୟୀ ସଂପ୍ରଦାୟର ଲୋକ ପଳାୟନ କରୁଛନ୍ତି । ଏନେଇ ମିଜୋରାମର ଜଣେ ଅଧିକାରୀଙ୍କ ମୁତାବକ ଗୃହ ଆୟୁକ୍ତ ଏବଂ ସଚିବ ମୈତେୟୀ ସଂପ୍ରଦାୟର ନେତାଙ୍କ ସହ ବୈଠକ କରିଛନ୍ତି ଓ ସେମାନଙ୍କୁ ସୁରକ୍ଷାର ପ୍ରତିଶ୍ରୁତି ଦେଇଛନ୍ତି । ଅଧିକାରୀକ ସୂଚନା ମୁତାବକ ମିଜୋରାମରେ ପାଖାପାଖି ୧୫୦୦ ମୈତେୟୀ ପରିବାର ବାସ କରୁଛନ୍ତି ଓ ରାଜ୍ୟର ଅନେକ ସ୍ଥାନରେ ସେମାନେ କାମ କରନ୍ତି । ହେଲେ ଏବେ ସେମାନେ ପରିବହନ ବିଭାଗର ବିଭିନ୍ନ ସାଧନ ବ୍ୟବହାର କରି ରାଜଧାନୀ ଆଇଜୋଲ ଛାଡୁଥିବା କଥା ସୂଚନା ମିଳିଛି । ପ୍ରଭାବଶାଳୀ ସିଭିଲ ସୋସାଇଟ ଗ୍ରୁପ ସେଣ୍ଟ୍ରାଲ ୟଙ୍ଗ ଆସୋସିଏସନ ବି ମିଜୋରାମରେ ବାସ କରୁଥିବା ମୈତେୟୀ ସଂପ୍ରଦାୟର ଲୋକଙ୍କୁ ସୁରକ୍ଷାର ଆଶ୍ୱସନା ଦେଇଛନ୍ତି । ମିଜୋ ଛାତ୍ର ସଂଘ ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ମିଜୋରମରେ ମୈତେୟୀ ସଂପ୍ରଦାୟ ବାବଦରେ ଡାଟା ଏକାଠି କରୁଛନ୍ତି । ଏହାସହ ପ୍ରସ୍ତାବିତ ଅଭିଯାନକୁ ରୋକିବାକୁ ନିଷ୍ପତ୍ତି ନେଇଛନ୍ତି । ମଣିପୁରରେ ଦୁଇଜଣ ଆଦିବାସୀ ମହିଳାଙ୍କ ସହ ଯୌନ ଉତ୍ପୀଡନ ଘଟଣାର ଭିଡିଓ ଭାଇରାଲ ହେବା ପରେ ମିଜୋରାମରେ ଏହାର ପ୍ରଭାବ ପଡିଛି । ଏହାର ପ୍ରଭାବରେ ମିଜୋରାମରେ ରହୁଥିବା ମୈତେୟୀ ସଂପ୍ରଦାୟର ଲୋକ ଭୟଭିତ ହୋଇପଡିଛନ୍ତି ।

# ଜେଇ ସିଭିଲ ମେନ୍ ପରୀକ୍ଷା ରଦ୍ଦ କଲା ଓଏସ୍‌ଏସ୍‌ସି



ଭୁବନେଶ୍ୱର, ୨୩/୦୭ (ନି.ପ୍ର): ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ିବା ପରେ ଔର ସିଭିଲ ମେନ୍ ପରୀକ୍ଷା ରଦ୍ଦ କଲା ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ। ଗତ ୧୬ ତାରିଖରେ ହୋଇଥିବା ପରୀକ୍ଷାକୁ ରଦ୍ଦ କରାଯାଇଥିବା ଟ୍ୱିଟ୍ କରି ସୂଚନା ଦେଲେ ଓଏସଏସସି ଚେୟାରମ୍ୟାନ ଅଭୟ। ବାଲେଶ୍ୱର ଏସପିଙ୍କ ରିପୋର୍ଟ ଅନୁସାରେ ପରୀକ୍ଷା ରଦ୍ଦ ହୋଇଛି। ଏଥିସହ ସେପ୍ଟେମ୍ବର ୩ରେ ସାନି ପରୀକ୍ଷା ନେଇ ସୂଚନା ଜାରି କରାଯାଇଛି। ସେପଟେ ବାଲେଶ୍ୱର ଏସପି ସାଗରିକା ନାଥ ଆଜି ସୂଚନା ଦେଇଛନ୍ତି ଯେ, ଗତ ୧୬ ତାରିଖରେ ପଶ୍ଚିମବଙ୍ଗ ଦୀଘାର ଏକ ହୋଟେଲରୁ ଗିରଫ ୯ ଜଣ ଯୁବକ ଔର ସିଭିଲ୍ ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ କରିଥିବା ସ୍ୱୀକାର କରିଛନ୍ତି। ସେମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା ବେଳେ ପୁଲିସ ଜାଣିବାକୁ ପାଇଛି ଯେ, ସେମାନେ ପ୍ରଶ୍ନପତ୍ର ପିଛା ପିଲାଙ୍କ ଠାରୁ ୮ରୁ ୧୦ ଲକ୍ଷ ନେଉଥିଲେ। ଓଡ଼ିଶା ସହିତ ବିହାର, ମଧ୍ୟପ୍ରଦେଶ ଓ ଦିଲ୍ଲୀରେ ବି ସେମାନେ ଏହି ରାକେଟ୍ ଚଳାଇଥିଲେ। ଏହାର ମାଷ୍ଟରମାଇଣ୍ଡ ଚିହ୍ନଟ ହୋଇଛି ଏବଂ ସେ ରାଜ୍ୟ ବାହାରେ ରହିଛି। ତାକୁ ଧରିବା ପାଇଁ ସବୁ ପ୍ରକାର ଉଦ୍ୟମ ଚାଲିଥିବା କହିଛନ୍ତି ବାଲେଶ୍ୱର ଏସପି ସାଗରିକା ନାଥ। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅନୁସନ୍ଧାନରୁ ସ୍ପଷ୍ଟ ହେବା ପରେ ସେ ଏନେଇ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନକୁ ଅବଗତ କରିଥିଲେ।

# ମୟୂରଭଂଜରେ ଜବତ ହେଲା ୪ ବାଘ ଛାଲ: ୩ ଗିରଫ



ଭୁବନେଶ୍ୱର, ୨୩/୦୭ (ନି.ପ୍ର): ବାରିପଦା ବନ ବିଭାଗ ଚଢ଼ାଉ କରି ୪ଟି କଲରାପତରିଆ ବାଘ ଛାଲ ଜବତ କରିଥିବା ଜଣା ପଡିଛି । ବାଘ ଛାଲ ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ତିନିଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି । ବାରିପଦା ଡ଼ିଏଫଓଙ୍କୁ ଆଜି ବିଶ୍ୱସ୍ତ ସୂତ୍ରରୁ ବାଘ ଛାଲ ନେଇ ସୂଚନା ମିଳିବା ପରେ ଏହି ଚଢ଼ାଉ କରାଯାଇଥିଲା। ବାରିପଦା ବନ ବିଭାଗ, ଶିମିଳିପାଳ ବନ ବିଭଗ ଓ ରାଇରଙ୍ଗପୁର ବନ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ଥିଲା । ତେବେ ଏହି ଅଭିଯୁକ୍ତମାନେ କାହାକୁ ଏହା ବିକ୍ରି କରିଥାନ୍ତେ ଓ ଏହା ପଛରେ କୌଣସି ରାକେଟ କାମ କରୁଛି କି ସେ ନେଇ ସ୍ପଷ୍ଟ ହୋଇ ନାହିଁ ସେ ନେଇ ସ୍ପଷ୍ଟ ହୋଇ ନାହିଁ । ତଦନ୍ତ ପରେ ଏହା ସ୍ପଷ୍ଟ ହେବ ବୋଲି ଜଣା ପଡିଛି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଗତକାଲି ଏସଟିଏଫ ପକ୍ଷରୁ ମଧ କଳାହାଣ୍ଡିରେ ଚଢ଼ାଉ କରାଯାଇ ୩ଟି କଲରାପତରିଆ ବାଘ ଛାଲ ଓ ୩ଟି ହରିଣ ଛାଲ ଜବତ କରାଯାଇଥିଲା । କଲରା ପତରିଆ ବାଘ ଛାଲ ଡ଼ିଲ ବେଳେ ଏସଟିଏଫ ମାଡ଼ିବସିଥିଲା ।

## ବନ୍ଦ ଘରୁ ଡାକ୍ତରଙ୍କ ଗଳିତ ମୃତଦେହ ଉଦ୍ଧାର

କଟକ, ୨୩/୦୭ (ନି.ପ୍ର): କଟକରେ ବନ୍ଦ ଘରୁ ଡାକ୍ତରଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଥିବା ଜଣା ପଡିଛି । ଏହି ଘଟଣା କଟକ ଚାଉଳିଆଗଞ୍ଜର ହୋଇଥିବା ବେଳେ ମୃତ ଡାକ୍ତରଙ୍କ ନାଁ ମଲାଡି ଭେଙ୍କଟ ଚନ୍ଦ୍ରଶେଖର। ସେ ସାଲେପୁର ଚିକିତ୍ସା କେନ୍ଦ୍ରର ଡାକ୍ତର ଥିଲେ ଓ ଭଡା ଘରରେ ଏକାକୀ ରହୁ ଥିଲେ । ଘର ଭିତରୁ ଦୁର୍ଗନ୍ଧ ଆସିବା ପରେ ଲୋକେ ପୋଲିସ କୁ ଖବର ଦେଇଥିଲେ।

# ନଇଁଲା ପ୍ରଶାସନ: ପୁରୀବାସୀଙ୍କୁ ଶ୍ରୀମନ୍ଦିରର ପଶ୍ଚିମଦ୍ୱାର ଖୋଲା



ପୁରୀ, ୨୩/୦୭ (ନି.ପ୍ର): ଭକ୍ତଙ୍କ ଦାବି ଆଗରେ ନଇଁଲା ପ୍ରଶାସନ। ପୁରୀ ବାସୀଙ୍କ ପ୍ରବେଶ ପାଇଁ ଆସନ୍ତାକାଲିଠୁ ଖୋଲିବ ଶ୍ରୀମନ୍ଦିର ପଶ୍ଚିମଦ୍ୱାର। ବହୁ ବାଦବିବାଦ ପରେ ଶେଷରେ ପ୍ରଶାସନ ଏହି ନିଷ୍ପତ୍ତି ନେଇଥିବା ଆଜି ଜଣାଇଛି। ପୁରୀ ଉପଜିଲ୍ଲାପାଳ ଭବତାରଣ ସାହୁ ଏହି ସୂଚନା ଦେଇଛନ୍ତି। ପୁରୀବାସୀ ପରିଚୟପତ୍ର ଦେଖାଇ ପଶ୍ଚିମ ଦ୍ୱାରରେ ପ୍ରବେଶ କରିପାରିବେ। ଭକ୍ତଙ୍କ ପାଇଁ ମୋବାଇଲ, ଲଗେଜ୍ ଓ ଜୋତା ରଖିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ସୂଚନା ଥାଉକି, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନେଇ ଭକ୍ତ, ସେବକ ଓ ପୁରୀ ବାସିନ୍ଦା ସମସ୍ତେ ଜୋରଦାର ଦାବି କରିଆସୁଛନ୍ତି। ଆଜି ଖୋଦ୍ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରଶାସନିକ ନିଷ୍ପତ୍ତିକୁ ପ୍ରତିବାଦ ଜଣାଇ ଏକ ଟ୍ୱିଟ୍ କରିଥିଲେ। ଅତି କମରେ ପୁରୀବାସୀଙ୍କ ପ୍ରବେଶ ପାଇଁ ଶ୍ରୀମନ୍ଦିର ଗୋଟିଏ ଦ୍ୱାର ନଖୋଲିଲେ, କାଲିଠୁ ପଶ୍ଚିମଦ୍ୱାର ଆଗରେ ବସି ଠାକୁରଙ୍କୁ ଆରାଧନା କରିବେ ବୋଲି କହିଥିଲେ। ଶେଷରେ କାଲିଠୁ ପଶ୍ଚିମ ଦ୍ୱାର କେବଳ ପୁରୀ ସହରବାସୀଙ୍କ ପାଇଁ ଖୋଲିବ ▶▶ପୃଷ୍ଠା ୭

# କଂଗ୍ରେସରେ ଯୋଗ ଦେଲେ ୨ ପୂର୍ବତନ ଆଇଏଏସ୍ ଓ ୨ ପୂର୍ବତନ ଓଏଏସ୍ ଅଫିସର



ଭୁବନେଶ୍ୱର, ୨୩/୦୭ (ନି.ପ୍ର): କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟର ୪ ଜଣ ବରିଷ୍ଠ ପୂର୍ବତନ ପ୍ରଶାସନିକ ଅଧିକାରୀ ଏମ୍.ଏସ୍.ଏମ୍.ଇ. ର ପୂର୍ବତନ ସଚୀବ ପଂଚାନନ ଦାସ, ଆଇ.ଏସ୍.ଏସ୍., ଷ୍ଟିଲ୍ ଓ ମାଇନ୍‌ସର ସ୍ୱତନ୍ତ୍ର ସଚୀବ, ବିଶ୍ୱନାଥ ଆଚାର୍ଯ୍ୟ, ଆଇ.ଏ.ଏସ୍., ରବୀନ୍ଦ୍ର ନାଥ ମିଶ୍ର, ଓ.ଏ.ଏସ୍., ଅବସରପ୍ରାପ୍ତ ବି.ଡ଼ି.ଏ. ସଚୀବ ଏବଂ ରାଜ୍ୟ ଘରୋଇ ବିଭାଗ (ପ୍ରୋଟକଲ) ସ୍ୱତନ୍ତ୍ର ସଚୀବ, ଅବସର ପ୍ରାପ୍ତ ଓ.ଏ.ଏସ୍., ଶ୍ରୀ ଉଦ୍ଧବ କର କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି ଉପଲକ୍ଷେ ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ କଂଗ୍ରେସ ପ୍ରଭାରୀ ଡଃ ଏ. ଚେଲ୍ଲା କୁମାର ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଉପରୋକ୍ତ ସମସ୍ତ ପଦାଧିକାରୀଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବେ ଗ୍ରହଣ କରିନେଇଥିଲେ। ▶▶ପୃଷ୍ଠା ୭

# ଆଗାମୀ ବିଧାନସଭା ନିର୍ବାଚନରେ ଶହେ ଆସନ କଂଗ୍ରେସର ଟାର୍ଗେଟ: ତାରା



ଭୁବନେଶ୍ୱର, ୨୩/୦୭ (ନି.ପ୍ର): ଆଗାମୀ ବିଧାନସଭା ନିର୍ବାଚନରେ କଂଗ୍ରେସ ଶହେ ଆସନ ହାସଲ କରିବାକୁ କଂଗ୍ରେସ ଲକ୍ଷ୍ୟ ଧାର୍ଯ୍ୟ କରିଛି। ସେହିପରି ୧୫ ଲୋକସଭା ଆସନ ପାଇଁ କଂଗ୍ରେସ ଦଳ ଟାର୍ଗେଟ କରିଛି । କଂଗ୍ରେସ ଦଳର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏ ସମ୍ପର୍କରେ କାର୍ଯକାରିଣୀରେ ବ୍ଲୁ ପ୍ରିଂଟ ତିଆରି କରାଯାଇଛି ।

# ୪୦ ଫୁଟ ବୋରୱେଲକୁ ଖସିପଡିଥିବା ଶିଶୁ ଉଦ୍ଧାର



ନୂଆଦିଲ୍ଲୀ,୨୩/୦୭ : ଉଦ୍ଧାର ହେଲା ବୋରୱେଲରେ ପଡି ଯାଇଥିବା ଶିଶୁ। ଦୀର୍ଘ ସାଢେ ଆଠ ଘଣ୍ଟାର ପ୍ରଚେଷ୍ଟା ପରେ ଉଦ୍ଧାର କରିଛନ୍ତି ଘଉଜର ଟିମ୍। ଆଜି(ରବିବାର) ସକାଳେ ବିହାର ନାଳନ୍ଦାର କୁଲ ଗାଁର ଶିବମ ଖେଳୁଥିବା ସମୟରେ ବୋରୱେଲରେ ପଡି ଯାଇଥିଲା। ଖବର ପାଇ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରିରଖିଥିଲେ। ଶିଶୁଟିକୁ ଉଦ୍ଧାର କରାଯାଇ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ଲେଖାହେବା ସୁଦ୍ଧା ସ୍ୱାସ୍ଥ୍ୟବସ୍ଥା ନେଇ କୌଣସି ସୂଚନା ମିଳିନଥିଲା। ପ୍ରାଥମିକ ଅବସ୍ଥାରେ ଜଣେ ଅଧିକାରୀ କହିଥିଲେ ଯେ, 'ଉଦ୍ଧାର କାର୍ଯ୍ୟର ନିରାପତ୍ତା ଏବଂ କାର୍ଯ୍ୟକ୍ଷମତାକୁ ସୁନିଶ୍ଚିତ କରିବା ପାଇଁ ଏହି ଅଞ୍ଚଳକୁ ନଜରରେ ରଖାଯାଇଛି। ଘଉଜର ଏବଂ ଅନ୍ୟ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି। ଶିଶୁକୁ ଉଦ୍ଧାର କରାଯିବା ପରେ ତୁରନ୍ତ କିପରି ଚିକିତ୍ସା ସହାୟତା ଯୋଗା ଦିଆଯିବ ସେଥିପାଇଁ ଅମ୍ଳଜାନ ସୁବିଧା ସହ ମେଡିକାଲ୍ ଟିମ୍ ମଧ ଉପସ୍ଥିତ ଅଛନ୍ତି।'

# ଗୁଜରାଟ ସ୍ଥିତି ବେହାଲ : ଭାସିଲା ଗାଡ଼ି, ଏୟାରପୋର୍ଟରେ ପଶିଲା ପାଣି



ଗୁଜୁରାଟ,୨୩/୦୭ : ଅବିଶ୍ରାନ୍ତ ବର୍ଷା ଯୋଗୁ ଗୁଜରାଟ ସ୍ଥିତି ବେହାଲ ହୋଇଛି। ବର୍ଷା ଯୋଗୁ ଅଚାନକ ବନ୍ୟା ଗୁଜରାଟର ଅସଲ ଚିତ୍ରକୁ ପଦାରେ ପକାଇଛି। ବନ୍ୟା କେବଳ ଗ୍ରାମାଞ୍ଚଳକୁ ପ୍ରଭାବିତ କରିନି, ବରଂ ସହରାଞ୍ଚଳରେ ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ରାଜ୍ୟର ଅନ୍ୟତମ ବଡ଼ ସହର ଅହମଦାବାଦ ଏୟାରପୋର୍ଟରେ ଆଣ୍ଠୁଏ ଉଚ୍ଚର ପାଣି ଚାଲୁଛି। ଏୟାରପୋର୍ଟର ଭିତର ଅଂଶ ଠାରୁ ଆରମ୍ଭ କରି ବାହାରେ ବର୍ଷା ପାଣି ସୁଅ ମାରୁଛି। ସହରର ଗଳିକନ୍ଦିରେ ବର୍ଷା ପାଣି ଘୁଘୁ କରି ମାଡ଼ି ଚାଲିଥିବା ବେଳେ ଏଥିରେ ଅନେକ କାର ଓ ବାଇକ ଭାସି ଯାଇଛି। କିଛି ସ୍ଥାନରେ ଗୃହପାଳିତ ପଶୁମାନେ ପାଣିର ସୁଅରେ ଭାସି ଯାଇଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଲଗାଣ ବର୍ଷା ଯୋଗୁ ଜୁନାଗଡ଼ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ଭାରତୀୟ ପାଣିପାଗ ଜୁନାଗଡ଼ ପାଇଁ ରେଡ଼ ଆଲର୍ଟ ଜାରି କରିଥିବା ବେଳେ ସହରରେ ୨୪ ଘଣ୍ଟାରେ ରେକର୍ଡ ୨୪୧ ମିମି ବର୍ଷା ହୋଇଛି। ରବିବାର ସକାଳ ୬ଟା ସୁଦ୍ଧା ୨୪୧ ମିମି ବର୍ଷା ହୋଇଥିଲା। ଏବେ ବି ସେଠାରେ ବର୍ଷା ଲାଗି ରହିଥିବାରୁ ସ୍ଥିତି ଆହୁରି ସାଂଘାତିକ ହୋଇଛି। ବର୍ଷା ପାଣି ସୁଅ ମାରିବାରୁ ସହରରେ ଏକାଧିକ କାର ଭାସି ଯାଇଛି। ଗୋଟିଏ କାର ଉପରେ ଆଉ ଗୋଟିଏ କାର ଚଢ଼ି ଯାଇଛି। ଅନେକ ସ୍ଥାନରେ କାର ଉପରେ କାର ମାଡ଼ି ଯିବା ଫଟୋ ମଧ ସାମ୍ନାକୁ ଆସିଛି। ସେହିପରି ବର୍ଷା ପାଣିର ସୁଅରେ ଅନେକ ଗାଇ ଓ ମଇଁଷି ମଧ ଭାସି ଯାଇଛନ୍ତି। ଦୁଇଟି ଜାତୀୟ ରାଜପଥ, ୧୦ଟି ରାଜ୍ୟ ରାଜପଥ ଓ ୩୦୦ଟି ଗ୍ରାମୀଣ ରାସ୍ତାରେ ଯାତାୟାତ ଠପ ହୋଇଯାଇଛି। ସହରାଞ୍ଚଳରେ ବର୍ଷା ପାଣି ଜମି ରହିବାରୁ ଉକ୍ଟ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ଆଜି ସକାଳୁ କିଛି ସ୍ଥାନରେ ବର୍ଷା ସାମାନ୍ୟ ଛାଡ଼ିବାରୁ ସ୍ଥାନୀୟ ପ୍ରଶାସନ ଓ ଏନଡିଆରଏଫ ଟିମ ଜଳବନ୍ଦୀ ହୋଇ ରହିଥିବା ଲୋକଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛନ୍ତି। ▶▶ପୃଷ୍ଠା ୭

# ଜାତୀୟ ରାଜପଥ ନିର୍ମାଣରେ ବାଧକ ମାଲମାଲ ମାମଲା : ଅସମ୍ପୂର୍ଣ୍ଣ କାମ ପାଇଁ ବଢ଼ୁଛି ଦୁର୍ଘଟଣା



କେନ୍ଦୁଝର , ୨୩/ ୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ନିର୍ମାଣରେ ବାଧକ ସାଜିଛି ମାମଲା । ଜମି ଅଧିଗ୍ରହଣ ସମ୍ପର୍କିତ ମାଲମାଲ ମାମଲା ପଡ଼ିଥିବାରୁ ରାଜପଥ ନିର୍ମାଣ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଛି । ଅସଂପୂର୍ଣ୍ଣ ନିର୍ମାଣ ପାଇଁ ଦୁର୍ଘଟଣା ଘଟି ଲୋକେ ମୃତାହତ ହେଉଛନ୍ତି ।

ସିଙ୍ଗଡା-ବିଂଝବାହାଳ ଜାତୀୟ ରାଜପଥର ଜମି ଅଧିଗ୍ରହଣ ସମ୍ପର୍କିତ ମୋଟ ୧୧୩୧ଟି ମାମଲା ମଧ୍ୟରୁ ଏବେ ସୁଦ୍ଧା ୮୬୫ଟିର ବିଚାର ସରିଛି । ଆହୁରି ୨୬୬ଟି ମାମଲା ପଡ଼ିରହିଛି । ସେହିପରି ରିଟ୍ ପିଟିସନ ମାମଲା ସଂଖ୍ୟା ହେଉଛି ୧୦ । ଏଥିରୁ ଦୁଇଟିର ବିଚାର ଶେଷ ହୋଇଥିବା ବେଳେ ୮ଟି ବିଚାରାଧୀନ ରହିଛି । ୨୭ଟି ସିଭିଲ ସୁଟ୍ ମାମଲା ମଧ୍ୟରୁ ଦୁଇଟିର ସମାଧାନ ହୋଇଥିବା ବେଳେ ୨୫ଟି ପଡ଼ିରହିଛି । ୧୭୧ଟି ରେଫରାଲ ମାମଲା ମଧ୍ୟରୁ ୪ଟି ବିଚାର ସରିଛି । ୧୬୭ଟି ବାକି ରହିଛି । ସେହିପରି ଆରବିଟ୍ରେସନ ମାମଲା ୮୨ଟି ମଧ୍ୟରୁ ୪୭ଟିର ବିଚାର ସରିଛି । ୩୫ଟି ମାମଲା ବିଚାର ନହୋଇ ପଡ଼ିଛି । ସେହିପରି ଅପିଲ କେସ୍ ୧୦ଟିରୁ ୩ଟିର ବିଚାର ଶେଷ ହୋଇଛି । ୭ଟି ବିଚାରାଧୀନ ରହିଛି । ସିଏମ୍ଏ ମାମଲା ୧୯ଟି ମଧ୍ୟରୁ ଦୁଇଟିର ବିଚାର ଶେଷ ହୋଇଥିବା ବେଳେ ୧୭ଟି ପଡ଼ିଛି । ମୋଟ ୧୪୫୦ଟି ମାମଲା ହୋଇଥିବା ବେଳେ ୯୨୮ଟିର ବିଚାର ସରିଛି । ୫୨୨ଟି ବିଚାରାଧୀନ ରହିଛି । ବହୁ ସଂଖ୍ୟାରେ ମାମଲା ବିଚାର ନହୋଇ ପଡ଼ିଥିବାରୁ ଜମି ଅଧିଗ୍ରହଣ ଅବଧି ଆହୁରି ବର୍ଷେ ବଢ଼ାଯିବ । ୨୦୨୩ ମେ ୧ରୁ ୨୦୨୪ ଏପ୍ରିଲ ୩୧ ପର୍ଯ୍ୟନ୍ତ ଏହି ଜମି ଅଧିଗ୍ରହଣ କାର୍ଯ୍ୟାଳୟର ଅବଧି ବଢ଼ିବ ବୋଲି ଜଣାପଡ଼ିଛି ।

# ମାଟିଲଗ୍ନା ସାହିତ୍ୟ ସଂସଦ ତରଫରୁ ଉଦଘାଟନୀ ଉତ୍ସବ ପାଳିତ

ଜୟପୁର, ୨୩/ ୦୭ (ନି.ପ୍ର): କୋରାପୁଟ ଜିଲ୍ଲାର କୁନ୍ଦ୍ରା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମାଟିଲଗ୍ନା ସାହିତ୍ୟ ସଂସଦ ଓଡ଼ିଶା, ମାଲକାନଗିରି ଓ କୋରାପୁଟ ଜିଲ୍ଲା ଶାଖା ତରଫରୁ ଅନୁଷ୍ଠାନର ସପ୍ତାହ ବ୍ୟାପୀ ତୃତୀୟ ରାଜ୍ୟ ସ୍ତରୀୟ ପ୍ରତିଷ୍ଠା ଦିବସର ଉଦ୍ଘାଟନୀ ସମାରୋହ ପାଳନ ଅବସରରେ ଏକ ଆଲୋଚନାଚକ୍ର ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କବି ଯଜ୍ଞେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଟିଲଗ୍ନା ସାହିତ୍ୟ ସଂସଦ ରାଜ୍ୟ ସଭାପତି ତଥା ମାଲକାନଗିରି ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ କିଶୋର ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ଆଇନଜୀବୀ ହରିହର କରସୁଧା ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଆଚାର୍ଯ୍ୟ ଭଗବାନ ପାଢ଼ୀ, ମାଟିଲଗ୍ନା ରାଜ୍ୟ ସମ୍ପାଦକ ଜୟନ୍ତ କୁମାର ମହାଳିକ, ବିଶିଷ୍ଟ ସାହିତ୍ୟିକ ଡଃ. ମହାଦେବ ଶତପଥି ଯୋଗଦାନ କରି ଆଲୋଚ୍ୟ ପ୍ରସଙ୍ଗ : ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ତଥା ସୁରକ୍ଷା ପାଇଁ ସାହିତ୍ୟିକମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲ୍ଲାର କବି ଓ କବୟିତ୍ରୀ ବୃନ୍ଦ ଉପସ୍ଥିତ ରହି ସ୍ୱ ରଚିତ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାନକୀ ପାଣଗ୍ରାହୀ, ଡଃ. ମହାଦେବ ଶତପଥି, କିଶୋର ମିଶ୍ର, ସନ୍ତୋଷ କୁମାର ସାହୁ, ମନୋଜ କୁମାର ପଣ୍ଡା, ଅଶୋକ ପାଢ଼ୀ, ନୃସିଂହ ପ୍ରସାଦ ଷଡଙ୍ଗୀ, ଅନନ୍ତ ବିଜୟ ଧୀବର, ଶୋଭାଗିନୀ ନନ୍ଦ, ଭାରତୀ ମିଶ୍ର, ପୁଷ୍ପାଞ୍ଜଳି ଦେବୀ, ଅଶୋକ ମହାରଣା, ଅବିନାଶ ସନ୍ତାପାତ୍ର, ବୈରାଗୀ ଚରଣ ସାହୁ, ସୁକୁମାର ବିଶ୍ୱାଳ, ଡଃ. ରାଜେନ୍ଦ୍ର ପାଢ଼ୀ, ବଂଶୀଧର ମହାରଣା, ସୁଧୀର କୁମାର ମହାପାତ୍ର, ପ୍ରମୋଦ କୁମାର ରାଉଳ, ସୁରେନ୍ଦ୍ର କୁମାର ସାହୁ, ନିହାର ରଞ୍ଜନ ରାଉତରାୟ, ପ୍ରତୀତ କାଂଚନ ସାହୁ, ବିରଂଚି ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କବିତା ପାଠ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ କବି ଶୋଭାଗିନୀ ନନ୍ଦ ସ୍ୱାଗତ ଭାଷଣ ଓ କବି ଅଶୋକ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୁଷ୍ପାଞ୍ଜଳି ଦେବୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଚିବ ସ୍ୱର୍ଗତ ପ୍ରବୋଧ କୁମାର ରାଉତଙ୍କ ଆତ୍ମାର ସଦ୍ଗତି ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । କବି କିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ଚରଣରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବି ସିମାଚଂଳ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗବେଷକ ଡଃ. ରାଜେନ୍ଦ୍ର ପାଢ଼ୀ ଓ କୃଷ୍ଣପଦ ରାୟ ଏବଂ ସଂଯୋଜିକା ଭାବେ କବୟିତ୍ରୀ ସବିତା ଶତପଥୀ ଓ ଶୋଭାଗିନି ନନ୍ଦ କବିତା ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅନ୍ୟାନ୍ୟ ବୁଦ୍ଧିଜୀବୀ ତଥା ସାହିତ୍ୟାନୁରାଗୀଗଣ ହେଲେ କୃଷ୍ଣା କୁମାରୀ ଦାଶ, ତପସ୍ୱିନୀ ସାହୁ, ସ୍ୱରୂପ କୁମାର ଦାଶ, ଅଜୟ କୁମାର ପରିଡ଼ା, ଜୟନ୍ତୀ ସାହୁ ପ୍ରମୁଖ ।

# ଉତରାଂଚଳ ରାଜସ୍ୱ ଆୟୁକ୍ତଙ୍କ ଜିଲ୍ଲା କାର୍ଯ୍ୟାଳୟ ପରିଦର୍ଶନ

ଝାରସୁଗୁଡ଼ା, ୨୩/ ୦୭ (ନି.ପ୍ର): ଉତରାଂଚଳ ରାଜସ୍ୱ ଆୟୁକ୍ତ ଡ.ସୁରେଶ ଚନ୍ଦ୍ର ଦଳାଇ, ଆଇଏଏସ୍ ଜିଲ୍ଲା କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି । ଏହି ଅବସରରେ ରାଜସ୍ୱ ଆୟୁକ୍ତ ଡ. ଦଳାଇ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା ପୂର୍ବକ ଅଧିକାରୀମାନଙ୍କୁ ଯୋଜନା ଓ ପ୍ରକଳ୍ପ ଅନୁଯାୟୀ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଧାର୍ଯ୍ୟ ସମୟ ମଧ୍ୟରେ ଯୋଜନା ଓ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସକାଶେ ଅନୁଧ୍ୟାନ ପାଇଁ ରାଜସ୍ୱ ଆୟୁକ୍ତ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ । ରାଜସ୍ୱ ଆୟୁକ୍ତଙ୍କ ପରିଦର୍ଶନ ସମୟରେ ଜିଲ୍ଲାପାଳ ଆବୋଲୀ ସୁନିଲ ନରୱ୍ଣେଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ପ୍ରବନ୍ଧକ ନିର୍ଦ୍ଦେଶକ(ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପ୍ରବୀର କୁମାର ନାୟକ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଫୁଲବାଣୀରେ ରୋଟାରୀ କ୍ଲବ ପକ୍ଷରୁ ବୃକ୍ଷରୋପଣ

କନ୍ଧମାଳ, ୨୩/ ୦୭ (ନି.ପ୍ର): ରବିବାର ଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ ଫୁଲବାଣୀ ଜଙ୍ଗଲ ବିଭାଗ ରେଞ୍ଜରଙ୍କ ସହାୟତାରେ ସାର୍ତାଗୁଡ଼ା ସ୍ଥିତ ବେଦାନ୍ତ ଆଶ୍ରମ ଠାରେ ଜଙ୍ଗଲ ସୁରକ୍ଷା ସଚେତନତା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ସକାଳ ୯ଟାରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଭିନ୍ନ କିସମର ବୃକ୍ଷଚାରା ରୋପଣ କରାଯାଇ ଏହାର ଯତ୍ନ ନିଆଯିବ ବୋଲି ସଭାନେତ୍ରୀ ଶ୍ରୀମତୀ ବିରାଜିନୀ ମହାପାତ୍ର କହିଛନ୍ତି । ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ୍ ସଦସ୍ୟ ଓ ସେମାନଙ୍କ ନିକଟ ସଂପର୍କୀୟ, ସାମ୍ବାଦିକ, ସମାଜସେବୀ, ପରିବେଶବିତ ଓ ଜଙ୍ଗଲ ବିଭାଗ କର୍ମଚାରୀ ମାନେ ଯୋଗ ଦେଇଥିଲେ । ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଂପାଦିକା ସୁନିତୀ ଆଚାରୀ, ବରିଷ୍ଠ ସାମ୍ବାଦିକ ତଥା ରୋଟାରିଆନ ସୁନୀଲ ପଟ୍ଟନାୟକ, ପୂର୍ବତନ ସଭାପତି ହରିଶ୍ଚନ୍ଦ୍ର ମହାରଣା, ବିରଜା ପ୍ରସାଦନାହକ, ପ୍ରଶାନ୍ତ ପାଣିଗ୍ରାହୀ, ପ୍ରସନ୍ନ ପଣ୍ଡା, ଦେବେନ୍ଦ୍ର ପାତ୍ର, ରବିନାରାୟଣ ସୁବୁଦ୍ଧି, କୁନ୍ଦନ ସିଂ, ସଞ୍ଜିତ ପାତ୍ର, ସୁନୀତା ରାଣୀ ନାୟକ, ଅନୀତା ପଟ୍ଟନାୟକ, ଶୁଭ୍ରା ରାଣୀ ପଟନାୟକ, ପ୍ରକାଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୨୩/ ୦୭ (ନି.ପ୍ର): ସ୍ଥାନୀୟ ଅରବିନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତରଫରୁ ଆଜି ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପ୍ରଧାନଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ଏବଂ ବିଦ୍ୟାଳୟ ପରିବେଶ ପ୍ରମୁଖ ସୁନିତା ପଣ୍ଡାଙ୍କ ତତ୍ୱାବଧାନରେ ଦଶମ ଶ୍ରେଣୀ ଭାଇଭଉଣୀମାନେ ବୃକ୍ଷରୋପଣ କରିଥିଲେ । ବିଦ୍ୟାଳୟ ଛକ, ଏକଟଗୁଡ଼ା କେନାଲ ଛକ, ଦୁବୁଲି ଛକ, ବଙ୍ଗଳା ବାଡ ଛକ ଏବଂ ପାଲିଗୁଡା ନିକଟସ୍ଥ ବିଦ୍ୟାଳୟର ନିଜସ୍ୱ ଭୂମିରେ ପ୍ରାୟ ୧୦୦ଟି ଔଷଧୀୟ ଚାରା ରୋପଣ କରାଯାଇଥିଲା । ସଭାପତି ପ୍ରେମାନନ୍ଦ ନାୟକଙ୍କ ସମେତ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତା ତଥା ଅଭିଭାବକ ଆଇନଜିବୀ ଗିରିଧାରୀ ଖରା ଏବଂ ତପନ ମହାପାତ୍ର ମଧ ଉପସ୍ଥିତ ଥିଲେ । ଏହି ଅବସରରେ ଶିକ୍ଷା ବିକାଶ ସମିତି, ଓଡିଶାଙ୍କ ଦକ୍ଷିଣ ସଂଭାଗ ସଂଯୋଜକ ସୁକାନ୍ତ କୁମାର ବେହେରା ଓ ସହ ବିଭାଗ ନିରୀକ୍ଷକ ମାଧବ ଚନ୍ଦ୍ର ଶତପଥୀଙ୍କ ସମେତ ଜୟପୁର ସଙ୍କୁଳ ଅର୍ଥାତ୍ ଜୟପୁର, ଆମ୍ବଗୁଡ଼ା, ବୋରିଗୁମ୍ମା, କୁମୁଲି, କୋଟପାଡ଼, ବୈପାରିଗୁଡା, ଲମତାପୁଟ ଏବଂ କୁନ୍ଦୁରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମୂହର ପ୍ରଧାନଆଚାର୍ଯ୍ୟ ଏବଂ ସମ୍ପାଦକ ମାନଙ୍କ ଦ୍ୱାରା ଅରବିନ୍ଦନଗର ଛକଠାରେ ମଧ ବୃକ୍ଷରୋପଣ କରାଯାଇଥିଲା ।

# ଶ୍ମଶାନ ଜାଗାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ

ମାଲକାନଗିରି, ୨୩/ ୦୭ (ନି.ପ୍ର): ଶ୍ମଶାନ ଜାଗାକୁ ନେଇ ଲାଗିରହିଛି ବିବାଦ । ଏଭଳି ଘଟଣା ଦେଖିବା ପାଇଁ ମିଳିଛି କାଲିମେଳା ବ୍ଲକ ଏମ୍. ଭି-୮୦ ବନ୍ଧଗୁଡା ଗ୍ରାମରେ । ସୂଚନା ଥାଉକି, ଏମ୍. ଭି-୮୦ ଗ୍ରାମର ତାପସ ବୈରାଗୀ ନାମକ ଜଣେ ବ୍ୟକ୍ତି ଦୀର୍ଘ ବର୍ଷ ଧରି ସେହି ଜାଗାକୁ ଚାଷ କରିବା ସହ ତାରବାଡ଼ରେ ଘେରି ରଖିଥିବା ଯୋଗୁଁ ଶ୍ମଶାନ ଜାଗାକୁ ଯିବାକୁ ବାଟ ନ ଥିବା ବେଳେ ଏହି ଜାଗାକୁ ଜବରଦଖଲ କରି ନିଜ ମନ ଇଚ୍ଛାରେ ଜାଗାକୁ ଘେରି ରଖି ଥିବା ବେଳେ ଅନ୍ୟ ଜଣେ ଲୋକ ଶ୍ମଶାନ ଜାଗାକୁ ଭାଙ୍ଗି ଚାଷ କରୁଥିବା ନଜରକୁ ଆସିବା ପରେ ବନ୍ଧଗୁଡା ଗ୍ରାମବାସୀ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଧମକ ଦେଉଛନ୍ତି ଏମ୍. ଭି-୮୦ ଗ୍ରାମର ତାପସ ବୈରାଗୀ ଏବଂ ଲକ୍ଷ୍ମୀପୁର ଗ୍ରାମର ମଙ୍ଗଳା ଖଲାବି । ଏହି ଦୁଇ ବ୍ୟକ୍ତି ଏହି ଜାଗାକୁ ହଡ଼ପ କରିବା ପାଇଁ ବସିଥିବା ବେଳେ ବର୍ତମାନ ବନ୍ଧଗୁଡା ଗ୍ରାମବାସୀ ସେହି ଶ୍ମଶାନ ଜାଗା ପାଇଁ ବହୁତ ଥର ପ୍ରଶାସନକୁ ନିବେଦନ କରିବା ସହ ଗୁହାରି ମଧ କରି ଆସୁଛନ୍ତି । ଶ୍ମଶାନ ଜାଗାକୁ ବନ୍ଧଗୁଡା ଗ୍ରାମବାସୀ ଆଜକୁ ୧୩ ବର୍ଷ ଧରି ଏହି ଜାଗାକୁ ଶ୍ମଶାନ ଭାବେ ନିରୂପଣ କରିଥିଲେ । ଏହା ସହ ୧୦ ବର୍ଷ ଧରି ଏହି ଶ୍ମଶାନ ଜାଗା ପାଇଁ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ମାନଙ୍କୁ ଜଣେଇବା ସତ୍ୱେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବା ବେଳେ ଏବେ ବନ୍ଧଗୁଡା ଗ୍ରାମବାସୀ ଦୁଃଖରେ ଭାଙ୍ଗି ପଡିଛନ୍ତି । କିଛି ଦିନ ତଳେ ଏହି ବନ୍ଧଗୁଡା ଗ୍ରାମର ଏକ ପରିବାରର ଜଣେ ବୁଢ଼ା ଲୋକ ମୃତ୍ୟୁବରଣ କରିଥିବା ବେଳେ ଶ୍ମଶାନ ଜାଗାକୁ ଯିବା ପାଇଁ ବହୁତ ବିବାଦ ସୃଷ୍ଟି ହେବା ସହ ତାରବାଡ଼ ଓ ଚାଷ ଜମିକୁ ଡେଇଁ ବହୁତ କଷ୍ଟରେ ଯିବା ପାଇଁ ପଡିଥିଲା । ଏହି ବନ୍ଧଗୁଡା ଗ୍ରାମରେ ୪୦ ଟି ପରିବାର ବସବାସ କରୁଥିବା ବେଳେ ଏଠିକାର ଲୋକେ ସବୁ କୁଲି ମଜୁରୀ କରି ଚଳୁଥିବା ଦେଖିବା ପାଇଁ ମିଳୁଛି । ଏହି ବନ୍ଧଗୁଡା ଗ୍ରାମରେ ହିନ୍ଦୁ ଏବଂ ଖ୍ରୀଷ୍ଟୟାନ ପରିବାର ମିଳିମିଶି ରହିଆସୁଛନ୍ତି ।

# ଯୁବ ଭୋଟରଙ୍କୁ ଥୋପ : ସବୁ ପଂଚାୟତକୁ ମିଳିବ ଅଢ଼େଇ ଲକ୍ଷ ଟଙ୍କାର କ୍ରୀଡ଼ା ଉପକରଣ

ଭୁବନେଶ୍ୱର, ୨୩/ ୦୭ (ନି.ପ୍ର):୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟର ସବୁ ପଂଚାୟତ ଓ ସହରାଂଚଳର ପ୍ରାୟ ୮ହଜାର ବିଜୁ ଯୁବ ବାହିନୀକୁ ୫୦ହଜାର ଟଙ୍କା ଲେଖାଏଁ କ୍ରୀଡ଼ା ସାମଗ୍ରୀ ବାଂଟିଥିବା ବିଜେଡି ସରକାର ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଅନୁରୂପ ପଦକ୍ଷେପ ନେଇଛନ୍ତି । ପ୍ରତି ପଂଚାୟତକୁ କ୍ରୀଡ଼ା ଓ ଜିମ୍ ଉପକରଣ ପାଇଁ ୨.୫୦ଲକ୍ଷ ଟଙ୍କା ଦିଆଯିବ । 'ନୂଆ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ଏହି ଅର୍ଥ ପଂଚାୟତକୁ ଯୋଗାଇ ଦିଆଯିବ । କ୍ରୀଡ଼ା ବିଭାଗର ସୁପାରିଶ ଆଧାରରେ ପଂଚାୟତିରାଜ ବିଭାଗ ଗତ ୨ଦିନ ତଳେ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏନେଇ ନିର୍ଦ୍ଦେଶନାମା ଜାରି କରିଛି । ଏହି କ୍ରୀଡ଼ା ଓ ଜିମ୍ ଉପକରଣ ବାଂଟି ଶାସକ ବିଜେଡି ରାଜ୍ୟର ଛାତ୍ର ଓ ଯୁବ ଭୋଟରଙ୍କୁ ଆକୃଷ୍ଟ କରିବାକୁ ରଣନୀତି ପ୍ରସ୍ତୁତ କରିଛି । ସୂଚନା ଅନୁସାରେ, ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ସଚିବ ଆର ଭିନିଲକ୍ରିଷ୍ଣା ଚଳିତମାସ ୧୯ତାରିଖରେ ରାଜ୍ୟ ପଂଚାୟତିରାଜ ବିଭାଗର ପ୍ରମୁଖ ସୁଶୀଲ କୁମାର ଲୋହାନୀଙ୍କୁ ଚିଠି ଲେଖି 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ଯୁବବର୍ଗଙ୍କ ପାଇଁ କ୍ରୀଡ଼ା ସୁବିଧାର ବିକାଶ ଓ କ୍ରୀଡ଼ାର ପ୍ରୋତ୍ସାହନ ନିମନ୍ତେ ପଂଚାୟତସ୍ତରରେ ଯୁବବର୍ଗଙ୍କୁ କ୍ରୀଡ଼ା ଉପକରଣ ଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଉନ୍ନତମାନର କ୍ରୀଡ଼ା ଉପକରଣ ମାଧ୍ୟମରେ ଯୁବବର୍ଗଙ୍କ ଶାରୀରିକ ଓ ମାନସିକ ସୁସ୍ଥତାକୁ ସୁନିଶ୍ଚିତ କରିବା ଓ ସେମାନଙ୍କୁ କ୍ରୀଡ଼ା ପ୍ରତି ଆକର୍ଷିତ କରାଯାଇପାରିବ । ସେଥିପାଇଁ କ୍ରୀଡ଼ା ବିଭାଗ ପକ୍ଷରୁ ମୋଟ ୨୩ଟି କ୍ରୀଡ଼ାର ବିଭିନ୍ନ ଉପକରଣ ଓ ଗୋଟିଏ ଜିମ୍ କିଟ୍ ପ୍ରଦାନ ନିମନ୍ତେ ତାଲିକା ଦିଆଯାଇଛି । ବିଭିନ୍ନ ଜିଲ୍ଲାରେ ଯୁବବର୍ଗଙ୍କ ମଧ୍ୟରେ ଭିନ୍ନ ଭିନ୍ନ କ୍ରୀଡ଼ାର ଚାହିଦା ଥିବାରୁ ଏହି ତାଲିକା ମଧ୍ୟରୁ ସେମାନଙ୍କୁ ଆବଶ୍ୟକ ଉପକରଣ ଦେବା ନିମନ୍ତେ ପଂଚାୟତସ୍ତରରେ ଏହି କ୍ରୀଡ଼ା ଉପକରଣ କ୍ରୟ କରିବା ପାଇଁ ପରାମର୍ଶ ଦେଇଛନ୍ତି । ଯାହା ଉପରେ ତତ୍କାଳ ପଦକ୍ଷେପ ନେଇ ପଂଚାୟତିରାଜ ବିଭାଗର ନିର୍ଦ୍ଦେଶକ(ସ୍ୱତନ୍ତ୍ର ପ୍ରକଳ୍ପ) ଅରବିନ୍ଦ ଡାକୁଆ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ କାର୍ଯ୍ୟନିବାହୀ ଅଧିକାରୀଙ୍କୁ ଚିଠି ଲେଖି 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ଏହି କ୍ରୀଡ଼ା ଉପକରଣ କ୍ରୟ ନିମନ୍ତେ ପ୍ରତି ପଂଚାୟତ ପିଛା ଅଢ଼େଇ ଲକ୍ଷ ଟଙ୍କା ଆବଂଟନର ପ୍ରସ୍ତାବ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଇବାକୁ କହିଛନ୍ତି । ଉଲ୍ଲେଖଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନର ଗୋଟିଏ ବର୍ଷ ପୂର୍ବରୁ ରାଜ୍ୟ ସରକାର 'ବିଜୁ ଯୁବ ବାହିନୀ' ନାଁରେ ନୂଆ ଯୋଜନା କାର୍ଯ୍ୟକାରୀ କରି ସମଗ୍ର ରାଜ୍ୟରେ ପ୍ରାୟ ୮ହଜାର ବିଜୁ ଯୁବ ବାହିନୀ ୟୁନିଟ୍ ଗଠନ କରିଥିଲେ । ଯେଉଁଥିରେ ୧୫ରୁ ୩୫ବର୍ଷ ବୟସର ପ୍ରାୟ ୨.୮୦ଲକ୍ଷ ଯୁବକଯୁବତୀ ସଦସ୍ୟ ରହିଥିଲେ । ଆଉ ସରକାର ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବିଜୁ ଯୁବ ବାହିନୀକୁ ୫୦ହଜାର ଟଙ୍କାର କ୍ରୀଡ଼ା ସାମଗ୍ରୀ ପ୍ରଦାନ କରିଥିଲେ । ନିର୍ବାଚନ ପରେ ସେହି ଯୋଜନାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ସହ ବିଜୁ ଯୁବ ବାହିନୀ ଅସ୍ତିତ୍ୱ ହରାଇଥିଲା ଆଉ ସେହି କ୍ରୀଡ଼ା ସାମଗ୍ରୀ ବି କାହା ପାଖରେ ରହିଲା ତାହା କେହି ଜାଣିପାରିଲେ ନାହିଁ । ଆଉ ସବୁ ଯୁବ ବାହିନୀ ସଦସ୍ୟମାନେ ବିଜେଡି ସମର୍ଥିତ ଥିଲେ । ଏବେ ରାଜ୍ୟ ସରକାର ଅନୁରୂପ ଭାବେ ପ୍ରତି ପଂଚାୟତକୁ ଅଢ଼େଇ ଲକ୍ଷ ଟଙ୍କାର କ୍ରୀଡ଼ା ଉପକରଣ ବାଂଟିବାକୁ ନିଷ୍ପତ୍ତି ନେଇଛନ୍ତି । 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ଏହି କ୍ରୀଡ଼ା ଉପକରଣକୁ ପଂଚାୟତସ୍ତରରେ ରକ୍ଷଣାବେକ୍ଷଣ ପାଇଁ ଯଦି ସରକାର ଆବଶ୍ୟକ ଗାଇଡଲାଇନ୍ ପ୍ରସ୍ତୁତ ନକରିବେ ତା'ହେଲେ ବିଜୁ ଯୁବ ବାହିନୀକୁ ବଂଟା ଯାଇଥିବା କ୍ରୀଡ଼ା ଉପକରଣ ଭଳି ଅନୁରୂପ ସ୍ଥିତି ଉପୁଜିବ । ଆଉ ରାଜ୍ୟ ରାଜକୋଷ ଅର୍ଥ କେବଳ ପାଣିରେ ପଡ଼ିବା ସାର ହେବ । ସୂଚନାଯୋଗ୍ୟ,ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପ୍ରତ୍ୟେକ ପଂଚାୟତକୁ ୫୦ଲକ୍ଷ ଟଙ୍କା ଯୋଗାଇ ଦେବାକୁ ସରକାର ଘୋଷଣା କରିଛନ୍ତି । ଏହି ଯୋଜନାରେ ପ୍ରତ୍ୟେକ ପ୍ରକଳ୍ପର ସର୍ବନିମ୍ନ ମୂଲ୍ୟ ଅଢ଼େଇ ଲକ୍ଷ ଓ ସର୍ବାଧିକ ୧୦ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଛି । ପ୍ରତି ପଂଚାୟତରେ ସର୍ବାଧିକ ୨୦ଟି ପ୍ରକଳ୍ପକୁ ଅନୁମୋଦନ ମିଳିବ । ଏହି ଯୋଜନାରେ ଗାଁ ରାସ୍ତା, କଂକ୍ରିଟ ରୋଡ୍ , ପୋଖରୀ ଖନନ, ଗାର୍ଡ ୱାଲ, ଗାଁ ପାର୍କ, ପ୍ରୋସେସିଂ ୟୁନିଟ୍ ପାଇଁ ମେସିନ୍ , ସୌନ୍ଦର୍ଯ୍ୟକରଣ, ୱାଲ ପେଣ୍ଟିଂ, ଆମ ଗାଁ ଆମ ବିକାଶର ଅସମ୍ପୂର୍ଣ୍ଣ କାର୍ଯ୍ୟ , କ୍ରୀଡ଼ା ଗ୍ୟାଲେରୀ, ପାଚେରୀ, ମନ୍ଦିର/ ଚର୍ଚ୍ଚ ନାଁ ଲେଖିବା, ଭାଗବତ ଟୁଙ୍ଗୀ ଆଦି ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ପଂଚାୟତିରାଜ ବିଭାଗ ତା'ର ଗାଇଡଲାଇନରେ ଉଲ୍ଲେଖ କରିଛି ।

# ଚୁଡ଼ଙ୍ଗ ଗଡ଼ରେ ରାଜ୍ୟ ସରକାରଙ୍କ ବେଆଇନ ନିର୍ମାଣ : ଏତଲା ଦେଲା ଏଏସଆଇ

ଭୁବନେଶ୍ୱର, ୨୩/ ୦୭ (ନି.ପ୍ର): ଏକାଦଶ ଶତାବ୍ଦୀର ସଂରକ୍ଷିତ ଚୁଡ଼ଙ୍ଗ ଗଡ଼ ଦୁର୍ଗର ସଂରକ୍ଷିତ ଅଂଚଳକୁ ଜବରଦଖଲ କରି ରାଜ୍ୟ ସରକାର କରୁଥିବା ହଷ୍ଟେଲ ଓ ପ୍ରଶାସନିକ କୋଠା ନିର୍ମାଣକୁ ତୁରନ୍ତ ବନ୍ଦ ନିମନ୍ତେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସଆଇ) ପରାମର୍ଶ ଦେଇଛି । ଯଦି ଏହି ଜବରଦଖଲ ଓ ବେଆଇନ ନିର୍ମାଣ ତୁରନ୍ତ ବନ୍ଦ ନହୁଏ ତା'ହେଲେ ଆମସାର ଆକ୍ଟ-୧୯୫୮ ଏବଂ ପବ୍ଲିକ ପ୍ରିମିସେସ୍ ଆକ୍ଟ-୧୯୭୧ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଏସଆଇ କର୍ତ୍ତୃପକ୍ଷ ଚେତାବନୀ ଦେଇଛନ୍ତି । ଏଏସଆଇ ଦ୍ୱାରା ସଂରକ୍ଷିତ 'ଚୁଡ଼ଙ୍ଗଗଡ଼ ଦୁର୍ଗ'ରେ ବେଆଇନ ନିର୍ମାଣକୁ ତୁରନ୍ତ ବନ୍ଦ ପାଇଁ ଏଏସଆଇ କର୍ତ୍ତୃପକ୍ଷ ଗତ ମେ' ୨ତାରିଖରେ ଚିଠି ଲେଖି ପରାମର୍ଶ ଦେଇଥିଲେ ମଧ ରାଜ୍ୟ ସରକାର ସେଥିପ୍ରତି କର୍ଣ୍ଣପାତ ନକରିବାରୁ ଗତକାଲି ଦ୍ୱିତୀୟଥର ପାଇଁ ଏଭଳି ଚିଠି ଲେଖିଛନ୍ତି । କିନ୍ତୁ କାମ ବନ୍ଦ ବଦଳରେ ଏବେ ଅଧିକ ଦ୍ରୁତ ଗତିରେ ଚାଲୁଥିବା ଲକ୍ଷ୍ୟ କରି ଗତ ୧୮ ତାରିଖରେ ବିଭାଗୀୟ ଶାସନ ସଚିବଙ୍କୁ ପୁଣି ଏକ ଚିଠି ଲେଖିଛି ଇଝଓ । ଯେଉଁଥିରେ ରାଜ୍ୟ ସରକାରଙ୍କ ଏ ନିର୍ମାଣ କାର୍ଯ୍ୟକୁ ଆମସାର ଆକ୍ଟର ଖୋଲା ଉଲ୍ଲଂଘନ ବୋଲି ଦର୍ଶାଯାଇଛି । ତା ସହ ସଂପୃକ୍ତ ଜମି ମାଫିଆ ଓ ରାଜ୍ୟ ସରକାରଙ୍କ ଝଝରଚଉ ବିଭାଗ ବିରୋଧରେ ନିକଟରେ ଚନ୍ଦକା ଥାନାରେ ଏତଲା ଦିଆଯାଇଥିବା ସୂଚନା ଦେଇଛନ୍ତି ଇଝଓ ଅଧିକାରୀ ।



ମିଳିଥିବା ସୂଚନା ଅନୁସାରେ, ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ଭୁବନେଶ୍ୱରସ୍ଥିତ ପୁରୀ ସର୍କଲର ଅଧୀକ୍ଷକ ଗତ ୧୮ତାରିଖରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସ୍ୱତନ୍ତ୍ର ସଚିବ ଦିଲ୍ଲୀପ କୁମାର ରାୟଙ୍କୁ ଚିଠି ଲେଖି ବାରଙ୍ଗ ନିକଟସ୍ଥ ଚୁଡ଼ଙ୍ଗଗଡ଼ ଦୁର୍ଗର ସଂରକ୍ଷିତ ଐତିହ୍ୟ ଅଂଚଳରେ ଚାଲିଥିବା ପ୍ରଶାସନିକ କୋଠା ଓ ହଷ୍ଟେଲ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବାକୁ କହିଛନ୍ତି । ଏଏସଆଇ ସଂରକ୍ଷିତ ଅଂଚଳରେ ଏହି ବେଆଇନ ନିର୍ମାଣ କାର୍ଯ୍ୟ ଜୋରସୋରରେ ଜାରି ରହିଛି । ସ୍ଥାନୀୟ ଗ୍ରାମବାସୀମାନଙ୍କ ଅଭିଯୋଗରୁ ସ୍ପଷ୍ଟ ଜଣାପଡୁଛି ଯେ, ସଂରକ୍ଷିତ ଅଂଚଳରେ ନିର୍ମାଣ କାର୍ଯ୍ୟ ବନ୍ଦ ହେବା ପରିବର୍ତ୍ତେ ଜୋରସୋରରେ ଚାଲିଛି ।

ଆମସାର ଆକ୍ଟ-୧୯୫୮ର ଧାରା ୧୯(୧) ଅନୁସାରେ ସଂରକ୍ଷିତ ଐତିହ୍ୟ ଅଂଚଳରେ କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ କେହି ବ୍ୟକ୍ତି ଏପରିକି ସଂରକ୍ଷିତ ଅଂଚଳର ମାଲିକ ଅବା ଦଖଲକାରୀ କୌଣସି ପ୍ରକାରର କୋଠା ନିର୍ମାଣ, ଖଣି ଖନନ, ବିସ୍ଫୋରଣ, ଖନନ କିମ୍ବା କୌଣସି ଗତିବିଧି କରିପାରିବେ ନାହିଁ । ଆମସାର ଆକ୍ଟ-୧୯୫୮ର ଧାରା ୧୯(୨) ଅନୁସାରେ ସଂରକ୍ଷିତ ଐତିହ୍ୟ ଅଂଚଳରେ ଯଦି କୌଣସି ବ୍ୟକ୍ତିଙ୍କ ଦ୍ୱାରା କିଛି କୋଠା ନିର୍ମାଣ କରାଯାଇଥାଏ ତା'ହେଲେ ତାକୁ ନିର୍ଦ୍ଧାରିତ ଅବଧି ମଧ୍ୟରେ ଉଚ୍ଛେଦ କରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇପାରିବେ । ଯଦି ସମ୍ପୃକ୍ତ ବ୍ୟକ୍ତି ଏହି ନିର୍ଦ୍ଦେଶକୁ ପାଳନ ନକରିବେ ତା'ହେଲେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଏହି କୋଠାକୁ ଉଚ୍ଛେଦ କରିବେ ଓ ସେହି ବ୍ୟକ୍ତିଙ୍କଠୁ ଉକ୍ତ ଖର୍ଚ୍ଚ ଭରଣା କରିବାର ପ୍ରାବଧାନ ରହିଛି । ଏସବୁ ଦୃଷ୍ଟିରୁ ଏଏସଆଇ ସଂରକ୍ଷିତ ଅଂଚଳର ଜବରଦଖଲ ଓ ବେଆଇନ କୋଠା ନିର୍ମାଣକୁ ତୁରନ୍ତ ବନ୍ଦ କରିବାକୁ ଏଏସଆଇ ଅଧୀକ୍ଷକ ଅନୁରୋଧ କରିବା ସହ ଆବଶ୍ୟକ ପଡ଼ିଲେ ଆମସାର ଆକ୍ଟ-୧୯୫୮ ଓ ପବ୍ଲିକ ପ୍ରିମିସେସ୍ ଆକ୍ଟ-୧୯୭୧ ଧାରାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି । ଏହାସହିତ ଏଏସଆଇ ଅଧୀକ୍ଷକ ମଧ କଟକ ଜିଲ୍ଲାପାଳ ଓ ବାରଙ୍ଗ ତହସିଲଦାରଙ୍କୁ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ଆଉ କଟକସ୍ଥିତ ଏଏସଆଇ ଉପସର୍କଲର ଆସିଷ୍ଟାଣ୍ଟ କଞ୍ଜେରଭେଟର ସୁମନ୍ତ ବିଶ୍ୱାସକୁ ତୁରନ୍ତ ଘଟଣାସ୍ଥଳକୁ ଯାଇ ସବିଶେଷ ସ୍ଥିତାବସ୍ଥା ସମ୍ପର୍କରେ ରିପୋର୍ଟ(ଫଟୋ ପ୍ରମାଣ ସହ) ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଏସଆଇ କର୍ତ୍ତୃପକ୍ଷ ଏହି ଚିଠିର ଏକ ନକଲ ମଧ ଅଭିଯୋଗକାରୀ ନିରଞ୍ଜନ ସାହୁ ଓ ଅନ୍ୟମାନଙ୍କ (ଜୁଲାଇ ୩ତାରିଖର ଅଭିଯୋଗ) ଅବଗତି ନିମନ୍ତେ ପଠାଇଥିବା ଜଣାପଡ଼ିଛି । ତେବେ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନି ।

# ପୁରୀ ବଳିଆପଣ୍ଡାରେ ଥିବା ଅଳିଆ ଗଦା ହଟାଇବାକୁ ନିର୍ଦ୍ଦେଶ ଦେଲା ଏନ୍‌ଜିଟି

ପୁରୀ, ୨୩/ ୦୭ (ନି.ପ୍ର): ପୁରୀ ବଳିଆପଣ୍ଡାରେ ଥିବା ଅଳିଆ ଗଦା ହଟାଇବାକୁ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ନିର୍ଦ୍ଦେଶ ଦେଇଛନ୍ତି । ୮ ଏକର ପରିମିତ ୫୦ ଫୁଟ ଉଚ୍ଚର ଅଳିଆ ଗଦା ହଟାଇବାକୁ ନିର୍ଦ୍ଦେଶ ରହିଛି । ଆସନ୍ତା ଦୁଇ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୫ ଡିସେମ୍ବର ୩୧ ସୁଦ୍ଧା ଏହି ଅଳିଆ ଗଦାକୁ ହଟାଇବାକୁ କହିଛନ୍ତି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ୍ । ଆଇନଜୀବୀ ଚିନ୍ମୟ ଦାଶଙ୍କ ପିଟିସନ ଆଧାରରେ ଜାତୀୟ ଗ୍ରୀନଟ୍ରିବ୍ୟୁନାଲ ଏହି ନିର୍ଦ୍ଦେଶ ଦେଇଛନ୍ତି । ବଳିଆପଣ୍ଡା ଅଞ୍ଚଳକୁ ସିସିଟିଭି ସର୍ଭିଲାନ୍ସରେ ରଖିବା ସହ ଯେପରି କେହି ତା' ଭିତରେ କେହି ନ ପଶିବେ ତା' ଉକପରେ ଗୁରୁତ୍ୱ ଦେଇଛନ୍ତି । ଏହାସହ ଅଳିଆ ଆବର୍ଜନକୁ ସଫା କରି ପୁରା ଜାଗାକୁ ବାଉଣ୍ଡରି କରିବା ଏବଂ ଭୂତଳ ଜଳ ପରୀକ୍ଷଣ କରି ରିପୋର୍ଟ ଦେବାକୁ କହିଛନ୍ତି ଜାତୀୟଗ୍ରୀନ ଟ୍ରିବ୍ୟୁନାଲ୍ । କିଛି ମାସ ତଳେ ଆଇନଜୀବୀ ଚିନ୍ମୟ ଦାସ ଗ୍ରୀନ୍ ଟ୍ରିବ୍ୟୁନାଲରେ ମାମଲା ଦାୟର କରିଥିଲେ । ଏହାପରେ ଟ୍ରିବ୍ୟୁନାଲରେ ପୁରୀ ପୌରସଂସ୍ଥା ପକ୍ଷରୁ ଦାଖଲ ହୋଇଥିଲା ସତ୍ୟପାଠ । ପ୍ରୋସେସିଂ ସରିବା ପରେ ଡମ୍ପିଂୟାର୍ଡକୁ ସ୍ଥାନାନ୍ତର କରାଯିବ ପୌର ଅଧିକାରୀ ସୂଚନା ଦେଇଥିଲେ ।



# ମାନସିକ ଚାପ ଦୂର କରନ୍ତୁ

**ବର୍ତ୍ତମାନର ଧାଁ ଦୌଡ଼ଭରା ଜୀବନ ଚର୍ଯ୍ୟାରେ କାମର ଚାପ ବଢ଼ିଚାଲିଛି । ବିଶେଷକରି ଅଧିକ ଅର୍ଥ ରୋଜଗାର, ଚାକିରି କ୍ଷେତ୍ରରେ ପ୍ରତିଦ୍ୱନ୍ଦିତା, ପିଲାଙ୍କ ଉପରେ ପାଠପଢ଼ାର ଚାପ ଆଦି ଯୋଗୁଁ ମାନସିକ ଦୁଶ୍ଚିନ୍ତା ବା ଚାପ ବଢ଼ିବାରେ ଲାଗିଛି । ମାନସିକ ଚାପର ଲକ୍ଷଣ ଦେଖାଯିବା ମାତ୍ରେ ତାହା ଦୂର କରିବା ନିମନ୍ତେ ଯତ୍ନବାନ ହେବା ଉଚିତ ।**



ଆଜିର ବ୍ୟସ୍ତବହୁଳ ଜୀବନରେ ଅଧିକାଂଶ ଲୋକ ବିଭିନ୍ନ କାରଣରୁ ମାନସିକ ଚାପର ଶିକାର ହେଉଛନ୍ତି, ଯାହାକି ସେମାନଙ୍କ ବ୍ୟକ୍ତିଗତ, ବୃତ୍ତିଗତ ଓ ସାମାଜିକ ଜୀବନକୁ ଖୁବ୍ ପ୍ରଭାବିତ କରୁଛି । ଅତ୍ୟଧିକ ମାନସିକ ଚାପ ଦ୍ୱାରା ବ୍ୟକ୍ତିର ବୌଦ୍ଧିକ ବିକାଶ ମଧ ବାଧାପ୍ରାପ୍ତ ହୁଏ । ପୂର୍ବରୁ ଭରତୀୟମାନେ ଏକ ଶାନ୍ତଶିଷ୍ଟ ତଥା ଚାପମୁକ୍ତ ଜୀବନଯାପନ କରୁଥିଲେ ଏବଂ କେବଳ ପାଶ୍ଚାତ୍ୟ ଦେଶର ଲୋକମାନେ ମାନସିକ ଚାପଗ୍ରସ୍ତ ରହୁଥିଲେ । ହେଲେ ବିଜ୍ଞାନର ଦ୍ରୁତ ଅଗ୍ରଗତି ଏବଂ ଜୀବନଶୈଳୀରେ ଘୋର ପରିବର୍ତ୍ତନ ଫଳରେ ଏବେ ପରିସ୍ଥିତି ଏମିତି ହେଲାଣି ଯେ, ଭାରତୀୟମାମାନେ ମଧ ଅନେକ ମାତ୍ରାରେ ମାନସିକ ଚାପଗ୍ରସ୍ତ ହୋଇସାରିଲେଣି । ଫଳସ୍ୱରୁପ ବିଭିନ୍ନ ପ୍ରକାରର ମାନସିକ ରୋଗ ଓ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ହେବାରେ ଲାଗିଛି । ମୁଖ୍ୟତଃ ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଏହାର ଶିକାର ହେଉଛନ୍ତି । ୨୦୧୬ ମସିହା ପ୍ରଥମାର୍ଦ୍ଧରେ ୨,୦୦,୦୦୦ କର୍ପୋରେଟ୍ କର୍ମଚାରୀଙ୍କୁ ନେଇ ହୋଇଥିବା ଏକ ଅନଲାଇନ୍ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଭାରତରେ ୪୬%ରୁ ଅଧିକ କର୍ମଚାରୀ ମାନସିକ ଚାପଗ୍ରସ୍ତ ।

**ମାନସିକ ଚାପ କ'ଣ ?**

କୌଣସି କଥା ବା ବିଷୟକୁ ନେଇ ଅତ୍ୟଧିକ ଚିନ୍ତିତ ହେବା ବା ଦୁଃଖୀ ହେବା ।

ପ୍ରତିକୂଳ ପରିସ୍ଥିତିରେ ସୃଷ୍ଟି ହେଉଥିବା ଏକ ମାନସିକ ଅବସ୍ଥା ।

ମାନସିକ ଚାପରେ ଥିବା ବ୍ୟକ୍ତିର ମନ ସବୁବେଳେ ଅଶାନ୍ତ ଥାଏ ଏବଂ ତାହାର ଭାବନା ସ୍ଥିର ରହିପାରେ ନାହିଁ । ଠିକ୍ ଏବଂ ଭୁଲର ବିଚାର କରିବାରେ ବେଳେବେଳେ ଅସମର୍ଥ ହୋଇଥାଏ । ଏହା ଉଭୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ ।

**ମାନସିକ ଚାପର କାରଣ କ'ଣ ?**

- ◈ ଜୀବନରେ କିଛି ବଡ଼ ଦୁର୍ଘଟଣା ଘଟିବା
- ◈ ଶିକ୍ଷାନୁଷ୍ଠାନରେ କୌଣସି ପ୍ରକାରର ଚାପ
- ◈ ପ୍ରେମରେ ବିଫଳ
- ◈ ଯୌନ ସମସ୍ୟା
- ◈ ପାରିବାରିକ ସମ୍ପର୍କରେ ଫାଟ ସୃଷ୍ଟିହେବା
- ◈ ଘନିଷ୍ଠ ସମ୍ପର୍କୀୟଙ୍କ ମୃତ୍ୟୁ
- ◈ ଆର୍ଥିକ ସମସ୍ୟା
- ◈ କାର୍ଯ୍ୟକ୍ଷେତ୍ରରେ ଅତ୍ୟଧିକ ଚାପ
- ◈ ଚାକିରି ବା କାମର ପରିବର୍ତ୍ତନ
- ◈ ଲକ୍ଷ୍ୟ ହାସଲ କରି ନ ପରିବା
- ◈ କାମରେ ଅତ୍ୟଧିକ ମଜ୍ଜି ରହିବା
- ◈ ଛୁଟି ନ ମିଳିବା
- ◈ ଚାକିରି ଚାଲିଯିବା
- ◈ ରିଟାୟାର୍ଡମେଣ୍ଟ ପର ଜୀବନଶୈଳୀ ସହ ଖାପ ଖୁଆଇ ନ ପାରିବା
- ◈ ଅତ୍ୟଧିକ ଭାବିବା
- ◈ ନକରାତ୍ମକ ଚିନ୍ତା କରିବା
- ◈ ଆଇନଗତ ସମସ୍ୟା
- ◈ ଆତ୍ମବିଶ୍ୱାସ କମିଯିବା
- ◈ ନିଜ ଭିତରେ ଖାଲି ଦୁର୍ବଳତା ଖୋଜିବା
- ◈ ବିଶୃଙ୍ଖଳିତ ଜୀବନଶୈଳୀ ଇତ୍ୟାଦି ।

**ମାନସିକ ଚାପର ଲକ୍ଷଣ ?**

- ◈ ଭୟଭୀତ ହୋଇ ରହିବା
- ◈ ବିଷାଦଗ୍ରସ୍ତ ହେବା
- ◈ ସ୍ମରଣ ଶକ୍ତି ହ୍ରାସ ପାଇବା
- ◈ ଅଧୈର୍ଯ୍ୟ ହେବ
- ◈ ଏକାଗ୍ରତା ନ ରହିବା
- ◈ ହାଲିଆ ଲାଗିବା
- ◈ ଝାଳ ବହୁତ ବାହାରିବା ଓ ଦେହ ଥରିବା
- ◈ ମତେ କେହି ପସନ୍ଦ କରୁନାହାନ୍ତି ଭଳି ଭବନା ଆସିବା
- ◈ ନଖକୁ ସବୁବେଳେ କାମୁଡ଼ିବା
- ◈ କୌଣସି ଗୋଟିଏ ଜାଗାକୁ ଅପଲକ ନୟନରେ ଅନାଇ ରହିବା ।

**ଉପଚାର**

- ◈ ଆଦୌ ଦ୍ୱିଧା ନ କରି ଜଣେ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରାଯାଇପାରେ ।
- ◈ କୌଣସି ପ୍ରକାରର ନିଶା ସେବନ କରନ୍ତୁ ନାହିଁ
- ◈ ଆରାମ କରନ୍ତୁ ଏବଂ ଦିନକୁ ଅତି କମରେ ୭ଘଣ୍ଟା ଶୋଇବାକୁ ଚେଷ୍ଟା କରନ୍ତୁ ।
- ◈ କୌଣସି ବିଷୟରେ ବେଶି ଚିନ୍ତା କରନ୍ତୁ ନାହିଁ
- ◈ ଯେତେ ସମ୍ଭବ ନିଜକୁ ଚାପମୁକ୍ତ ରଖନ୍ତୁ ।
- ◈ ବିଭିନ୍ନ ପର୍ଯ୍ୟଟନସ୍ଥଳି ଭ୍ରମଣ କରନ୍ତୁ ।
- ◈ ମନକୁ ବ୍ୟବସ୍ଥିତ କରନ୍ତୁ ଏବଂ ଦୃଢ଼ମନା ହୁଅନ୍ତୁ ।
- ◈ ଭଲ ଭଲ ପୁସ୍ତକ ଅଧ୍ୟୟନ କରନ୍ତୁ
- ◈ ନିଜ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି କରନ୍ତୁ । ପ୍ରତିଦିନ ଯୋଗ, ପ୍ରାଣାୟାମ କରନ୍ତୁ । ପରିବାରର ସଦସ୍ୟ, ବନ୍ଧୁ ପରିଜନଙ୍କ ଗହଣରେ ସମୟ ବିତାନ୍ତୁ । ଏକ ଶୃଙ୍ଖଳିତ ଏବଂ ସନ୍ତୁଳିତ ଜୀବନଶୈଳୀ ଆପଣାନ୍ତୁ ।ସମୟାନୁବର୍ତ୍ତୀ ହୁଅନ୍ତୁ । ସବୁବେଳେ ସକାରାତ୍ମକ ଚିନ୍ତାଧାରା ରଖନ୍ତୁ ।

ମନୁଷ୍ୟ ଜୀବନ ଅତି ମୂଲ୍ୟବାନ । ପ୍ରତ୍ୟେକ ମୁହୂର୍ତ୍ତକୁ ଠିକ୍ ଭାବେ ଉପଯୋଗ କରିବା ଉଚିତ, ଠିକ୍ ଭାବେ ଉପଭୋଗ କରିବା ଉଚିତ । ଚାପମୁକ୍ତ ରହିବା ଦ୍ୱାରା ଆୟୁଷ ବୃଦ୍ଧି ପାଏ । ତେଣୁ ପାରୁ ପର୍ଯ୍ୟନ୍ତ ମାନସିକ ଚାପଠୁ ଦୂରେଇ ଏକ ଉତ୍ତମ ଜୀବନ ଯାପନ କରନ୍ତୁ ।

# ଟ୍ରେନରେ ସ୍ୱାଦିଷ୍ଟ ବ୍ୟଞ୍ଜନର ମଜା



ଟ୍ରେନରେ ପରଷା ଯାଉଥିବା ଅସ୍ୱାସ୍ଥ୍ୟକର ଖାଦ୍ୟ ପଦାର୍ଥ ନେଇ ଯାତ୍ରୀଙ୍କ ନିୟମିତ ଅଭିଯୋଗ ବର୍ତ୍ତମାନ ଭାରତୀୟ ରେଳ ବିଭାଗ କାନରେ ପଡ଼ିଛି । ମିଳିଥିବା ଖବର ମୁତାବକ ଖୁବଶ୍ରୀଘ୍ର ଯାତ୍ରୀମାନେ ସମ୍ମୁଖିତ ହେଉଥିବା ଏହି ଏହି ସମସ୍ୟାର ସମାଧାନ ହେବାକୁ ଯାଉଛି। ରେଳଯାତ୍ରୀଙ୍କ ସ୍ୱାସ୍ଥ୍ୟକୁ ଧ୍ୟାନରେ ରଖି ଭାରତୀୟ ରେଳ ବିଭାଗ ଦ୍ୱାରା ଟ୍ରେନରେ ସଠିକ ଗୁଣ ଯୁକ୍ତ ଖାଦ୍ୟ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଯାହା କୌଣସି ଫାଇଭ୍ ଷ୍ଟାର ହୋଟେଲର ଖାଦ୍ୟ ଠାରୁ କମ୍ ହେବ ନାହିଁ । ଏହାଦ୍ୱାରା ସେମାନେ ଟ୍ରେନରେ ବସି ରେଷ୍ଟୁରାଣ୍ଟ ପରି ଖାଦ୍ୟର ମଜା ନେଇ ପାରିବେ । ଯାତ୍ରୀଙ୍କୁ ବିଶେଷ ଖାଦ୍ୟ ଦେବା ପାଇଁ ରେଳ ବିଭାଗ ତରଫରୁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ଆଇଆରସିଟିସି ଦ୍ୱାରା ଏଥିପାଇଁ ସୁବିଧା କରାଯାଇଛି । ଯାହା ସାହାଯ୍ୟରେ ଟ୍ରେନ୍‌ରେ ଯାତ୍ରୀଙ୍କ ଦିଆଯାଉଥିବା ଖାଦ୍ୟର ସଠିକ୍ ପରୀକ୍ଷା ହେବ । ଯାହା ଫଳରେ ଯାତ୍ରୀମାନେ ହୋଟେଲରେ ପ୍ରସ୍ତୁତ ବ୍ୟଞ୍ଜନର ସ୍ୱାଦ ଟ୍ରେନ୍‌ରେ ତିଆରି ଖାଦ୍ୟରୁ ପାଇପାରିବେ ।

# ଝାଳରୁ ମୋବାଇଲ ଚାର୍ଜ

ଗବେଷକମାନେ ପ୍ରସ୍ତୁତ କିଦେଖାଇଛନ୍ତି ଏପରି ଏକ ଝାଳ ଭଳି ଜେଲ ଯାହା ଆପରଙ୍କ ମୋବାଇଲକୁ ଚାର୍ଜ କରିପାରିବ। ଅର୍ଥାତ୍ ଏହି ଜେଲ ଶରରର ବିଦ୍ୟୁତ ଉତ୍ପନ୍ନ କରିବ ଓ ପିନ୍ଧାଁଇଥିବା ଏକ ସ୍ମାର୍ଟ ଡିଭାଇସ ଦ୍ୱାରା ମୋବାଇଲକୁ ଚାର୍ଜ କରାଯାଇପାରୁିବ। ଏହାଦ୍ୱାରା ବିଦ୍ୟୁତ ସରବରାହ ବନ୍ଦ ଥିବା ବେଳେ ବ୍ୟବହାରକାରୀଙ୍କୁ ଚାର୍ଜ କରିବାର ଆଉ ଟେନସନ ରହିବ ନାହିଁ। ଏହି ଜେଲ ଦ୍ୱାରା ଶରୀରରେ ବିଦ୍ୟୁତ ସରବରାହ ହୋଇ ସ୍ମାର୍ଟ ଡିଭାଇସ ମାଧ୍ୟମରେ ସହଜରେ ମୋବାଇଲକୁ ଚାର୍ଜ କରିହେବ। ଚୀନର ହୁଆଜୋଙ୍ଗ ବିଶ୍ୱବିଦ୍ୟାଳୟରେ ଗବେଷକମାନେ ଏପରି ଏକ ଅବିଶ୍ୱସନୀୟ ଜେଲ ପ୍ରସ୍ତୁତ କରି ଦେଖାଇଛନ୍ତି। ବିଶ୍ୱବିଦ୍ୟାଳୟର ଅପଟୋଇଲେକ୍ଟ୍ରୋନିକ୍ସ ବୁହାନ ଜାତୀୟ ଗବେଷଣାଗାରର ଡେପୁଟି ନିର୍ଦ୍ଦେଶକ ଡ.ଜୁନ ଝଓ ଏନେଇ କୁହନ୍ତି, ଭବିଷ୍ୟତରେ ଏହି ଟେକ୍ନୋଲୋଜିର ବହୁଳ ବ୍ୟବହରବେହ। ଏବେ ଯେପରି ବିଦ୍ୟୁତ ସରବରାହ ବନ୍ଦ ବେଳ୍ରେ ଜେନେରେଟରର ବ୍ୟବହା କରାଉଛି, ସେହିପରି ନୂତନ ପିଢ଼ି ସ୍ମାର୍ଟ ଡିଭାଇସ ମାଧ୍ୟମରେ ଉକ୍ତ ଜେଲର ବ୍ୟବହାର କରିବେ ବୋଲି ଝୁଓ କହିଛନ୍ତି।

# ଟ୍ରେଣ୍ଡି ମଥା ପଟ୍ଟି

**ଏବେ ଚାଲିଛି ବିବାହ ଋତୁ । ଭାରତୀୟ ପରମ୍ପରା ଅନୁସାରେ ବିବାହତ୍ସବରେ କନିଆ ପାଇଁ ଗହଣାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥାଏ । ବିନା ଅଳଙ୍କାରରେ ଶୃଙ୍ଗାର ଅଧା ରହିଯାଏ । ଷୋଳ ଶୃଙ୍ଗାର ମଧରେ ମଥା ପଟ୍ଟି ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣତା ଆଣିଥାଏ । ଏବେ ମାର୍କେଟରେ ଭଳିକି ଭଳି ଡିଜାଇନ୍‌ର ମଥା ପଟ୍ଟି ଉପଲବ୍ଧ ହେଉଛି । ଯାହା ଟ୍ରେଣ୍ଡି ସାଙ୍ଗକୁ ବେଶ୍ ଆକର୍ଷଣୀୟ ।**



ବାହାରେ ନବବଧୂର ରୁପଚର୍ଯ୍ୟା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଭଳିକି ଭଳି ଗହଣାରେ ଖୁନ୍ଦି ହୋଇଯାଇଥାଏ । କନିଆ ଶରୀର । ଷୋଳ ଶୃଙ୍ଗାରରେ ବଶୀଭୂତ ହୋଇ ତାକୁ ଏକ ରାଜକୁମାରୀ ପରି ସଜା ଯାଇଥାଏ । ଏହି ଗହଣା ସବୁ କନିଆର ସୁନ୍ଦରତାକୁ ଦ୍ୱିଗୁଣିତ କରିଦିଏ । ଯଦି ଆପଣ ବି ନିଜ ବାହାଘରେ ଆକର୍ଷଣୀୟ ଦେଖାଯିବାକୁ ଚାହୁଁଛନ୍ତି, ତେବେ ଟ୍ରାଏ କରନ୍ତୁ ଡିଜାଇନର୍ ମଥା ପଟ୍ଟି। ଫ୍ୟାଶନ୍ ଦୁନିଆରେ ଏବେ ଡିଜାଇନର୍ ତଥା ଟ୍ରେଣ୍ଡି ମଥା ପଟ୍ଟି ମନ କିଣିବାରେ ଲାଗିଛି । ଓ୍ୱାନ୍ ଟାଏର ମଥା ପଟ୍ଟି ଯଦି ପିନ୍ଧିବାକୁ ପସନ୍ଦ ଥାଏ, ତେବେ ଏହାର ବିଭିନ୍ନ ଡିଜାଇନ୍ ମାର୍କେଟରେ ଉପଲବ୍ଧ । ଧଳା ଷ୍ଟୋନଠୁ ନେଇ ରଙ୍ଗିନ୍ ମଥାପଟ୍ଟି ସୁନ୍ଦରତାକୁ ବଜାୟ ରଖିବାରେ ସାହାଯ୍ୟ କରିବ । ଯଦି ହେଭି ବା ଓଜନିଆ ମଥା ପଟ୍ଟି ପସନ୍ଦ ତେବେ ଏହା ରୟାଲ ଲୁକ୍ ପ୍ରଦାନ କରିଥାଏ । ବର୍ତ୍ତମାନ ସମୟରେ ହେୟାରଷ୍ଟାଇଲ ବେଶ୍ ଡିଜାଇନରେ ସଜାଯାଉଛି। ତେଣୁ ଏ ସମୟରେ ଧ୍ୟାନରେ ରଖି ସିମ୍ପଲ ଡିଜାଇନ୍‌ର ମଲଟି ଟାଏର୍ ମଥା ପଟ୍ଟି ପିନ୍ଧିପାରିବେ। ପର୍ଲ ଜୁଏଲାରୀ ପିନ୍ଧିବାକୁ ପସନ୍ଦ ଥିଲେ ଓ୍ୱାନ୍ ଟାଏର ମଥା ପଟ୍ଟି ସହ ବଡ଼ ଆକାରର ମଥା ଟିକା ଲଗାନ୍ତୁ । ଏହା ଆହୁରି ସୁନ୍ଦର ଦିଶିବ । ଯଦି ଟାଏର ମଥା ପଟ୍ଟି ପିନ୍ଧୁଛନ୍ତି ତେବେ ତା' ସହ କେବଳ ଗୋଟଏ ଗୋଲାକାର ମଥା ଟିକା ଟ୍ରାଏ କରନ୍ତୁ ।



# ଶିଶୁ ଧରିପାରିବେ ଭୁଲ୍



ହେଲେ ତାହା ସତ। ଏ ସମ୍ପର୍କରେ ଏକ ସଦ୍ୟତମ ଗବେଷଣାର ସୂଚନା ମିଳିଛି। ସିଙ୍ଗାପୁରସ୍ଥିତ ନାନୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ମାତ୍ର ଅଢ଼େଇବର୍ଷରୁ କମ ବୟସ୍କ ଶିଶୁଙ୍କୁ ଅନ୍ତର୍ଭୁକ୍ତ କରିଥିଲେ। ସେମାନଙ୍କୁ କେତେକ ଭୁଲ୍ କଥା କହିବା ସମୟରେ ସେମାନେ ତାହାକୁ ଧରିପାରିଥିଲେ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଭିନ୍ନ କଥା ଶୁଣିବା ସମୟରେ ସେମାନଙ୍କ ମଧ୍ୟରୁ କେତେକ ପ୍ରତିଟି କଥାକୁ ଧ୍ୟାନର ସହ ଶୁଣିଥାଆନ୍ତି। ଭୁଲ କଥା ଶୁଣିବା ପରେ କେତେକ ପ୍ରତିକ୍ରିୟାଶୀଳ ହୋଇଥାଆନ୍ତି ବୋଲି ମନୋବିଜ୍ଞାନୀମାନେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏହା ସମ୍ପୂର୍ଣ୍ଣ ଭାବରେ ସେମାନଙ୍କର ମାନସିକ ବିକାଶ ଉପରେ ହିଁ ନିର୍ଭର କରିଥାଏ। ସେଥିପାଇଁ ପିଲାଙ୍କର ମାତାପିତା ଏବଂ ପରିବେଶର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥାଏ।

ଭୁଲ କଥା ବିଷୟରେ ଜାଣିବାକୁ ବୟସ ଏବଂ ଜ୍ଞାନ ସେହିଭଳି ହୋଇଥିବା ଦରକାର। କିନ୍ତୁ ଜଣେ ଶିଶୁ କ'ଣ ଭୁଲ୍ ବିଷୟରେ ସୂଚନା ଦେଇ ପାରିବ ? ଏକଥା ହୁଏତ ଅନେକଙ୍କୁ ଆଶ୍ଚର୍ଯ୍ୟ କରିପାରେ,

# ଭିଟାମିନ୍ ଡି ଶ୍ୱାସନଳି ସଂକ୍ରମଣ କମାଏ

ଶ୍ୱାସନଳି ସଂକ୍ରମଣ ଭୋଗୁଥିବା ରୋଗୀଙ୍କ ପାଇଁ ଭିଟାମିନ ଡି ଲାଭଦାୟକ। ନିୟମିତ ଭିଟାମିନ୍ ଯୁକ୍ତ ଖାଦ୍ୟ କିମ୍ୱା ଔଷଧ ସେବନ ଦ୍ୱାରା ଶ୍ୱାସନଳି ସଂକ୍ରମଣ ଓ ରୋଗ ଚାଳିଶ ପ୍ରତିଶତ ହ୍ରାସ ପାଉଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ଭିଟାମିନ ଡି ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାକୁ ସକ୍ଷମ। ବୟସ୍କଙ୍କ ପାଇଁ ଏହା ଅଧିକ ଉପାଦେୟ। ନିମୋନିଆ, ଇନଫ୍ଲୁଏଞ୍ଜା, ବ୍ରୋଙ୍କାଇଟିସ୍ ଭଳି ଯନ୍ତ୍ରଣାଦାୟକ ରୋଗକୁ ଭିଟାମିନ ଡି ଉପଶମ କରାଏ। କଲରୋଡ ବିଶ୍ୱବିଦ୍ୟାଳୟରେ ଦଳେ ସ୍ୱାସ୍ଥ୍ୟ ବିଜ୍ଞାନୀ ଅଶୀ ବର୍ଷକୁ ଅଧିକ ଶତାଧିକ ରୋଗୀଙ୍କ ଉପରେ ଅଧ୍ୟୟନ କରି ଏ ବାବଦରେ ନିଶ୍ଚିତ ହୋଇଥିବା ପ୍ରକାଶ।

# ଅଧିକ ସମୟ ବସିବା କ୍ଷତିକାରକ

ଅଫିସ୍‌ରେ କିମ୍ବା ଟିଭି ଆଗରେ ଅଧିକ ସମୟ ଧରି ବସି ରହିବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ଆଶଙ୍କା ରହିଛି। ବିଶେଷଭାବେ ଏଥିଯୋଗୁଁ ମଧୁମେହ, ହୃଦ୍‌ଘାତ ଏବଂ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ ବୋଲି ସତର୍କ କରାଇ ଦେଇଛନ୍ତି ଦକ୍ଷିଣ କାରୋଲିନା ୟୁନିଭର୍ସିଟିର ବିଶେଷଜ୍ଞମାନେ। ଏମାନ ଅଧିକ ସମୟ ଧରି ବସି ରହିବା ଯୋଗୁଁ ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରଭାବକୁ ଅଧ୍ୟୟନ କରିଥିଲେ। ବ୍ୟାୟାମ କରିବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଏଡ଼ାଇ ଦିଆଯାଇପାରିବ କିନ୍ତୁ ଅଧିକ ସମୟ ଧରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସି କାମ କରିବା କିମ୍ବା ଟିଭି ଦେଖିବା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ବୋଲି ସମାନେ କହିଛନ୍ତି। ଅଧ୍ୟୟନରୁ ଆହୁରି ଜଣାପଡ଼ିଛି



ଯେ, ଅଧିକ ସମୟ ବସିବା ଦ୍ୱାରା ଶରୀରର ମାଂସପେସୀ ଗୁଡ଼ିକ ସକ୍ରିୟ ହୋଇ ନଥାଏ ଯାହାଦ୍ୱାରା ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ଏବଂ ଅମ୍ଳଜାନ ଯିବା ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଥାଏ। ଏହାବ୍ୟତୀତ ଏହାଦ୍ୱାରା ଉଚ୍ଚ ରକ୍ତଚାପ ଏବଂ ଶରୀରରେ କୋଲେଷ୍ଟରଲ ମଧ ବୃଦ୍ଧି ହୋଇ ଥାଏ।

ତେଣୁ ଅଫିସ୍‌ରେ କିମ୍ବା ଟିଭି ଦେଖିବା ବେଳେ ଗୋଟିଏ ସ୍ଥାନରେ ବସି ରହିବା ଅପେକ୍ଷା କିଛି ସମୟ ବ୍ୟବଧାନରେ ଚାଲବୁଲ କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅମାନୁଷିକତା...

ଅଶାନ୍ତର ବହ୍ନି ବଳୟ ଭିତରେ ମଣିପୁର ପ୍ରବେଶ କରିବା ପାଖାପାଖି ତିନିମାସ ହୋଇ ଗଲାଣି । ହିଂସାକାଣ୍ଡ, ମୃତ୍ୟୁ, ବିସ୍ଥାପନ ଏବଂ ଶେଷରେ ଦୁଇଜଣ କୁକି ମହିଳାଙ୍କ ପ୍ରତି ଅତ୍ୟନ୍ତ ଅମାନବୀୟ ବ୍ୟବହାର ପ୍ରଦର୍ଶନ- ଦଳେ ଆତଙ୍କ ସୃଷ୍ଟିକାରୀ ଲୋକଙ୍କ ଦ୍ୱାରା ସେମାନଙ୍କୁ ସର୍ବସାଧାରଣରେ ଉଲଗ୍ନ ହୋଇ ଚାଲିବାକୁ କୁହାଯିବା– ଶେଷରେ ବାଧ କରିଛି ଏଯାବତ୍ ଏହି ରାଜ୍ୟର ଘଟଣାବଳୀ ଉପରେ ମୌନ ବ୍ରତ ଆଚରଣ କରି ଆସିଥିବା ଦେଶର ପ୍ରଧାନମନ୍ତ୍ରୀଙ୍କୁ ପାଟି ଖୋଲିବାକୁ । ଆଉ ମଣିପୁର ସରକାରଙ୍କୁ ତ ସତସ୍ତରୀ ଦିନ ଲାଗି ଯାଇଛି ଏଭଳି ଏକ ପାଶବିକ ଯୌନ ଉପୀଡ଼ନ ସମ୍ପର୍କରେ ଜାଣିବାକୁ ଏବଂ ତାହା ମଧ୍ୟ ଏହି ଘଟଣା ସୋସିଆଲ ମିଡିଆରେ ଘୁରି ବୁଲିବା ପରେ । ଏମିତି ନୁହେଁ ଯେ ଏହି ଘଟଣା କର୍ତ୍ତୃପକ୍ଷମାନଙ୍କୁ ଜଣା ନଥିଲା। ଘଟଣାଟି ଘଟିଥିଲା ମେ’ ୪ ତାରିଖରେ, ଯେତେବେଳେ ପ୍ରଥମେ ପ୍ରଥମେ ସାମ୍ପ୍ରଦାୟିକ ହିଂସାକାଣ୍ଡ ଏହି ରାଜ୍ୟରେ ଆରମ୍ଭ ହେଉଥିଲା ଏବଂ ସାରା ରାଜ୍ୟକୁ ତା’ କବ୍ଜାକୁ ନେଉଥିଲା। ଜୁନ୍ ମାସରେ ଏକ ଏଫ୍ଆଇଆର୍ (ଫାଷ୍ଟ୍ ଇନ୍‌ଫର୍ମେସନ୍ ରିପୋର୍ଟ) ଦରଜ ହୋଇଥିଲା, ଯେଉଁଥିରେ ଦର୍ଶା ଯାଇଥିଲା ଯେ ପାଞ୍ଚଜଣ ସଦସ୍ୟବିଶିଷ୍ଟ ଏକ ପରିବାର ସଶସ୍ତ୍ର ଗଣ୍ଡଗୋଳକାରୀଙ୍କ କବଳରୁ ଖସି ଜଙ୍ଗଲକୁ ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଘଟଣାକ୍ରମେ ପୀଡ଼ିତାମାନେ ସେମାନଙ୍କ ହାତରେ ପଡ଼ି ଯାଇଥିଲେ, ଯେଉଁମାନେ କି ତାଙ୍କୁ ବଳପୂର୍ବକ ପୁଲିସ ହେପାଜତରୁ ଛଡ଼ାଇ ନେଇ ତିନିଜଣ ମହିଳାଙ୍କୁ ଅପମାନିତ କରିଥିଲେ, ସେମାନଙ୍କୁ ଉଲଗ୍ନ କରି ସର୍ବସାଧାରଣରେ ଚଲାଇ ଥିଲେ ଏବଂ ସମଗ୍ର ଘଟଣାର ଭିଡିଓ ରେକର୍ଡିଂ କରିଥିଲେ। ଏଫ୍ଆଇଆରରେ ଆହୁରି ମଧ୍ୟ ଲେଖା ଯାଇଥିଲା ଯେ ତା’ପରେ ଏହି ଗଣ୍ଡଗୋଳକାରୀମାନେ ଜଣେ ମହିଳାଙ୍କ ସହିତ ଗଣଦୁଷ୍କର୍ମ କରିବା ସଙ୍ଗେ ସଙ୍ଗେ ମହିଳାଙ୍କ ୧୯ ବର୍ଷୀୟା ଭାଇ ଯେତେବେଳେ ହସ୍ତକ୍ଷେପ କରିବାକୁ ଉଦ୍ୟମ କଲା, ତାକୁ ହତ୍ୟା କରିଥିଲେ । ଏହି ଦୁଇ ମହିଳାଙ୍କ ଉପରେ କରାଯାଇଥିବା ଘୃଣ୍ୟ ଆଚରଣର ଭିଡିଓ ପ୍ରସାରିତ ହେବା ସମଗ୍ର ଦେଶକୁ ବ୍ୟଥିତ କରିଛି। ଯେ କୌଣସି ଏକ ସଭ୍ୟ ସମାଜରେ ଏଭଳି ଏକ ଘଟଣା ତୁରନ୍ତ ତୀବ୍ର ନିନ୍ଦାକୁ ଆମନ୍ତ୍ରଣ କରିବା ସହିତ ଏଥିରେ ସମ୍ପୃକ୍ତ ଲୋକମାନଙ୍କ ଉପରେ ତ୍ୱରିତ ଗତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆଶା କରାଯାଏ । ସେହି ଦିନ ହିଁ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟ ଉପରୋକ୍ତ ଘଟଣାରେ ନିଜର କ୍ଷୋଭ ବ୍ୟକ୍ତ କରିଛନ୍ତି । ଏହି ଅପରାଧକୁ ନିନ୍ଦା କରିବାକୁ ଯାଇ କୋର୍ଟ କହିଛନ୍ତି ଯେ ଏହି ଭିଜୁଆଲଗୁଡ଼ିକ ‘ସମ୍ପୂର୍ଣ୍ଣ ଭାବରେ ସାମ୍ବିଧାନିକ ବିଫଳତା’ର ସୂଚକ । କୋର୍ଟ ମଧ୍ୟ ଚେତାବନୀ ଦେଇଛନ୍ତି ଯେ ସରକାରମାନେ ନିରବ ରହିଲେ ସୁଦ୍ଧା ଏହା ନିଜ ତରଫରୁ ଘଟଣାକୁ ବିଚାରକୁ ନେବେ । ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ନ୍ୟାୟିକ ନିନ୍ଦା ସହିତ କୌଣସି ଭାବରେ ସଂଯୁକ୍ତ କି ନୁହେଁ, ତାହା ତ ଲୋକମାନଙ୍କ କଳ୍ପନାଜଳ୍ପନା ଭିତରେ ରହିବ । ତେବେ ଯାହାକୁ ଅସ୍ୱୀକାର କରିହେବ ନାହିଁ, ତାହା ହେଉଛି- ଶ୍ରୀଯୁକ୍ତ ମୋଦୀଙ୍କର ମଣିପୁରର ସମଗ୍ର ଘଟଣା ଉପରେ ନିରବତା ଅବଲମ୍ବନ କରିବା, ଯେଉଁଥିପାଇଁ ଉଭୟ ମଣିପୁର ଏବଂ ଭାରତବର୍ଷକୁ ବହୁମୂଲ୍ୟ ଦେବାକୁ ପଡ଼ି ସାରିଲାଣି । ସେ ଯଦି ଆଗରୁ ଏଇ କଥା କରିଥାନ୍ତେ, ତା’ହେଲେ ବିଶ୍ୱ ଦରବାରରେ ସମଗ୍ର ଘଟଣା ପାଇଁ ଲଜ୍ଜିତ ହେବାରୁ ଭାରତ ବର୍ତ୍ତି ଯାଇଥାନ୍ତା: ମଣିପୁର ହିଂସା ଆନ୍ତର୍ଜାତିକ ସ୍ତରରେ ଧ୍ୟାନ ଆକର୍ଷଣ କରିଛି, ୟୁରୋପୀୟ ସଂସଦ ଏହାକୁ ନିନ୍ଦା କରିବା ହେଉଛି ତା’ର ସଦ୍ୟତମ ଉଦାହରଣ। ଦେଶର ସର୍ବୋଚ୍ଚ ଅଦାଲତ ମଣିପୁରରେ ଯେଉଁ ସାମ୍ବିଧାନିକ ବିଫଳତା ଘଟିଥିବା କଥା କହିଛନ୍ତି, ତାହା ଅବଶ୍ୟ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିବା ଭଳି। ଉଭୟ କେନ୍ଦ୍ର ଓ ରାଜ୍ୟରେ ଶ୍ରୀଯୁକ୍ତ ମୋଦୀଙ୍କ ନେତୃତ୍ୱାଧୀନ ଦଳ ଶାସନ କ୍ଷମତାରେ ଥିବା ସତ୍ତ୍ୱେ ସମ୍ପୃକ୍ତ ରାଜ୍ୟରେ ହିଂସା କମିବାର ନାଁ ନାହିଁ । ତେଣୁ ଏଠାରେ ବିଜେପିର ତଥାକଥିତ ଡବଲ ଇଞ୍ଜିନ୍ ସରକାର ସୁଶାସନ ପ୍ରଦାନ କରିବା କଥା ଯେ ବୃଥା, ତା’ର ସୂଚନା ମିଳୁନାହିଁ କି ? ସମାଜକର୍ମୀମାନେ ଏବେ କହୁଛନ୍ତି ଯେ ସେମାନେ ମଣିପୁରରେ ଶାନ୍ତି ଫେରାଇ ଆଣିବା ନିମନ୍ତେ ବିଭିନ୍ନ ମଞ୍ଚକୁ ଏକାଠି କରିବାକୁ ଉଦ୍ୟମ କରିଛନ୍ତି, କିନ୍ତୁ କଦାଚିତ୍ର ସେଥିରେ ସମ୍ପୂର୍ଣ୍ଣ ସଫଳ ହୋଇଛନ୍ତି । ସ୍ପଷ୍ଟ ଶବ୍ଦରେ କୁହାଯାଇପାରେ କି ଉପରୋକ୍ତ ଘଟଣାର ପ୍ରଚାର ପ୍ରସାର ପାଇଁ ସୋସିଆଲ ମିଡିଆ ସାଇଟ୍‌ଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ସରକାର ସେମାନଙ୍କୁ ଧନ୍ୟବାଦ ଜଣାଇବା କଥା, କାରଣ କେବଳ ଏହି ସାଇଟ୍‌ଗୁଡ଼ିକ ଯୋଗୁଁ ହିଁ ସମଗ୍ର ଦେଶର ତଥାକଥିତ ବିବେକର ମୂଳଦୁଆ ଦୋହଲିବାକୁ ବାଧ ହୋଇଛି ଏବଂ ଏଭଳି ବର୍ବରତା ବିରୁଦ୍ଧରେ ପ୍ରଧାନମନ୍ତ୍ରୀଙ୍କ ସମେତ ଦେଶର ସର୍ବୋଚ୍ଚ ଅଦାଲତଙ୍କୁ ପାଟି ଫିଟାଇବାକୁ ବାଧ କରିଛି - ଗୋଟିଏ ବାକ୍ୟରେ କହିଲେ ସମସ୍ତଙ୍କ ଭିତରେ ମନୁଷ୍ୟତ୍ୱ ଜାଗ୍ରତ ହୋଇଛି । ସମ୍ପୃକ୍ତ ରାଜ୍ୟରେ ଘଟିଥିବା ଘଟଣା ଉପରେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ କିଛି କହିଛନ୍ତି । କିନ୍ତୁ ରାଜ୍ୟବାସୀଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ହିଂସାକାଣ୍ଡକୁ ବଜାୟ ରହିବାକୁ ଦିଆଯିବା କୌଣସିମତେ ସହନୀୟ ନୁହେଁ ।

# ସୁଏଜ୍ କେନାଲର ବିକଳ୍ପ ଭାରତର ଲକ୍ଷ୍ୟ



**ବିଷ୍ଣୁ ପ୍ରସାଦ ଦାସ**



ପୃଥିବୀର ନୌ ବାଣିଜ୍ୟ ପାଇଁ ବ୍ୟବହୃତ ହେଉଥିବା ସାମୁଦ୍ରିକ ପଥ ମଧ୍ୟରେ ‘ପାନାମା କେନାଲ ’ ଏବଂ ସୁଏଜ୍ କେନାଲ୍ ପ୍ରମୁଖ ଭୂମିକା ନିର୍ବାହ କରି ଥାଆନ୍ତି। ପାନାମା କେନାଲ ପାନାମା ଦେଶରେ ଅବସ୍ଥିତ ଏହାର ଲମ୍ବା ପ୍ରାୟ ୮୨ କିଲୋ ମିଟର, ଏହା ଆଟଲାଣ୍ଟିକ ମହା ସାଗର ସହିତ ପ୍ୟାସିଫିକ୍ ମହା ସାଗରକୁ ସଂଯୋଗ କରୁଛି। ସୁଏଜ୍ କେନାଲ ଭୂମଧ୍ୟ ସାଗର ସହିତ ଲୋହିତ ସାଗରକୁ ସଂଯୋଗ କରୁଥିବା ଏକ କେନାଲ, ଏହାର ଲମ୍ୱ ୧୯୩.୩ କିଲୋମିଟର। ଇଜିପ୍ଟ ଦେଶ ମଧ୍ୟରେ ଏହି କେନାଲ ନିର୍ମିତ ହୋଇଛି, ଏହାର ନିର୍ମାଣ କାର୍ଯ୍ୟ ୨୫ ଏପ୍ରିଲ୍ ୧୮୫୯ ରୁ ଆରମ୍ଭ ହୋଇ ୧୭ ନଭେମ୍ବର ୧୮୬୯ ମସିହାରେ ଶେଷ ହୋଇଥଲା। ବର୍ତ୍ତମାନ ଏହା ଇଜିପ୍ଟ ସରକାରଙ୍କ ସମ୍ପତ୍ତି, ଏହି ପଥ ଦେଇ ଯାଉଥିବା ଜଳ ପୋତ ଗୁଡିକ ଇଜିପ୍ଟ ସରକାରଙ୍କୁ ମାହାସୁଲ୍ ଦେଇ ଯାଇଥା’ନ୍ତି। ସମୟ ସମୟରେ ଏହି କେନାଲ ପଥ ଯାନ୍ତ୍ରିକ ତୃଟି ବା ମନୁଷ୍ୟ କୃତ ତୃଟି ତଥା ଯୁଦ୍ଧ ଯୋଗୁଁ ବନ୍ଦ ହୋଇ ଯାଏ, ଫଳରେ ସୁଏଜ୍ କେନାଲର ଉଭୟ ପାର୍ଶ୍ୱରେ ହଜାର ହଜାର ପଣ୍ୟ ବାହୀ ଜାହାଜ ଅଟକି ରହି ଥାଆନ୍ତି ଏବଂ ବିଶ୍ୱ ବାଣିଜ୍ୟ ଉପରେ ଏହାର କୁ ପ୍ରଭାବ ଦେଖିବକୁ ମିଳେ। ଏହି ସବୁ ବିଷୟକୁ ଧ୍ୟାନ ରେ ରଖି ଭାରତ ଏହାର ବିକଳ୍ପ ଅନେକ ବର୍ଷ ହେବ ଖୋଜି ଚାଲିଛି ଏବଂ ଏହାର ନୀଳ ନକ୍ସା ମଧ୍ୟ ପ୍ରସ୍ତୁତ ହୋଇ ସାରିଛି । ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ ଭବିଷ୍ୟତ ରେ ଏହାର ସୁଫଳ ଏସୀୟ ଦେଶ ସମୂହ ସହିତ ୟୁରୋପୀୟ ଦେଶ ମାନେ ମଧ୍ୟ ପାଇବେ। ଚାଲନ୍ତୁ ଏହା ଉପରେ କିଛି ଆଲୋକପାତ କରିବା।

ସୁଏଜ୍ କେନାଲକୁ ପ୍ରାୟ ୧୫୪ ବର୍ଷ ହୋଇ ଗଲାଣି, ଇଜିପ୍ଟ ସରକାର୍ ଏହି କେନାଲ ପଥରେ ଯାତ୍ରା କରୁଥିବା ପ୍ରତ୍ୟେକ ପଣ୍ୟ ବୋଝେଇ ଜାହାଜ ପାଇଁ ସତୁରୀ ହଜାର ଆମେରିକୀୟ ଡ଼ଲାର କର ବାବଦକୁ ନିଅନ୍ତି, ଏହି କେନାଲ ଟିକୁ ଅତିକ୍ରମ କରିବାକୁ ଜାହଜ ଗୁଡିକୁ ପ୍ରାୟ ଷୋହଳ ଘଣ୍ଟା ସମୟ ଲାଗି ଥାଏ। ଇଜିପ୍ଟ ଦେଶର ସରକାରଙ୍କ ସହିତ ଭାରତର ସମ୍ପର୍କ ଭଲ ଥିଲେ ମଧ୍ୟ ଇଜିପ୍ଟ ଅନେକ କ୍ଷେତ୍ରରେ ଭାରତକୁ ବିରୋଧ କରିବା ସହିତ ପାକିସ୍ତାନକୁ ସହଯୋଗ କରୁଛି। ଭବିଷ୍ୟତକୁ ନଜରରେ ରଖି ଭାରତ କିଛି ଦେଶ ସହିତ ଆଲୋଚନା କରି ସୁଏଜ୍ କେନାଲର ବିକଳ୍ପ ବାହାର କରିଛି। ସୁଏଜ୍ କେନାଲ ବନ୍ଦ୍ ହୋଇଗଲେ ଏସିଆ ମହାଦେଶ ୟୁରୋପ ଏବଂ ଆମେରିକା ମହା ଦେଶକୁ ସଂଯୋଗ କରିବାକୁ ଆଫ୍ରିକା ମହାଦେଶର କେପ୍ ଟାଉନ ତଳ ଦେଇ ବୁଲି ଆସିବକୁ ହେବ ଫଳରେ ସମୟର ଅପଚୟ ସହିତ ପ୍ରାୟ ସାତ ହଜାର କିଲୋମିଟର ଅଧିକ ପଥ ଅତିକ୍ରାନ୍ତ କରିବାକୁ ପଡ଼ିବ, ଏହାଦ୍ୱାରା ଆମଦାନୀ ରପ୍ତାନୀ ହେଉଥିବା ପଣ୍ୟର ଦର ନିଶ୍ଚିତ ବୃଦ୍ଧି ପାଇବ। ଏହାକୁ ଦୃଷ୍ଟିରେ ରଖି ଭରତ ଦ୍ୱାରା ‘ଇଣ୍ଟର ନ୍ୟାସନାଲ ନର୍ଥ ସାଉଥ୍ ଟ୍ରାନ୍ସପୋର୍ଟ କରିଡ଼ର’ ପ୍ରକଳ୍ପ ରୂପରେଖର ଆରମ୍ଭ ୨୦୦୦ ମସିହାରେ କରା ହୋଇଥଲା। ଏଥିରେ ପ୍ରଥମେ ୨୦୦୨ ମସିହାରେ ଋଷିଆ ଏବଂ ଇରାନ ସହଯୋଗର ହାତ ବଢ଼ାଇ ଥିଲେ, ୨୦୦୫ ମସିହାରେ ଅଜାର ବାଇଜାନ ଯୋଗ ଦେଇଥିଲା। ଆଇ ଏନ ଏସ ଟି ସି ଯଦି କାର୍ଯ୍ୟକାରୀ ହେବ ତେବେ ପ୍ରାୟ ୩୦ ପ୍ରତିଶତ ପରିବହନ ଖର୍ଚ୍ଚ କମ୍ ସହିତ ୪୦ ପ୍ରତିଶତ ସମୟ ବଞ୍ଚିବ। ଏହି ପ୍ରକଳ୍ପ ରୂପରେଖ ହେଲେ ଭାରତର ମୁମ୍ବାଇ ବନ୍ଦରରୁ ଆରବ ସାଗର ଦେଇ ଜାହଜ ଗୁଡିକ ଇରନ୍‌ର ବନ୍ଦର୍ ଆବାସ ଠାରେ ପହଞ୍ଚି ପାରିବ, ସେଠାରୁ ଇରାନ ମଧ୍ୟ ଦେଇ ସ୍ଥଳ ପଥରେ କାସ୍ପିଆନ୍ ସାଗର କୂଳରେ ଅସ୍ଥାରା ବନ୍ଦର ପର୍ଯ୍ୟନ୍ତ ଯାଇ ସେଠାରୁ ଜଳ ପଥରେ ଋଷିଆର ଆସ୍ତ୍ରାଖାନ୍ ବନ୍ଦର ପର୍ଯ୍ୟନ୍ତ ଯାଇ ସେଠାରୁ ରେଳ ଯୋଗେ ମସ୍କୋ ସହର ପହଞ୍ଚି ଯିବ କିମ୍ବା ଆସ୍ତ୍ରାଖାନ୍ ଠାରୁ ଆଜାର ବାଇଯାନ ଦେଶ ମଧ୍ୟ ଦେଇ ରେଳ ସଂଯୋଗ କରିବାକୁ ହେବ ଯାହାକି ଋଷିଆର ମସ୍କୋ ସହରକୁ ଯୋଡ଼ି ପାରିବ। ଏହା ଦ୍ୱାରା ୟୁରୋପୀୟ ଦେଶ ସମୂହ ପଣ୍ୟ ବାହୀ ଜାହଜ ଚଳା ଚଳ କ୍ଷେତ୍ରରେ ଏତେଟା ସୁଏଜ୍ କେନାଲ ଉପରେ ନିର୍ଭରଶୀଳ ହେବେ ନାହିଁ। ବର୍ତ୍ତମାନ ବିଶ୍ୱର ଅର୍ଥନୀତି ବାଣିଜ୍ୟ ଉପରେ ଆଧାରିତ ତେଣୁ ବାଣିଜ୍ୟ ପାଇଁ ଅନେକ ଉନ୍ନତ ଦେଶ ପୃଥିବୀକୁ ଜଳ, ସ୍ଥଳ ଏବଂ ଆକାଶ ମାର୍ଗରେ ସଂଯୋଗ କରି ନିଜର ଅର୍ଥନୀତିକୁ ସୁଦୃଢ଼ କରିବାକୁ ଚେଷ୍ଟିତ। କିଛି ରାଷ୍ଟ୍ର ନିଜର ବାହୁବଳ ଦେଖାଇ ଅନ୍ୟ ଦେଶର ବାଣିଜ୍ୟକୁ ସଙ୍କୁଚିତ କରିବାର ପ୍ରୟାସ ଜାରୀ ରଖିଛନ୍ତି ଏଥି ମଧ୍ୟରୁ ଚୀନ୍ ଅନ୍ୟ ତମ, କିଛି ସାମୁଦ୍ରିକ ପଥ ଉପରେ ନିଜର ପ୍ରଭୂତ୍ୱ ଜାହିର କରି ଅନ୍ୟ ଦେଶର ବାଣିଜ୍ୟିକ ପୋତ ଗୁଡିକୁ ନିଜର ଗନ୍ତବ୍ୟ ସ୍ଥଳକୁ ଛାଡି ଦେଉ ନାହିଁ, ଏହା ଏକ ସମ୍ବେଦନଶୀଳ ଆନ୍ତର୍ଜାତିକ ବିଷୟ। ଆଇ ଏନ୍ ଏସ ଟି ସି କାର୍ଯ୍ୟକାରୀ କରିବାକୁ ଏବେ ଆଠ ଗୋଟି ଦେଶ ନିଜର ସହମତି ଦେଇ ସାରିଲେଣି।

୨୦୦୨ ମସିହାରୁ ଆରମ୍ଭ ହୋଇ ଏହି ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ହୋଇ ପାରି ନାହିଁ, ଏହାର ପ୍ରମୁଖ କାରଣ ହେଲା ଇରାନ ଏବଂ ଋଷିଆ ବର୍ତ୍ତମାନ୍ ସୁଦ୍ଧା ପଶ୍ଚିମ ଦେଶ ଗୁଡ଼ିକର ମଞ୍ଜୁରୀ ଅପେକ୍ଷାରେ ରହିଅଛି। ଋଷିଆ ତା’ର ଖଣିଜ ଏବଂ ତୈଳ ବିକ୍ରି ପାଇଁ ଚୀନ୍ ଉପରେ ନିର୍ଭର କରୁଛି, ଆଇ ଏନ୍ ଏସଟି ସି କାର୍ଯ୍ୟକାରୀ ହେଲେ ରୁଷିଆ, ଅଜାର୍ ବାଇଜାନ୍ ପାଇଁ ସିଧସଳଖ ଏସୀୟ ଦେଶ ଗୁଡ଼ିକ ପାଇଁ ବାଟ ଖୋଲିଯିବ ଏବଂ ଏଥିରୁ ସେମାନେ ଅନେକ ଲାଭ ପାଇବେ । ୨୦୧୫ ମସିହାରେ ଇରାନ ଏବଂ ପଶ୍ଚିମ ଦେଶ ସମୂହ ଭିତର ଆଣବିକ ଚୁକ୍ତି ହେବା ପରେ ଏହି ଆଇ ଏନ୍ ଏସ ଟି ସି କାର୍ଯ୍ୟକାରୀ ହେବାର ଏକ ନୂତନ ଆଶା ଜାଗ୍ରତ ହୋଇଥଲା, କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାର ଟ୍ରମ୍ପ ପ୍ରଶାସନ ୨୦୧୮ ମସିହାରେ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଲେ । ୟୁକ୍ରେନ ଋଷିଆ ଯୁଦ୍ଧ ବର୍ତ୍ତମାନ ଋଷିଆର ଅର୍ଥନୀତିକୁ ଦୁର୍ବଳ କରିଦେଇଛି, ରୁଷିଆ ନିଜର କୂଟନୀତି ପ୍ରୟୋଗ କରି ଅନେକ ଦେଶକୁ ଅଶୋଧିତ ତୈଳ କିଛି ଶସ୍ତା ଦରରେ ରପ୍ତାନୀ କରୁଛି । ଋଷିଆର ସେଣ୍ଟ ପିଟରଶ୍ ବର୍ଗଠାରୁ ଏସିଆ ମହାଦେଶର ଦକ୍ଷିଣରେ ଅବସ୍ଥିତ ସବୁ ଦେଶକୁ ଏହି କରିଡ଼ର ଦ୍ୱାରା ସଂଯୋଗ କରା ଯାଇ ପାରନ୍ତା କିନ୍ତୁ ପୃଥିବୀରେ ଏପରି କ୍ଷମତାସୀନ ଦେଶ ଅଛନ୍ତି ଯେଉଁମାନେ ଅନ୍ୟ ଦେଶର ଉନ୍ନତି ସହ୍ୟ କରିପାରନ୍ତି ନାହିଁ। ନୂତନ କରିଡ଼ର ଖୋଲିଲେ ଚୀନ୍, ପାକିସ୍ତାନ, ଇଜିପ୍ଟ, ପ୍ରଭାବିତ ହେବେ, ସୁଏଜ୍ କେନାଲର ଏକ ଚାଟିଆ ଆୟ କମିଯିବ, ପାକିସ୍ତାନ ଚୀନ୍ କରିଡ଼ରର ଏତେ ଚାହିଦା ରହିବ ନାହିଁ। ରୁଷିଆ ଆଉ ଚୀନ୍ ଉପରେ ନିର୍ଭର କରିବ ନାହିଁ, କିଛି ଲ୍ୟାଣ୍ଡ ଲକ୍ ଦେଶ ଏହି କରିଡ଼ର ଦ୍ୱାରା ନିଜର ଆମଦାନୀ ରପ୍ତାନୀ ସ୍ୱଳ୍ପ ମୂଲ୍ୟରେ କରି ପାରିବେ। ଏହି ସବୁ ବିଷୟ ଗୁଡ଼ିକୁ ଧ୍ୟାନରେ ରଖି କୁଚକ୍ରୀ ଦେଶ୍ ଭାରତର ଏହି ଐତିହାସିକ ପଦକ୍ଷେପକୁ ନାନା ଉପାୟରେ ବିରୋଧ କରୁଛନ୍ତି। ବର୍ତ୍ତମାନ୍ ଭାରତର ଭୂମିକା ବିଶ୍ୱବାସୀଙ୍କୁ ଆକର୍ଷିତ କରୁଛି, ଭାରତ ସରକାର ନିଜର କୂଟନୀତି ପ୍ରୟୋଗ କରି ଯୁକ୍ତରାଷ୍ଟ୍ର ଆମେରିକାର ସରକାର ତଥା ୟୁରୋପୀୟ ଦେଶ ସମୂହକୁ ନିଜ ବିଶ୍ୱାସକୁ ଆଣି ଏହି କରିଡ଼ର କାର୍ଯ୍ୟକାରୀ କରିବା ଉଚିତ୍ ହେବ। କିଛି ଆରବ୍ ଦେଶ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ତାଙ୍କର ମନମୁଖୀ ତୈଳ ଦର କମି ଯିବାର ଆଶଙ୍କାକୁ ନେଇ ପରୋକ୍ଷରେ ବିରୋଧ କରୁଛନ୍ତି।ତେବେ ପୃଥିବୀରେ ବିଭିନ୍ନ ଦେଶ ମାନଙ୍କ ମଧ୍ୟରେ ଗମନା ଗମନ ଏବଂ ବାଣିଜ୍ୟ ପାଇଁ ଅନେକ ପ୍ରସ୍ତାବ ଗୃହୀତ ହେଉଛି, କିଛି କାର୍ଯ୍ୟକାରୀ ହେଉଛି, କିଛି ରାଜନୈତିକ ଚାପରେ ଫାଇଲ୍ ତଳେ ଚାପି ହୋଇ ରହିଯାଉଛି। ଗରିବ ଅନୁନ୍ନତ ଦେଶ ସମୂହ ର ଉନ୍ନତି ନ’ ହେବା ପର୍ଯ୍ୟନ୍ତ ପୃଥିବୀରେ ସମତା, ଶାନ୍ତି ଏବଂ ଭାଇଚାରା ଆସିବା ଅସମ୍ଭବ।


ବରିଷ୍ଠ ନାଗରିକ

ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା

କଟକ ୭୫୩୦୦୯

ମୋ: ୯୯୩୭୧୭୪୦୯୭


# ମାନ୍ୟବର ମୁଖ୍ୟମନ୍ତ୍ରୀ ଦୟାକରି ଦୃଷ୍ଟି ଦେବେ କି ?



**ସୁବ୍ରତ କର**

ସାରା ଭାରତବର୍ଷରେ ଆମ ରାଜ୍ୟ ଅଷ୍ଟମ ଗରିବ ରାଜ୍ୟ ଏବଂ ମାଲକାନିରି ସବୁଠୁ ଗରିବ ଜିଲ୍ଲା । ଆମେ କିନ୍ତୁ ଗର୍ବ କରୁ ସାରା ଦେଶରେ ଆମ ମୁଖ୍ୟମନ୍ତ୍ରୀ ଏକ ନମ୍ବର (ଥରେ ଅଧେ ନୁହ, ବାରମ୍ବାର) ଏବଂ ଆମ ମୁଖ୍ୟମନ୍ତ୍ରୀ, ବିଜୁ ବାବୁଙ୍କ ପୁଅ, ଦେଶର ଦ୍ୱିତୀୟ ସବୁଠୁ ବେଶିଦିନ ଶାସନ କାର୍ଯ୍ୟ ଚଳାଇ ଆସୁଥିବା ମୁଖ୍ୟମନ୍ତ୍ରୀ । ରାଜ୍ୟରେ ବିରୋଧି ନାହିଁ କହିଲେ ଚଳେ, ରାଜ୍ୟ ମଧ୍ୟ ସୁରଖୁରରେ ଚାଲିଛି ଏବଂ ଏହା ବି ସତ ଆସନ୍ତା ୫ ବର୍ଷ (୨୦୨୪-୨୦୨୯) ପାଇଁ ଅତି ସହଜରେ ଜିତି ଆସିବେ ଏବଂ ରାଜ୍ୟର ମଙ୍ଗ ଧରିବେ । ଏତେ ବର୍ଷ ମଧ୍ୟରେ ଓଡ଼ିଶାବାସୀଙ୍କ ପାଇଁ କେତେ ଯୋଜନା ଆଣିଛନ୍ତି, କେତେ ତ ଟଙ୍କା ବାଣ୍ଟୁଛନ୍ତି ତାହାର ହିସାବ ଏକମାତ୍ର ସରକାର ଦେଇ ପାରିବେ । ଏତେସବୁ ହେଲାପରେ କାହିଁକି ଆମେ ଗରିବ? ଆମ ଲୋକ ଗରିବ ଏବଂ ଶେଷରେ ଆମ ରାଜ୍ୟ? ଅଳ୍ପ ବହୁତ ହୋଇଛି ଏବଂ ଏହି ସବୁ ଯୋଜନା ମାଧ୍ୟମରେ ୬୨-୬୩ ଲକ୍ଷ ଲୋକ ଗରିବଠୁ ଉପରକୁ ଉଠି ପାରିଛନ୍ତି । ସେ ଯେତେ ସମୟ ପାଇଛନ୍ତି ରାଜ୍ୟ ଚଳାଇବା ପାଇଁ ଏହା ତାଙ୍କ ପାଇଁ ଯଥେଷ୍ଟ ସମୟ ନୁହଁ କି? ଏବେ ପ୍ରଶ୍ନ ଉଠୁଛି ଭୁଲ କିଏ କରୁଛି, କେଉଁଠି ହେଉଛି ଏବଂ କାହିଁକି ହେଉଛି ? ଭୁଲ କଣ ବାଟମାରଣ, ଭୁଲ କଣ ମନ୍ତ୍ରୀ, ଅଫିସରମାନେ ଟିକିଏ ଦରକାରରେ ହେଲିକେପ୍ଟରରେ ଜିଲ୍ଲା ବୁଲି ଗରିବ ଲୋକଙ୍କ କାର୍ଯ୍ୟ ତଦାରଖ କରିବା । ଗୋଟାଏ ସମୟ ଥିଲା ସରକାରୀ ଗାଡ଼ି ବ୍ୟବହାର କରିପାରିବେ ନାହିଁ । ଅଫିସ ରୁମରେ ଏ.ସି (ମେସିନ) ଲଗାଇ ପାରିବେ ନାହିଁ । (ଖୁବ୍ କମରେ ଅତିରିକ୍ତ ଶାସନ ସଚୀବ ପ୍ୟାହାର ଅଫିସର ହୋଇଥିବା ଦରକାର) । ଏବେ ତ, ଯେକୌଣସି କ୍ଲାସ୍ ଟୁ ଗେଜେଟେଡ୍ ଅଫିସରଙ୍କ ରୁମରେ ଏ.ସି ଲାଗିଛି । ପ୍ରଶ୍ନ ଉଠୁଛି ଗାଁ, ଗହଳିରେ ଥିବା ଗରିବ ସଂଖ୍ୟା ଏବେ ୧୭.୭୨ ଶତକଡ଼ା ଏବଂ ସହରୀ ଅଞ୍ଚଳରେ ୫.୪୨ ଶତକଡ଼ା ଭାଗ ଲୋକେ । ସେମାନେ କେବେ ତାଙ୍କ ଘରେ ଏ.ସି ଲଗାଇପାରିବେ? ନିରବଚ୍ଛିନ୍ନ ଭାବରେ ବିଦ୍ୟୁତ୍ ପାଇ ପାରିବେ, ତା ସହିତ ବିଶୁଦ୍ଧ ପିଇବା ପାଣି? ଏହି ସବୁର ବ୍ୟବସ୍ଥା ହେଲାପରେ ସରକାରୀ ବାବୁମାନେ ହେଲିକେପ୍ଟର, ଗାଡ଼ିରେ ବୁଲନ୍ତୁ ବା ଅଫିସ ରୁମରେ ଏ.ସି ଲଗେଇଲେ ଅନ୍ତତଃ ଆମକୁ ଲଜ୍ଜିତ ହେବାକୁ ପଡ଼ିବ ନାହିଁ । ମାଲକାନଗିରି ଭଳି ଜିଲ୍ଲା ଆମ ରାଜ୍ୟରେ ଅଛି, ଯେଉଁଠାରେ ଶତକଡ଼ା ୪୫ ଭାଗ ଲୋକ ଗରିବ ଶ୍ରେଣୀର । ସରକାର ସବୁ ପ୍ରକାରର ଜିନିଷ ଦେଲା ପରେ ମଧ୍ୟ ଆମ ରାଜ୍ୟ ଏତେ ଗରିବ କାହିଁକି? ବଡ଼ ଲୋକେ ବଡ଼ଲୋକ ହେଉଛନ୍ତି ଏବଂ ଗରିବ ଗରିବ ରହି ଯାଉଛନ୍ତି । ଏହାର ତର୍ଜମା ହେବା ଉଚିତ । ହେଲିକେପ୍ଟରରେ ବୁଲନ୍ତୁ ତା ସହିତ ତର୍ଜମାର ଆବଶ୍ୟକତା ରହିଛି । ଡେରି କରିଲେ ସମସ୍ୟା ବଢ଼ିବ କମିବ ନାହିଁ । ଓଡ଼ିଶା ବାହାରକୁ ଗଲେ କେହି କହିବେ ନାହିଁ ଆମେ ଗରିବ ରାଜ୍ୟର ଲୋକ ବୋଲି ।





## ସମ୍ପର୍କ

### ଦିନେଶ ମେହେର

ଜାଣିଛି,
କେଉଁଠି ନା କେଉଁଠି
ମୁଁ ହଜେଇ ଦେଇଛି ନିଜ ଅହମିକା କୁ
ଶାନ୍ତ କରି ପାରୁଥିବା ଦୁର୍ଲଭ ମୁକୁତା,
ପୁଣି
ଜଳେଇ ଦେଇଛି
ଦ୍ୱେଷ, ଅହଙ୍କାର କୁ
ଶୀତଳ କରି ପାରୁଥିବା ଚନ୍ଦନ କାଠ !

ଥରେ ଥରେ ଭାବେ,
ଯଦି ସେଇ ଅଦୃଶ୍ୟ ସତ୍ତା ଆଖିରେ
ପଡ଼ି ଯାଆନ୍ତା ମୋ ଅତୀତର
ଜୀର୍ଣ୍ଣ ଆବରଣ,
ଅବା ବର୍ତ୍ତମାନର ଉଙ୍କି ମାରୁଥିବା
ଗୁଡ଼ିଏ ଛିଣ୍ଡା ସ୍ୱପ୍ନ,
ତାହେଲେ ଟିକିଏ ଉଶ୍ୱାସ ଭରି
ଯାଆନ୍ତା
ମୋ ସମଗ୍ର ଜୀବନ ଭିତରେ,
ତଥାପି ବି
ପ୍ରଶ୍ନ ଉଠେ
ସତରେ କଣ
ମୁଁ ବିବର୍ଜିତ ମୋ ନିଜ ପାଖରେ ?

ଜାଣେ,
କେବେ ବି
ମୁଁ ବିବେଚିତ ହେଇ ପାରିବିନି
କେଉଁ ଏକ ନିଭୃତ କୋଣରେ
ବସିରହିବା ପାଇଁ,
ଅବା କାହାରି
ନୟନର ପିତୁଳା ଟିଏ ହେବା ପାଇଁ,
ଆଉ ବି ଜାଣେ
ମୋ ଜୀବନର ସମସ୍ତ ଅସମାହିତ
ପ୍ରଶ୍ନ ଏବେ ଉତ୍ତର ହୀନ,
ସତ୍ତା ହୀନ, ସଂଜ୍ଞା ହୀନ !

ସେଥି ଲାଗି ତ
ନିଜକୁ ବ୍ୟସ୍ତ ରଖିଛି
ଏକ ଅଜଣା ରାଇଜର କୋଳାହଳ
ଭିତରେ,
ନିଜକୁ ବଞ୍ଚେଇବା ପାଇଁ
ଏଇ ମରଣାତ୍ମକ ସମାଲୋଚନା
ମଧ୍ୟରୁ,
ତେଣୁ ବର୍ତ୍ତମାନ ହାରି ପାରୁନି
କାହାରି ସ୍ନେହ ଆଗରେ
ଅବା କେଉଁ ଅଜଣା ସମ୍ପର୍କ ଆଗରେ !

ପଳାସ, କଳାହାଣ୍ଡି

## ବର୍ଷା...ଆମ ଗଳିରେ

### ଜୁମର ନାଥ ପାତ୍ର



ଆକାଶରୁ ଓହ୍ଲେଇ ଆସି ତା’
କଅଁଳ ପାଦ ଯୋଡ଼ିକ ଥାପୁଥାପୁ
ବାଇକ୍ ଚକତଳ, ଯିବାଆସିବା
ଲୋକଙ୍କ ଚପଲତଳ
ସରୁବାଲି ଭିଜି ଭୁରୁଭୁରୁ ବାସ୍ନାରେ
କଂକ୍ରିଟ ରାସ୍ତାରୁ ଉଠି
ମହକେଇଦେଲା ଗଳିଟିକୁ
ଏଇଲାଗେ...
ଦାଣ୍ଡପିଣ୍ଡାରେ ସନାଦାଦିର ବିଡ଼ିଧୂଆଁ
ତା’ପାଟିରେ ଅଟକିଗଲା
ଯେତେବେଳେ ଏ ବାସ୍ନା ତା’
ନାକରେ ବାଜିଲା...
ମଂଗୁଳି ଅଜାର ଖୋଲାମେଲା
ବାଡ଼ିରେ
କାଠପଟା ବ୍ୟାଟ, କନା ପେଣ୍ଡୁ ଧରି
ଧାଁ ଧପଡ଼ ଲାଗିଲା ଟେନ୍‌ଏଜ ଙ୍କର
ନୂଆ ବାଲକୋନୀରୁ ମଡର୍ଣ୍ଣ ମମିଙ୍କର
‘ପଳେଇ ଆସ, ବର୍ଷା ହେଲାଣି’
ଡାକରେ...
ଛାତରୁ ଟାଣିଓଟାରି
ଲୁଗା ତୋଳୁଥିବା ମଦନ ଭାରିଜାଟା
ଶୁଖିଲା ଲୁଗା ଓଦା ହେଉଥିବା ବେଳେ
ତା’ ପିନ୍ଧାଲୁଗା ଆଉ ଦେହର କିଛି ବି
ଭିଜୁଥିବା ଭଳି ଦୟନୀୟ ଅବସ୍ଥାକୁ
ଛେପ ଢୋକି ଲୋଭନୀୟ ଆଖିରେ
ଚାହିଁ ରହିଥାଏ ସାମ୍ନା ପିଣ୍ଡାରେ
ବିଡ଼ିଟା କେତେବେଳୁ
ଲିଭି ପାଉଁଶ ହେଇ ନାଳ ପାଣିରେ
ମିଶିଗଲା ପରେ ବି...ସନା ବୁଢ଼ାଟା...
ସବୁଜାକ ପିମ୍ପୁଡ଼ି ଉଭାନ ଏବେ ଗଳିରୁ
ଆଲଖୁଣ୍ଟ ମୂଳରେ ଆଡ୍ଡା ଜମଉଥିବା
କୁକୁର ପଲ ଏବେ କାହା ପଲାରେ
କେଜାଣି...
ଆଉ ମିଆଁଉ ତା’ ପଲଟନ ସହ
କୋଉ ବାବୁଙ୍କ କୋଠାର ସିଡ଼ି ପାହାଡ
ତଳେ
ମାରୁଥିବେ ଏବେ ଘୁଙ୍ଗୁଡ଼ି...
ଏଇଯେ ସକାଳଟାରୁ ପାଦ ଥାପିଛି
ଆମ ଗଳିରେ ବର୍ଷାଟା ପାଗକୁ ନରମ
କରେଇ
ଝିଲି ବୋଉ କୋଉ ଯାଇପାରୁଛି
ଛକକୁ
ଶେଉଳ କି ରୋହି ଟେ ପାଇଁ
ନା କୋଉ ମାଛବାଲା ଆସିବ ଏ
ପାଗରେ
ଗଳିରେ ମାଛ ନବ ମାଛ ଡାକ
ପକେଇ...
ମୌକା ଟେ ମିଳିଛି ତ ଝିଲି ବାପାଙ୍କୁ
ଗାରେଇବାକୁ ବର୍ଷାକୁ ଅଗାଧୁଆ...
ହିନସ୍ଥା ଇଂଗ୍ଲିସ ମିଡିଅମ ଛୁଆ
ନା ରେନିକୋଟ ନା
ବାପା/ମାଆ ଡ୍ରାଇଭ କରୁଥିବା ସ୍କୁଟି
ଓଦାରୁ ରକ୍ଷା କରିପାରୁଥିବେ
ବାହାର ବର୍ଷାରୁ ଆଉ ଭିତର
ଝାଳରୁ...
ନଖିନାନୀ ଚାହା କମ ପାନବିଡ଼ି
ଦୋକାନଟା
କିନ୍ତୁ ଖୁବ୍ ସତେଜ ତା’ ବିଡ଼ି ଧୂଆଁରେ
ଗଳି ସାମ୍ନା ମୁଖ୍ୟ ରାସ୍ତାରେ
ମଟନ ଥଳି ଧରି ଫେରୁଥିବା
ବରମୁଣ୍ଡା ପିନ୍ଧା ଥିଲାବାଲାଙ୍କ
କୋଳାହଳରେ...
ହଅ ରାମୁଲୁର କି ଯାଏ
ଏ ଝିପିଝିପି ଅବା ଅଷାଢୁଆ ବର୍ଷାରୁ
ଫି ସନ ଭିଜେ ସେ ଆଉ
ଭିଜେ ତା’ ଗୁଜରାଣ
ଦେହସୁହା ହେଇଗଲାଣି ସବୁ
ତା’ ହାଣ୍ଡିଶାଳେ ଏବେବି
ଝୁଲୁଛି ଶିକା
ଆଉ ତା’ଭିତର ଓରିଆଳି ଶୁଖୁଆର
ବାସ୍ନାରେ
ଖୁବ୍ ସନ୍ତୁଷ୍ଟ ସବୁ ପରିସ୍ଥିତିରେ ଖାପ
ଖୁଏଇ ଚଳି ଆସୁଥିବା
ତା’ ମଳିମୁଣ୍ଡିଆ ପରିବାର ସହ
ପୁଷିଟି
ବାବୁଘର ବାସି ବାସନ,
ମଇଳା ଲୁଗା କିନ୍ତୁ
ହାତ ଠାରି ଡାକେ ଗୁରୁଆରୀକୁ
ବାହାରିଯାଏ ଚିରାକାନୀଟିକୁ
ମୁଣ୍ଡରେ ଥୋଇ
ସଜ ସକାଳର ଝିପିଝିପି ବର୍ଷାରେ
ଭିଜୁଥିବା ଲୁଗାତଳ ଓଦା ଦେହକୁ
ନଜର ନଦେଇ
ରାମୁଲୁର ଶତ ବାରଣ ସତ୍ତ୍ୱେ...
ଦ୍ୱିପ୍ରହର ବେଳକୁ ମହମହ ବାସୁଥିବ
ମସଲା ବାସ୍ନାରେ ମୋ ଗଳିଟା
ଗଦା ହେବ ମାଛକଣ୍ଟା, ...କଣ୍ଟା,
ବଳକା ମାଂସ
ଆଲଖୁଣ୍ଟି ମୂଳରେ କାଲିକୁ କୁକୁରଙ୍କ
ଆହାର ପାଇଁ...
ମୋ ଗଳିକୁ ଆଜି ବର୍ଷା ଆସିଛି
ହଁ ଆଜି ବର୍ଷା ମୋ ଗଳିରେ...!

ମୋ: ୬୩୭୦୨୯୮୪୪୦

## ଗୋଲାପ ଫୁଲ

### ଉପେନ୍ଦ୍ର ନାଥ ପାତ୍ର

ବଗିଚାଟି ଆମ ଘର ଆଗର,
ନିତି ଫୁଟେ ଫୁଲ କେତେ ପ୍ରକାର ।
ନାଲି ଟୁକୁଟୁକୁ ଗୋଲାପ ଫୁଲ,
ମାମା କରେ ତାକୁ ଭାରି ଆଦର୧ ।
ମଲ୍ଲୀ ଗେଣ୍ଡୁଫୁଲ ତା’ ସାଥେ ଥାଏ,
ସକାଳେ ଦେଖିଲେ ମନକୁ ମୋହେ ।
ତୋଳି ଆଣେ ମାମା କରି ଯତନ,
ସୁନ୍ଦର ହାରଟେ କରେ ଗୁନ୍ଥନ ।
ଯାଇଥାଏ ନିତି ଠାକୁର ଘର,
ନେଇଥାଏ ସାଥେ ତା’ ପ୍ରିୟ ହାର ।
ଭକ୍ତିଭରେ ମାମା ହାର ପିନ୍ଧାଏ,
ପୂଜା ସାରି ମୋତେ ଭୋଗ ଖୁଆଏ ।
ସ୍କୁଲ ବେଳ ହେଲେ ମୋତେ
ପଠାଏ,
ଗୋଲାପ ଫୁଲଟେ ମୋ ହାତେ
ଦିଏ ।


ମୁଖ୍ୟସମ୍ପାଦକ- ‘କେଦାରଶ୍ରୀ’
ମାର୍ଫତ୍- ଇଂ. ତ୍ରିଦ୍ୱୀପ କୁମାର ପାତ୍ର
ପ୍ଲଟ ନଂ- ୨୫୪/୪୦୦୨, ଷ୍ଟାର୍
ସିଟି, ପଟିଆ, ଭୁବନେଶ୍ୱର-୨୪



# ଏପାରି ସେପାରି



**ସନ୍ତୋଷ କୁମାର ପଟ୍ଟନାୟକ**

ଚାଳିଶ ବର୍ଷ ପରେ ତୁମେ ମୋତେ ଫୋନ କଲ। କେମିତି ଜାଣିଥାନ୍ତି ତୁମେ ଫୋନ କରୁଛ ବୋଲି। ପଚାରିଲି ତୁମେ ତ ଅନେକ କଥା ମୋ ବିଷୟରେ ଓ ମୋ ପରିବାର ବିଷୟରେ କହୁଛ । ତେଣୁ ନିଶ୍ଚୟ କେହି ପରିଚିତା ହୋଇଥିବ । ପରିଚୟ ଦେଲେ ଖୁସି ହୁଅନ୍ତି ।

ତୁମେ କହିଲ ହଁ। କିନ୍ତୁ ମୋ ପରିଚୟ ତ ଅନେକ ଦିନ ତଳୁ ହଜି ଯାଇଛି । କେବଳ ନାଁ ଟା ମନେ ଅଛି। ହେଲେ ଆପଣଙ୍କର କଣ ମୋ ନାଁ ମନେଥିବ। କୁହନ୍ତୁନା ମନେ ନଥିଲେ ମନେ ପଡିବନି। ଆପଣଙ୍କର ମନେ ଅଛି । ପଳାସପୁର ? କୋଉଠି ସେଇଟା ? ମନେ ପଡୁନିଟି । ଜାଣେ ଆପଣଙ୍କର କିଛି ବି ମନେ ନଥିବ। ଫୋନ ରଖି ଦେଉଛି । ତୁମ ଇଛା । ମନେତ ପଡୁନି ଆଉ କଣ କରିବି । ନାଁ ଟା କହିଲେ ହୁଏତ ମନେ ପଡି ପାରେ।

ଯଦି ନାଟାଁବି ମନେନ ପଡିଲା ତେବେ ବହୁତ ଦୁଃଖ ଲାଗିବ ସେଥି ପାଇଁ କହୁନି ।

ତା ପରେ ତୁମେ କହିଲ ଆପଣଙ୍କର ସୁଦାନପୁର ମନେଅଛି ? ହଜି ଥିବା ମୁଦ୍ରିକା ପାଇ ରାଜା ଦୁଷ୍ମନ୍ତଙ୍କର ପୂର୍ବ ସ୍ମୃତି ଫେରି ଆସିଲା ପରି ଦୂର ଅତୀତର ସେହି ସ୍ମୃତି ହଠାତ ମନରେ ଜାଗିଉଠିଲା।

ଆରେ ତୁମେ ପୁଷ୍ପା କହୁଛ କି ? ମନେ ପଡିଲା ଏଥର। ମୋର ତ ମନେ ପଡିଲା ହେଲେ ଏତେ ବର୍ଷ ପରେ ତୁମର ମୋ କଥା ମନେ ପଡିଲା କେମିତି ? ପୁଣି ମୋ ବିଷୟରେ ଏତେ ଖବର ପାଇଲ କୋଉଠୁ ।

ନିର୍ବାସିତା ସୀତାଙ୍କର କିଛି ଖବର ପ୍ରଭୁ ରାମଚନ୍ଦ୍ରଙ୍କ ପାଖରେ ନଥିଲା । କିନ୍ତୁ ସୀତାଙ୍କ ପାଖରେ ରାମଚନ୍ଦ୍ରଙ୍କର ସବୁ ଖବର ଥିଲା । ପ୍ରଭୁ ଅଶ୍ୱମେଧ ଯଜ୍ଞ କରୁଛନ୍ତି ସୁବର୍ଣ୍ଣ ସୀତାର ପ୍ରତିମା ନିର୍ମାଣ କରାଇଛନ୍ତି ଏହି ପରି ସବୁ ଖବର । ବହୁତ ଧନ୍ୟବାଦ ପୁଷ୍ପା । ତପସ୍ୱିନୀ କାବ୍ୟ ମୁଁ ତୁମକୁ ପଢାଉ ଥିଲି ଆଜି ତୁମେ ମୋତେ ପଢାଉଛ । କୋଉଠୁ ତୁମେ ପଢିଲ ନିର୍ବାସିତା ସୀତାଙ୍କର ସ୍ମୃତି ରାମଚନ୍ଦ୍ର ସଂପୂର୍ଣ୍ଣ ରୂପେ ଭୁଲି ଯାଇଥିଲେ । ସୀତାଙ୍କ ପ୍ରତି ପୂର୍ବସ୍ନେହ ପ୍ରେମ ତାଙ୍କ ଅନ୍ତରରେ ନ ଥିଲା ?

ସେହି ପରି ତୁମ ସ୍ମୃତି ଏବେବି ମୋ ମନରେ ଅଛି । ପରିସ୍ଥିତିରେ ପଡି ହୁଏତ ତୁମର ଖବର ମୁଁ ରଖିପାରିନି ଯୋଗା ଯୋଗ ରଖି ପାରିନି । କେମିତି ବା ରଖିଥାନ୍ତି । ଚାଳିଶ ବର୍ଷ ତଳେ ଯୋଗା ଯୋଗର ମାଧମ କଣ ଥିଲା, ଚିଠି ନଚେତ ଲ୍ୟାଣ୍ଡ ଫୋନ । ତୁମେ ତ ବିବାହ କରି ଚାଲିଗଲ । ଚିଠି ଦେଇଥିଲେ କି ଫୋନ କରିଥିଲେ ତୁମର ହୁଏ ତ ଅସୁବିଧା ହୋଇଥାନ୍ତା । ତଥାପି ଯେତେବେଳେ ସୁବିଧା ପାଇଛି ତୁମ ଖବର ରଖିଛି । ଥରେ ତୁମ ସ୍ୱାମୀଙ୍କ ସହିତ ରାଉରକେଲାର ଏକ ସରକାରୀ ଅଫିସରେ ଦେଖା ହୋଇଥିଲା । ତୁମ କଥା ପଚାରି ବୁଝିଥିଲି । ତୁମେ ସେତେ ବେଳେ ପୁରୀରେ ଥିଲ । ରାଉରକେଲାରେ ଥିଲେ ହୁଏତ ତୁମ ସଂଗେ ଦେଖା ହୋଇ ପାରିଥାଆନ୍ତା । ହଁ ସେ ମୋତେ ଆପଣଙ୍କ କଥା କହିଥିଲେ । ବିବାହର ପନ୍ଦର ବର୍ଷ ସେତେବେଳକୁ ହୋଇ ଯାଇ ଥିଲା।

ପଚାରିଲି ବାବୁ ତ ରିଟାର୍ଡ କରି ଯିବେଣି । କୋଉଠି ରହୁଛ ପୁରୀରେ। ନାଁ ମୁଁ ଆମ ଗାଁ ରେ ରହୁଛି । ଗାଁରେ ରହୁଛ ? ହଁ ଝିଅ ସହିତ । ଆଉ ବାବୁ ? ସେ ଚାଲି ଗଲେଣି। ଆପଣଙ୍କ ବଂଧୁ ଆଉ ନାହାନ୍ତି । ତୁମେ କାନ୍ଦୁଥିଲ।

କଣ କହିବି କିଛି ଭାବି ପାରୁନଥିଲି ।

ମୁଁ ବର୍ତ୍ତମାନ ତୁମ ପାଖକୁ ଯିବି ପୁଷ୍ପା । ଆସିବେ । ଆଜିତ ରାତି ହେଇଗଲାଣି । କାଲି ଆସନ୍ତୁ । କେତେବେଳେ ଯିବି ? କୋଉଠିକି ତୁମ ଘରକୁ ? ନା ଆପଣଙ୍କ ସହିତ ମୋର ପ୍ରଥମ ଦେଖା ହୋଇଥିଲା ଯୋଉଠି ସେଇଠି କି ଠିକ୍ ଅପରାହ୍ନ ପାଞ୍ଚ ଟାରେ ଆସନ୍ତୁ ତା ପରେ ଘରକୁ ଯିବା । ହଉ ଠିକ ପାଞ୍ଚ ଟାରେ ଗାଁ ମନ୍ଦିର ପାଖରେ ଅପେକ୍ଷା କରିବ ହେଲା । ରହିଲି । ନମସ୍କାର ।

ତା ପର ଦିନ ବାହାରିଲି କାର ନେଇ । ମନେ ପଡୁଥାଏ ଅତୀତ ଦିନର ସେ ସବୁ ଅଭୁଲା କାହାଣୀ । ପୁଷ୍ପା ସହିତ ବିବାହ ପାଇଁ ନିର୍ବନ୍ଧ ହୋଇଥିଲା ଏହିମନ୍ଦିରରେ । କିନ୍ତୁ ପରେ ଆଉ ଗୋଟିଏ ପ୍ରସ୍ତାବ ଆସିଲା ବର ଥିଲେ ସରକାରୀ ଚାକିରୀଆ । ଭଲ ଦରମା ଉଚ ପୋଷ୍ଟ । ମାଆ ତାଙ୍କର ଜିଦ କଲେ ସେଇଠି ପୁଷ୍ପା ବାହାଘର କରିବାକୁ । ତା ପରେ କଣ ହେଲା ଜାଣେନି। ବାପା ମୋର କହିଲେ ବିବାହ ଭାଙ୍ଗି ଗଲା । କିଛି ଦିନ ଦୁଃଖ ଲାଗିଲା ପୁଣି ସବୁ ସ୍ୱାଭାବିକ ହୋଇଗଲା।

ମନ୍ଦିର ପାଖରେ ଗାଡି ରଖିଲି । ଦେଖିଲି ଧଳାରଙ୍ଗର ଶାଢୀଟିଏ ପିନ୍ଧି ଶୀର୍ଣ୍ଣ ଶରୀରଧାରୀ ଜଣେ ମହିଳା ହାତ ହଲାଇ ମୋତେ ସ୍ୱାଗତ କରୁଛନ୍ତି ।

ପାଖକୁ ଗଲି । କହିଲେ ଆଉ ଟିକିଏ ଡେରି କରିଥିଲେ ମୋତେ ଦେଖି ନ ଥାନ୍ତ । ତୁମେ ଏତେ ଦୁର୍ବଳ କାହିଁକି ଦେଖା ଯାଉଛ ପୁଷ୍ପା। ବ୍ଲଡ କ୍ୟାନସର ହୋଇଛି ପରା । ଚମକି ପଡିଲି । ଏ ଅବସ୍ଥାରେ ତୁମେ ଏଠିକି କାହିଁକି ଆସିଲ। ମୁଁ ତ ତୁମ ଘରକୁ ଯାଇ ପାରିଥାନ୍ତି । ଆସ ଘରକୁ ଯିବା ସେଇଠି କଥା ହେବା ହାତବଢାଇଲି ତାଙ୍କ ହାତ ଧରିବାକୁ । ଟିକିଏ ଦୂରେଇ ଗଲେ ସେ । ଭାବିଲି ବୋଧେ ଭୁଲ କଲି । ଅବିବାହିତ ବେଳେସିନା ତାଙ୍କହାତ ଧରୁଥିଲି। ବର୍ତ୍ତମାନ ସେ ସ୍ଥିତିନାହିଁ। ନିଜକୁ ସଂକୁଚିତ ମନେକଲି । ଭାବିଲି ଆଗସିଟ୍‌ରେ ହୁଏତ ସେ ବସିବାକୁ ସେ ରାଜି ହୋଇନପାରନ୍ତି। ନୀରବରେ ଗାଡି ପାଖକୁ ଆସି ପଛ ଡୋର ଖୋଲିଲି ।

ସେ ବସିଲେ । ମୁଁ ଡୋର ବନ୍ଦ କଲି । ଗାଁ ଆଡକୁ ଗାଡି ଚଲେଇଲି । ଠିକ୍ ତାଙ୍କ ଘର ଆଗରେ ଲୋକଙ୍କ ଭିଡ ଦେଖି ଗାଡି ଅଟକାଇଲି । ବାହାରକୁ ଆସି ଜଣଙ୍କୁ ପଚାରିଲି କଣ ହେଇଛି ଏତେ ଭିଡ କାହିଁକି ? ପୁଷ୍ପା ଚାଲିଗଲା ତ । ସେଇଥିପାଇଁ । ପୁଷ୍ପା ଚାଲିଗଲେ ? କୁଆଡେ ଚାଲିଗଲେ ?

ସେ ତ ମୋ ଗାଡିରେ ଅଛନ୍ତି । ବାବୁ ଆପଣଙ୍କର ମୁଣ୍ଡ ଖରାପ ହୋଇଛି ନା କଣ । ଗାଡି ପାଖକୁ ଫେରି ଦେଖେତ କେହି ନାହାନ୍ତି ।

ଘର ଭିତରକୁ ଗୋଟାଏ ହୋସରେ ପଶିଗଲି । ଦେଖିଲି ପୁଷ୍ପାଙ୍କର ସଦ୍ୟ ମୃତ ଶରୀର ଖଟରେ ପଡିରହିଛି। ଝିଅ ତାଙ୍କର ବସି କାନ୍ଦୁଛି । ମୋତେ ଦେଖି ବେଶୀ କାନ୍ଦିଲା । କହିଲା ଆପଣ ଆସିବେ ବୋଲି ମାଆ କହୁଥିଲା । ମରିବା ପୂର୍ବରୁ ବାରମ୍ବାର ପଚାରୁଥିଲା ଟାଇମ କେତେ ହେଲା ପାଞ୍ଚଟା ବାଜିବାକୁ ଆଉ କେତେ ସମୟ ଅଛି ? ତାଙ୍କୁ ରିସିଭ୍ କରିବାକୁ ମୁଁ ମନ୍ଦିର ପାଖକୁ ଯିବି ପରା ।

କେହିଜଣେ ଧଳାଲୁଗାରେ ପୁଷ୍ପାଙ୍କର ମୃତ ଦେହକୁ ଘୋଡାଉଥିଲା ।


+ବାଲକାଟୀ ଜି ,ଖୋର୍ଦ୍ଧା
ମୋ: ୮୩୨ ୮୮୨ ୨୬୯୬


# ବାପାଙ୍କ ମାଡ଼ !



**ରାଧାଶ୍ୟାମ ରାଉଳ**

ବାପା କେବେଠାରୁ ସ୍ୱର୍ଗବାସୀ ।

ଏବେ ବାପାଙ୍କ କଥା ମୋର ବହୁତ ମନେପଡେ।

ଦ୍ୱିତୀୟ କି ତୃତୀୟ ଶ୍ରେଣୀରେ ପଢୁଥିବା ବେଳର ଗୋଟିଏ ଘଟଣା। ସେଦିନ ଥିଲା ମଙ୍ଗଳବାର। ଆମ ଗାଁ ହାଟକୁ ମୁଁ ବୁଲି ଯାଇଥିଲି। ହାଟ ଭିତରେ ଘେରାଏ ବୁଲିଆସିବା ପରେ ବାପାଙ୍କ ପାଖରୁ ଦଶପଇସା ନେଇ ବୁଟସିଝା ଘୁଗୁନି ଖାଇଲି । ସେତେବେଳେ



ବାପାଙ୍କର ଗୋଟିଏ ବଡ ଲୁଗା ଦୋକାନ ଥିଲା ଆମ ଗାଁ ହାଟରେ ।

ସଂଜ ନଇଁବାପୂର୍ବରୁ ଘରକୁ ଫେରିବା ବାଟରେ ନିତେଇ ସାହୁ ବହି ଦୋକାନ ପାଖରେ କିଛି ସମୟ ପାଇଁ ମୁଁ ଅଟକି ଗଲି । ମାଣବସା ଲକ୍ଷ୍ମୀ ପୁରାଣଠାରୁ ଟୀକା ଗୋବିନ୍ଦଚନ୍ଦ୍ର ପର୍ଯ୍ୟନ୍ତ, ଶୁଆଶାରୀ କାହାଣୀଠାରୁ ଅବୋଲକରା କାହାଣୀ ପର୍ଯ୍ୟନ୍ତ, ସହଜ ଇଂରାଜୀ ଶିକ୍ଷାଠାରୁ ଛବିଳ ବର୍ଣ୍ଣବୋଧ ପର୍ଯ୍ୟନ୍ତ, ଖଡିରତ୍ନ ପଞ୍ଜିକାଠାରୁ ଓଡ଼ିଆ ଢଗଢମାଳି ପର୍ଯ୍ୟନ୍ତ; ଏମିତି ନାନା କିସମର ବହିର ପସରା ମେଲେଇଥାନ୍ତି ନିତେଇ ସାହୁ । ଏକାବେଳକେ ଏତେଗୋଡେ ବହି ଦେଖି ମୁଁ ତନ୍ମୟ, ବିଭୋର ହୋଇଗଲି । ସତେଯେମିତି ବହିମାନେ ମୋ ଆଡ଼କୁ ଚାହିଁ ଖିଲିଖିଲି ହସୁଥିଲେ, ହାତଠାରି ମୋତେ ସରାଗରେ ପାଖକୁ ଡାକୁଥିଲେ !

ଲୋଭସମ୍ବରଣ କରିନପାରି ନିତେଇ ସାହୁଙ୍କ ଅଲକ୍ଷ୍ୟରେ ଦୋକାନର ସାମ୍ନାଆଡକୁ ଥୁଆ ହୋଇଥିବା 'ଅବୋଲକରା କାହାଣୀ' ବହିଟିକୁ ମୁଁ ଆସ୍ତେକିନା ଉଠେଇନେଲି ଓ ସେଠାରୁ ଚମ୍ପଟ ମାରି ସିଧା ଯାଇ ଘରେ ପହଂଚିଗଲି । ପରେ କିନ୍ତୁ ନିତେଇ ସାହୁ ଏ ସମ୍ପର୍କରେ ଜାଣିପାରି ବାପାଙ୍କ ପାଖରେ ସିଧାସଳଖ ଅଭିଯୋଗ କଲେ, 'ସଚିନ୍ଦ୍ର ଭାଇ, ତମ ସାନପୁଅ ମୋ ଦୋକାନରୁ ଖଣ୍ଡେ ବହି ଚୋରି କରିନେଇଯାଇଛି ।'

ବାପା ଥିଲେ ଜ୍ଞାନୀ ଓ ସ୍ୱାଭିମାନୀ ଲୋକ । ଗୀତା , ଭାଗବତ, ପୁରାଣ ଶାସ୍ତ୍ର ଉପରେ ତାଙ୍କର ଥିଲା ଅଗାଧ ପାଣ୍ଡିତ୍ୟ । ଆଖପାଖ ଅଞ୍ଚଳରେ ଲୋକମାନେ ତାଙ୍କୁ ମାନୁଥିଲେ, ସମ୍ମାନ ଦେଉଥିଲେ। ନିତେଇ ସାହୁ ମୁହଁରୁ ମୋ ବହି ଚୋରି କଥା ଶୁଣି ତାଙ୍କୁ ଭାରି ବାଧିଲା । ମୋ ଉପରେ ତାଙ୍କ କ୍ରୋଧ କେନ୍ଦ୍ରୀଭୂତ ହେଉଥିଲେ ବି ନିତେଇ ସାହୁଙ୍କୁ ସେ ନିମ୍ନ ସ୍ୱରରେ ବୁଝେଇ କହିଲେ, 'ଶୁଣ ନିତେଇ, ଛୋଟ ଛୁଆ ସେ । ଜାଣିପାରିନି, ଭୁଲ କରିଦେଇଛି । ହଉ ତୁମେ ଯାଅ, ମୁଁ ତା ପାଖରୁ ବହି ଆଣି ତମକୁ ଫେରେଇ ଦେବି ।'

ସନ୍ଧ୍ୟାରେ ଶୀଘ୍ର ଦୋକାନ ବନ୍ଦ କରି ବାପା ଘରକୁ ଫେରିଲେ ।

ମୁଁ ଡିବିରି ଆଲୁଅରେ ପିଣ୍ଡାରେ ବସି ପଣିକିଆ ଘୋଷି ଚାଲିଥିଲି; ଷୋହଳ ଏକେ ଷୋହଳ, ଷୋହଳ ଦୁନେ ବତିଶି...

ଦୁଆରବନ୍ଧ ସେପଟେ ଥାଇ ବାପା ଚିତ୍କାର କରି ଉଠିଲେ, 'କୁଆଡ଼େ ଗଲା କଟିଛୁଆ ( ମୋ ଡାକ ନାଁ ) ?' ମୁଁ ଭୟ ପାଇ ବସିବା ଜାଗାରୁ ଉଠି ପଳେଇଯିବାକୁ ବାହାରିଥିବା ବେଳେ ବାପା ଚଟକିନା ଧରିନେଲେ ମୋ ଡାହାଣ ହାତକୁ ।

ପାଖରେ ବସି ପରିବା କାଟୁଥିବା ଅହଲ୍ୟା ନାନୀ, ଅଳ୍ପଦୂରରେ ଭୁଜା ଭାଜୁଥିବା ମାଆ ଏ ବାବଦରେ କିଛି ବୁଝିବା ଆଗରୁ ବାପା ମୋ ହାତ, ଗୋଡ଼, ପିଠି, ପେଟ ଉପରେ ବସେଇ ଚାଲିଥିଲେ ଚାପୁଡ଼ା ପରେ ଚାପୁଡ଼ା ଆଉ କହୁଥିଲେ, 'ବଦମାସ୍, ଚୋର, କୁଳାଙ୍ଗାର ! ଚୋରି କରି ମୋ ମାନଇଜ୍ଜତ ପକେଇଲୁ । ଆଜି ତୋତେ ଛାଡିବିନି। ମାରିମାରି ମାରିଦେବି ।'

ମାଆ ଧାଇଁଆସି ବାପାଙ୍କୁ ରୋକିବାକୁ ଚେଷ୍ଟାକରି ବିଫଳ ହେଲେ। ଅହଲ୍ୟା ନାନୀ (ବଡ ଭଉଣୀ) କାନ୍ଦକାନ୍ଦ ହୋଇ କହୁଥିଲେ, 'ଏ ବାପା, ତାକୁ ଆଉ ମାରନି ।' ବାପାଙ୍କର କ୍ରୋଧ କିନ୍ତୁ ଶାନ୍ତ ହେଉନଥିଲା । ମାରିଚାଲିଥିଲେ ସେ ଆଉ ମୁଁ ଯନ୍ତ୍ରଣାରେ ଧକେଇ ଧକେଇ କାନ୍ଦୁଥିଲି ।

ଉପାୟଶୂନ୍ୟ ହୋଇ ଶେଷରେ ବାପାଙ୍କ ଦୁଇ ଗୋଡ଼କୁ ଜାବୋଡିଧରି ମୁଁ କହିଲି, 'ମୋତେ ଛାଡିଦିଅ ବାପା, ଆଉ କେବେ ବି ମୁଁ ଏ କାମ କରିବିନାହିଁ ।'

ମୋର ସେତିକି କଥାରେ, ବାପାଙ୍କର ମନ ବଦଳିଗଲା, ହୃଦୟ ତରଳିଗଲା, କ୍ରୋଧର ପାରଦ ଖସିଗଲା ତଳକୁତଳ । ସେ ନରମ ସ୍ୱରରେ ' ଆରେ ମୋ ଗୋଡ଼ ଧରିଛୁ କଣ, ଛାଡୁନୁ' ଉଚ୍ଚାରଣ କରିବା ଉତ୍ତାରେ ମୁଁ ଛାଡିଦେଲି ତାଙ୍କ ଗୋଡ ଯୋଡିକୁ । ତାପରେ ସେ ଆଉ କିଛି ନକହି ଚୁପଚାପ୍ ଘର ଭିତରକୁ ଚାଲିଗଲେ।

ଭଲମନ୍ଦ, ଭୁଲଠିକର ବିଚାର, ରାଗରୁଷା, ମାନଅଭିମାନର ଅର୍ଥ/ଗୁରୁତ୍ୱ ମୋତେ ଜଣାନଥିଲା ସେତେବେଳେ । ମନକୁ ଆସିଥିଲା; ମୋର ଭୁଲ ପାଇଁ ବାପା ମୋତେ ଶାସ୍ତି ଦେଲେ ।

ବାପାଙ୍କର ସେଦିନର ମାଡ଼ ମୋ ଜୀବନର ମୋଡ଼ ବଦଳେଇ ଦେଇଥିଲା ନିଶ୍ଚୟ । ନୋହିଲେ ବହି ଚୋରିରୁ ବଢି ହୁଏତ ଆଉକିଛି ବଡ ଧରଣର ଚୋରି କି ଡକେଇତି କରିବସିଥାନ୍ତି ମୁଁ ପରବର୍ତ୍ତୀ ଜୀବନରେ। ଜଣେ ଚାକିରିଆ ଓ ସାହିତ୍ୟିକ ହିସାବରେ ମୋର ହୁଏତ ଆଉ ପରିଚୟ ନଥାନ୍ତା ଆମ ସମାଜରେ ।


+ ଡ୍ୟୁପ୍ଲେକ୍ସ : ୧୦ (ବି)
ବୀମାବିହାର, ମର୍କତନଗର,
ସେକ୍ଟର: ୬, କଟକ: ୭୫୩୦୧୪
ମୋ: ୯୪୩୭୦୯୦୯୮୫


# ମା' ଓ ମୋବାଇଲ

**ସନ୍ତୋଷ ମିଶ୍ର**



ସନ୍ଧ୍ୟାରେ ଉଦଳା ବଜାରରେ କିଛି ଆବଶ୍ୟକୀୟ ଜିନିଷ ପତ୍ର କିଣାକିଣି କରୁଥିବା ସମୟରେ ହଠାତ୍ ଗାଁରେ ଆମ ଘର ପାଖରେ ରହୁଥିବା ଜଣେ ଲୋକ ସହିତ ଦେଖା ହୋଇଗଲା। ଦେଖୁଁ ଦେଖୁଁ ସେ କହି ଉଠିଲେ - ଆରେ ରାକେଶ ତୋ ମାଆ ଦେହ ଖରାପ। ଖବର ପାଇଛୁ ? ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି - କାଇଁ ନାହିଁତ ! କଣ ହେଇଚି କି ? ସେ କହିଲେ - ମାଆକୁ ଜ୍ୱର ହୋଇଥିଲା। ଥଣ୍ଡା ଜ୍ୱର। କାନରୁ ପାଣି ବାହାରୁଥିଲା । ଭିତରେ ଯନ୍ତ୍ରଣା ବି ହେଉଥିଲା। ଯାହାକୁ ଦେଖୁଥିଲା କହୁଥିଲା - ରାକେଶକୁ ଟିକେ ଖବର ଦେବ। ସେ ଆସି ମୋତେ ନେଇଯିବ। ଡ଼ାକ୍ତରଙ୍କୁ ଦେଖାଇବ। ମୋ ଦେହ ଭଲ ହୋଇଯିବ।

ମାର୍କେଟିଙ୍ଗ୍ କାମ ସ୍ଥଗିତ ରଖି ବାଇକ ଧରି ତୁରନ୍ତ ଗାଁକୁ ବାହାରି ପଡ଼ିଲି। ଉଦଳାରୁ ଆମ ଗାଁ ମାତ୍ର ୬ କିମି। ବାପାଙ୍କ ଦେହାନ୍ତ ପରେ ମା ଏକାକୀ ଗାଁରେ ରହୁଥିଲା। ମୁଁ ଉଦଳାରେ ଏବଂ ବଡ଼ ଭାଇ ରମେଶ ବାଲେଶ୍ୱରରେ। ଚାକିରୀ କରୁଥିବା ଯୋଗୁ ଗାଁରେ ରହିବା ସୁବିଧା ଜନକ ନଥିଲା। ପୁନଶ୍ଚ ଗାଁକୁ ଯିବା ପାଇଁ ବଡ଼ ପ୍ରତିବନ୍ଧକ ଥିଲା ନଦୀ। ଗାଁ ଛାଡି ପୁଅ ମାନଙ୍କ ପାଖରେ ରହିବାକୁ ଅମଙ୍ଗ ହେଉଥିଲା ମା। କହୁଥିଲା - ଏଇ ଗାଁର ଝିଅ ଥିଲି। ବୋହୁ ହେଲି। ପିଲା ଛୁଆଙ୍କର ମା ହେଲି। ପିଲାମାନେ ଏଇ ଗାଁର ପାଣି ପବନରେ ବଢି ମଣିଷ ହେଲେ। ବାହାରେ ଚାକିରୀ କରି ରହିଲେ। ମୁଁ ବି ବୁଢ଼ୀ ହେଲିଣି। ଆଉ ବା କେତେ ଦିନ। ଏଠାରେ ଥାଇ ପ୍ରତିଦିନ ମୋ ବାପ ଘର, ଶାଶୁ ଘର ଲୋକଙ୍କୁ ଦେଖୁଚି... ଆତ୍ମୀୟ ସ୍ୱଜନ , ସାଇ ପଡ଼ିଶା ସମସ୍ତଙ୍କୁ ଦେଖୁଚି। ସହରରେ ରହୁଥିବା ପୁଅମାନଙ୍କ ପାଖରେ କାହିଁକି ରହୁନ... ଗାଁରେ ଯାବତୀୟ ଅସୁବିଧା ଭିତରେ କାହିଁକି ରହୁଚ ବୋଲି ପଡ଼ୋଶିମାନଙ୍କ ମଧ୍ୟରୁ କେହି କେବେ ପଚାରିଲେ ମା କହେ- ସହରରେ କେମିତି ଗୋଟେ ଅଚିହ୍ନା ଅଚିହ୍ନା ପରିବେଶ। ମୁଖା ପିନ୍ଧା ଲୋକ ଗୁଡ଼ାକୁ ଚିହ୍ନିବା ଭାରି କଷ୍ଟ। ସବୁବେଳେ ବ୍ୟସ୍ତ ବିବ୍ରତ ଭାବର ପ୍ରଦର୍ଶନ...ମୁହଁରେ କେମିତି ଗୋଟେ ଝୁଲନ୍ତା କୃତ୍ରିମ ହସ। ଅଦ୍ଭୁତ ଲାଗନ୍ତି ସହରୀ ଲୋକେ। ଗାଁରେ କିନ୍ତୁ ପ୍ରାକୃତିକ ପରିବେଶ। ଖୋଲା ହସ। ଖୋଲା କଥା। କଳ ନାଦିନୀ ନିର୍ଝରଣୀ ଭଳି। ନାଇଁରେ ବାବୁ, ମୋ ଗାଁ ଭଲ ତ ମୁଁ ଭଲ।

ଗାଁ ମୁଣ୍ଡରେ ସିନ୍ଦୂର ମୁଣ୍ଡି ଠାକୁରାଣୀକୁ ମୁଣ୍ଡିଆ ମାରି ଦୁଇ ଫଟା ସିନ୍ଦୂର ମାନସିକ କରି କହିଲି - ମା ଲୋ ...ମୋ ମାଆ ଦେହ ଶୀଘ୍ର ଭଲ ହୋଇଯାଉ। ଘର ସାମ୍ନାରେ ପହଞ୍ଚି ମା'କୁ ଡାକିଲି। ମା କବାଟ ଖୋଲିଲା। ଯେମିତି ମୋତେ ଅପେକ୍ଷା କରିଥିଲା। ମୋତେ ଦେଖି ଖୁସିରେ ଉଚ୍ଛୁଳି ପଡ଼ି କହିଲା - ମୁ ଜାଣିଥିଲି ଆଜି ତୁ ଆସିବୁ। ମୁଁ ଆହ୍ଲାଦିତ ହୋଇ କହିଲି - ହଉ ବାହାର ଉଦଳା ଯିବା।

ଉଦଳା ଆସିବାର ମାତ୍ର ୪/୫ ଦିନ ମଧ୍ୟରେ ଡାକ୍ତରୀ ଚିକିତ୍ସା ଫଳରେ ମା ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲା। ତାପରେ ଆରମ୍ଭ ହେଲା ପୁରୁଣା ରୋଗ - ଚାଲ ମୋତେ ଗାଁରେ ଛାଡି ଦେଇ ଆସିବୁ। ମୁଁ କହିଲି - ଏବେ ଏବେ ସୁସ୍ଥ ହେଲୁ। ଆଉ କିଛି ଦିନ ଯାଉ। ବ୍ୟସ୍ତ ହେଉଛୁ କାହିଁକି। ମାଆ କହିଲା - ଘରେ ତାଲା ପଡ଼ିଥିଲେ ବି ଚୋରି ହେବା କିଛି ଅସମ୍ଭବ ନୁହେଁ। ଦୁଶ୍ଚିନ୍ତାରେ ରାତିରେ ସୁନିଦ୍ରା ହେଉନି। ନିହାତି ଗାଁକୁ ଫେରି ଯିବାକୁ ପଡ଼ିବ। ଅଧିକ ବୁଝେଇବା ନିରର୍ଥକ ଜାଣି ମାଆ କଥାରେ ସମ୍ମତି ଜଣାଇଲି।

ଆବଶ୍ୟକୀୟ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ଜିନିଷ, ଔଷଧ ପତ୍ର ସହ ମାଆକୁ ଗାଁରେ ଛାଡି ଆସିଲି। ଆସିବା ବେଳେ ଦେଖିଲି ମାଆର ଲୁହ ଛଳ ଛଳ ଆଖି, ଥମ ଥମ କାନ୍ଦୁରା ମୁହଁ । ଅଶ୍ରୁ ବିଗଳିତ କଣ୍ଠ - ଆଉ କେବେ ଆସିବୁ ? ମା ହାତରେ ଗୋଟେ ନୂଆ ନୋକିଆ ମୋବାଇଲ ଦେଇ କହିଲି - ମା ତୋ ପାଇଁ ଆଣିଥିଲି ।ଭିତରେ ସିମ୍ ଅଛି। ସବୁଦିନେ ସନ୍ଧ୍ୟାରେ କଲ କରିବି। କଣ ଦରକାର, ସୁବିଧା ଅସୁବିଧା ସବୁ କଥା କହିବୁ। ଯାହା ଦରକାର ଆସିଲା ବେଳେ ନେଇ ଆସିବି। ଦେହ ଖରାପ ହେଲେ ସଙ୍ଗେ ସଙ୍ଗେ ଜଣାଇବୁ। ମାଆର ଆଶ୍ଚର୍ଯ୍ୟ ବିସ୍ଫାରିତ ଆଖିରେ ବିଜୁଳିର ଝଲକ। କଥା ସରୁ ସରୁ ମା ମୋତେ କୁଣ୍ଢାଇ ଧରି ଛୋଟ ପିଲାଟି ପରି ଗେଲ କରୁ କରୁ କହିଲା - ମୋ ବାପାର ମୋ ପାଇଁ କେତେ ଚିନ୍ତା ! ମୋବାଇଲ ଥିଲେ ଲାଗିବ ଯେମିତି ତୁ ମୋ ପାଖେ ପାଖେ ଅଛୁ। ଏବେ ତୁ ନିଶ୍ଚିନ୍ତ ହୋଇ ଯାଆ। ମୁଁ ଖୁବ୍ ଖୁସିରେ ରହିବି। ମୋର ଆଶୀର୍ବାଦର ହାତ ସବୁବେଳେ ତୋ ମୁଣ୍ଡ ଉପରେ ରହିଥିବ !


+ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ
ଜ୍ୟୋତିନଗର ,ଉଦଳା ଏନ୍. ଏ.ସି., ୱାର୍ଡ ନଂ - ୧୨
ପୋ/ଉଦଳା,ଜିଲ୍ଲା - ମୟୂରଭଞ୍ଜ ,ପିନ୍ - ୭୫୭୦୪୧
ମୋବାଇଲ ନୋ -୭୦୦୮୨୩୭୬୫୦

# ତୃତୀୟଥର ହେବେ ବିସ୍ଥାପିତ : ଭୟରେ ୬ ଗାଁ ଲୋକ



ଝାରସୁଗୁଡ଼ା , ୨୩/୦୭ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ଲଖନପୁରକୁ ଛାଡୁନି ବିସ୍ଥାପନ ଦୁଃଖ। ୭୦ ବର୍ଷରେ ଦୁଇଥର ବଦଳିଲାଣି ଠିକଣା। ଏବେ ଆଉ ଏକ ବିସ୍ଥାପନର ଦୁଃଖ ଦୁଆର ମୁହଁରେ। ହୀରାକୁଦର ବୁଡ଼ି ଅଞ୍ଚଳ ପାଇଁ ବିସ୍ଥାପିତ ହୋଇଥିବା ଲୋକେ ଅନ୍ୟ ସ୍ଥାନରେ ଆସି ଘର ଗଢ଼ିଥିଲେ। କୋଇଲା ଖଣି ପାଇଁ ସେହି ଘର ଖଣ୍ଡିକ ଗଲା। ସେଠୁ ବିସ୍ଥାପିତ ହୋଇ ଅନ୍ୟଠି ପୁଣିଥରେ ଘର ତୋଳିଥିଲେ। ଆଶା ଥିଲା ଅନ୍ତତଃ ଏବେ ଆଉ ବିସ୍ଥାପନର କଷ୍ଟ ଭୋଗିବାକୁ ପଡ଼ିବନି। ହେଲେ ପୁଣି ଏକ କୋଇଲା ଖଣି ପାଇଁ ଏବେ ଲଖନପୁର ବ୍ଲକର ଆଉ ୬ଟି ଗାଁର ଲୋକଙ୍କୁ ବିସ୍ଥାପିତ ହେବାକୁ ପଡ଼ିବ। ନିକଟରେ ବେଦାନ୍ତ କମ୍ପାନିକୁ ଏକ କୋଇଲା ଖଣି ମିଳିଥିବା ବେଳେ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତୁତି ଆରମ୍ଭ ହେଲାଣି।

କୁଡ଼ାଲୋଇ(ଏ) ନର୍ଥ କୋଲ୍ ବ୍ଲକ୍ ପାଇଁ କମ୍ପାନିକୁ ମୋଟ ୨୩୮୫.୯୪୩ ଏକର ଜମି ଲିଜ୍ ସୂତ୍ରରେ ମିଳିଛି। ଏଥିରୁ ୫୨୭.୨୩୦ ଏକର ଜଙ୍ଗଲ ଜମି ରହିଥିବା ବେଳେ ୬୧୬.୦୩୮ ଏକର ସରକାରୀ ଜମି ରହିଛି। ବଳକା ୧୨୪୮.୬୮ଏକର ଘରୋଇ ଜମି ରହିଛି। ଏହି କୋଇଲା ଖଣି ପାଇଁ ଲଖନପୁର ବ୍ଲକ ବଞ୍ଜାରି ଗ୍ରାମର ୬୬୬.୩୩୬ ଏକର, ବରତାପ ଗ୍ରାମର ୨୬୮.୦୧୪ ଏକର, ବେଲପାହାଡ଼ର ୩୧୬.୯୨୭ ଏକର, ଧରୁଆମୁଣ୍ଡାର ୦.୩୯୨ ଏକର, କୁଡ଼ାଲୋଇର ୧୮୯.୭୬୩ ଏକର ଓ ପିପିଲିମାଲର ୯୪୪.୫୧୧ ଏକର ଜମି ଯିବ। ଅର୍ଥାତ୍ କୋଇଲା ଖଣି ପାଇଁ ଏହିସବୁ ଗାଁ ଭିତରୁ କିଛି ସମ୍ପୂର୍ଣ୍ଣ ଓ କିଛି ଆଂଶିକ ଭାବେ ମାନଚିତ୍ରରୁ ହିଁ ଲିଭିଯିବ। ବଡ଼ତାପର ଜୟବୁଡ଼ିଆ ଗ୍ରାମର ଗୋପୀନାଥ ମାଝୀଙ୍କ କହିବାନୁସାରେ, ବରତାପର ଜୟବୁଡ଼ିଆ, କୁଡ଼ାଲୋଇ ପଞ୍ଚାୟତର ବନ୍ଧପଡ଼ା, ପରଧିଆପଡ଼ା, ପିପିଲିମାଲର ପିପିଲିମାଲ, କଟୁଜୋର, ବଢ଼େଇପଡ଼ା, କଦେଲପିଟା, ଖଡ଼ିଆପଡ଼ା, ବଞ୍ଜାରିର ସମ୍ପୂର୍ଣ୍ଣ ଗାଁ ଓ ଧରୁଆମୁଣ୍ଡାର ଅଧା ଲୋକ ବିସ୍ଥାପିତ ହେବେ। ଏହିସବୁ ଗ୍ରାମର ଅନ୍ୟୂନ ୯୦୦ ପରିବାର ବିସ୍ଥାପିତ ହେବେ। ଜୟବୁଡ଼ିଆ, ବରତାପ, ବଞ୍ଜାରି ଉପରପଡ଼ାର ଶତାଧିକ ପରିବାର ହୀରାକୁଦ ବିସ୍ଥାପିତ। ୧୯୫୦ ମସିହାରେ ହୀରାକୁଦ ନଦୀବନ୍ଧ ପାଇଁ ଏହିସବୁ ପରିବାର ବିସ୍ଥାପିତ ହେବା ପରେ ନୂଆ ଘର ତୋଳି ଏହି ଅଞ୍ଚଳରେ ବସତି ଆରମ୍ଭ କରିଥିଲେ। ଏମ୍ସିଏଲ୍ କୋଇଲା ଖଣି ପାଇଁ ମାତ୍ର ବର୍ଷକ ତଳେ ଜାମକାନିର ପ୍ରାୟ ୫୦ ପରିବାର ବିସ୍ଥାପିତ ହୋଇ ପିପିଲିମାଲ୍କୁ ଆସିଥିଲେ। ଏହା ପୂର୍ବରୁ ଖୁଆରିକାନିର ଲୋକେ ମଧ୍ୟ କୋଇଲା ଖଣି ପାଇଁ ବିସ୍ଥାପିତ ହେବା ପରେ ଏହି ଅଞ୍ଚଳରେ ଆସି ରହିଥିଲେ। ମାତ୍ର ଠିକଣା ବଦଳିବାର ବର୍ଷକ ଭିତରେ ପୁଣି ଥରେ ଏହି ଅଞ୍ଚଳବାସୀ ବିସ୍ଥାପିତ ହେବେ। ଝାଳବୁହା ଟଙ୍କାରେ କରିଥିବା ଘର ଭାଙ୍ଗିବାର କଷ୍ଟ, ବାପା-ଅଜାଙ୍କ ସନ୍ତକ ଚାଷ ଜମି ଖଣ୍ଡିକ ଚାଲିଯିବାର ଦୁଃଖ, ଜାଗା ପରିବର୍ତ୍ତନ ହେବା ପରେ ରୋଜଗାରର ନୂଆ ପନ୍ଥା ଖୋଜିବାର ଯନ୍ତ୍ରଣା ସାଙ୍ଗକୁ ନୂଆ ଜାଗାରେ ନିଜକୁ ତଥା ପରିବାରକୁ ପୁଣିଥରେ ସ୍ଥିର କରାଇବା ଉଦ୍ଦେଶ୍ୟରେ ହେବାକୁ ଥିବା ସଂଘର୍ଷ କେବଳ ବିସ୍ଥାପିତ ହେଉଥିବା ଲୋକେ ହିଁ ବୁଝିପାରିବେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ଉଚ୍ଚ ଶିକ୍ଷା ପାଇଁ ଭିନ୍ନକ୍ଷମ ଛାତ୍ରୀଙ୍କୁ ଜିଲ୍ଲା ପ୍ରଶାସନର ସହାୟତା

କେନ୍ଦ୍ରାପଡ଼ା, ୨୩/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ଅନ୍ତର୍ଗତ ସରୋଜ ବେହେରାଙ୍କ ଝିଅ ୭୦ ପ୍ରତିଶତ ଭିନ୍ନକ୍ଷମ ଥିବା ସେହ୍ନା ବେହେରା ଯିଏକି ନବୋଦୟ ବିଦ୍ୟାଳୟର +୨ ବିଜ୍ଞାନ ଛାତ୍ରୀ। ଦୀର୍ଘ ୨ବର୍ଷର ପ୍ରଚେଷ୍ଟା ପରେ ଚଳିତ ବର୍ଷ ଜାତୀୟ ସ୍ତରରେ ଆଇଆଇଟି ପରୀକ୍ଷାରେ କୃତିତ୍ୱ ହାସଲ କରି ଭିନ୍ନକ୍ଷମ ବର୍ଗରେ ୧୧୮ କ୍ରମିକ ନଂ (ର୍ୟାଙ୍କ)ରେ ଅଛନ୍ତି। ତାଙ୍କର ପ୍ରମାଣପତ୍ର ତଦାରଖ ପରେ ଆସନ୍ତା ୩୧.୦୭.୨୦୨୩ ଉଚ୍ଚ ଶିକ୍ଷା ନିମନ୍ତେ ନାମ ଲେଖିବା ପାଇଁ ତାଙ୍କୁ ଅନୁମତି ମିଳିଛି। କିନ୍ତୁ ସେ ଜଣେ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରୀ ଥିବାରୁ ତାଙ୍କର ବାପା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ପରାମର୍ଶ କ୍ରମେ କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ଭେଟି ଆଲୋଚନା କରିବା ପରେ ଜିଲ୍ଲପାଳ ଶ୍ରୀ ଋତୁରାଜ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଛାତ୍ରୀଙ୍କ ନାମ ଲେଖାଇବା ପାଇଁ ୩୦ ହଜାର ଓ ରେଡକ୍ରସ ପାଣ୍ଠିରୁ ବାପାଙ୍କ ନାମରେ ୩୦ ହଜାର ମଞ୍ଜୁର କରି ତାଙ୍କ ଆବାସିକ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡାଙ୍କ ସହ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନର ଏହି ସହାୟତା ଆର୍ଥିକ ଦୁର୍ବଳ ଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ଆଗକୁ ବଢିବାରେ ପ୍ରେରଣା ଦେବ ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି।

# ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୨୩/୦୭ (ନି.ପ୍ର): ମହିଳା ସଂରକ୍ଷଣ ପାଇଁ ଲଢ଼େଇ ଜାରି ରହିବ । ମହିଳାଙ୍କ ବିକାଶ ବିନା ସମାଜର ବିକାଶ ଅସମ୍ଭବ ବୋଲି ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୋର ଦୃଢ଼ ବିଶ୍ୱାସ ଯେ ମା ମାନଙ୍କ ସଶକ୍ତିକରଣ ବିନା କୌଣସି ସମାଜ ,କୌଣସି ରାଜ୍ୟ ବା ଦେଶ କେବେ ଆଗକୁ ଯାଇ ପାରିବ ନାହିଁ। ମହିଳା ସଶକ୍ତିକରଣ ଆମ ପାଇଁ ଏକ ସ୍ଲୋଗାନ ନୁହେଁ , ଏହା ଆମ ପ୍ରଗତି ର ମନ୍ତ୍ର । ଖୁସିର କଥା, ଆଜି ଆମ ଓଡ଼ିଶାର ମା ମାନେ ସଶକ୍ତ ହେଇଛନ୍ତି। ବିକାଶର ସବୁ କ୍ଷେତ୍ରରେ ସେମାନଙ୍କ ଭୂମିକା ରହିଛି। ସେମାନେ ଏବେ ଓଡ଼ିଶାର ବିକାଶରେ ସମାନ ଭାଗୀଦାର। ମା ମାନେ ଏବେ ଗାଁ ଗାଁ ରେ ନେତୃତ୍ୱ ନେଇଛନ୍ତି। ପଂଚାୟତରେ ବିକାଶ କଥା ବୁଝୁଛନ୍ତି। ମିଶନ ଶକ୍ତି ଆଜି ମା ମାନଙ୍କର ଶକ୍ତିକେନ୍ଦ୍ର ହୋଇ ପାରିଛି।

ମା ମାନଙ୍କୁ ଗତ ବର୍ଷ ୧୧ ହଜାର କୋଟି ଟଙ୍କାର ଋଣ ଦିଆ ଯାଇଛି। ୨୫୦ କୋଟି ରୁ ଅଧିକ ଟଙ୍କା ର ସୁଧ ରିଫଣ୍ଡ କରାଯାଇଛି। ଏବେ ମା ମାନଙ୍କ ଯୋଗାଯୋଗ ସୁବିଧା ପାଇଁ ସ୍କୁଟର ଯୋଜନା ଆରମ୍ଭ କରିବାକୁ ଯାଉଛୁ। ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯିବ ବିନା ସୁଧରେ।

ମହିଳାମାନଙ୍କ ଅଧିକାରକୁ ଗୁରୁତ୍ୱ ଦେଇ ତୃଣମୂଳସ୍ତରରେ ମହିଳାମାନେ ସଶକ୍ତ ହେଉଥିବା ବେଳେ ରାଜ୍ୟ ତଥା ଜାତୀୟସ୍ତରରେ ଏହା କମ୍ ଦୃଶ୍ୟମାନ ହେଉଥିବା ସଭାପତି କହିଛନ୍ତି। ତେଣୁ ସଂସଦ ଏବଂ ବିଧାନସଭାରେ ମା'ମାନଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ଦିଗରେ ଆମକୁ ସ୍ୱର ଉଠାଇବାକୁ ହେବ। ବିଜୁ ଜନତା ଦଳ ମା'ମାନଙ୍କ ଅଧିକାର ପାଇଁ ଗାଁରୁ ସଂସଦ ଯାଏଁ ଲଢେଇ ଜାରି ରଖିବାକୁ ସେ ଆହ୍ୱାନ କରିଛନ୍ତି।

ମହିଳା ବିଜେଡି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ତୃଣମୂଳସ୍ତରରେ ଆହୁରି ମଜବୁତ ହେବ ବିଜେଡି । ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀରେ ଏଥିପାଇଁ ବିସ୍ତୃତ ଆଲୋଚନା କରାଯାଇଛି । ବୈଠକରେ ରାଜନୈତିକ ପ୍ରସ୍ତାବ ଆଗତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ରାଜ୍ୟବାସୀ ଅକୁଣ୍ଠ ସମର୍ଥନ ଓ ଆଶୀର୍ବାଦ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନା ନେଇ ଲୋକଙ୍କ ପାଖରେ ପହଂଚିବୁ । ଓଡ଼ିଶାରେ ପ୍ରତି ଲୋକଙ୍କର ଆର୍ଥିକ ଉନ୍ନତି ହୋଇଛି । ୫ଟି ରୂପାନ୍ତରରେ ଶିକ୍ଷାର ବିକାଶ ଘଟିଛି । ବିଏସକେୱାଇ ହେଉଛି ଯୁଗାନ୍ତକାରୀ ଯୋଜନା । ମିଶନ ଶକ୍ତି ମାଧମରେ ୭୦ ଲକ୍ଷରୁ ଅଧିକ ମହିଳା ସଶକ୍ତ ହୋଇଛନ୍ତି । ସଂଗଠନକୁ ସୁଦୃଢ କରିବାକୁ ୱାର୍ଡ କମିଟି, ପଂଚାୟତ କମିଟି, ବ୍ଲକ କମିଟି କରାଯିବ ବୋଲି ସେ କହିଛନ୍ତି ।

# ବ୍ୟବସ୍ଥିତ ହେଉନି ସାଂସ୍କୃତିକ ଦଳ ପରିଚାଳନା

ଭୁବନେଶ୍ୱର , ୨୩/୦୭ (ନି.ପ୍ର): ୨୦୨୨ ମସିହା ସେପଟ୍ଟେମ୍ବର ୬ ତାରିଖରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆରମ୍ଭ ହେଲା 'କମ୍ପ୍ୟୁଟରୀକୃତ ସାଂସ୍କୃତିକ ଦଳ ପରିଚାଳନ ବ୍ୟବସ୍ଥା (ସିଟିଏମ୍ଏସ୍)'। ଉଦ୍ଦେଶ୍ୟ ଥିଲା ବିଭିନ୍ନ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସଂସ୍କୃତି ବିଭାଗକୁ ଆବେଦନ କରୁଥିବା ଅନୁଷ୍ଠାନ ଓ ବିଭିନ୍ନ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଇଚ୍ଛୁକ ଥିବା ସାଂସ୍କୃତିକ ଦଳଗୁଡ଼ିକୁ ସ୍ୱଚ୍ଛ ଉପାୟରେ ଚୟନ କରାଯାଇପାରିବ। ହେଲେ ଆରମ୍ଭ ଏହି ବ୍ୟବସ୍ଥାରେ ଯାବତୀୟ ତ୍ରୁଟି ପରିଲକ୍ଷିତ ହେଉଛି। ସାଂସ୍କୃତିକ ଦଳଗୁଡ଼ିକର ଯୋଗ୍ୟତା ଦେଖି ଏଥିରେ ପଞ୍ଜିକୃତ କରାଗଲା ନାହିଁ। ଏହି ବ୍ୟବସ୍ଥା ମାଧ୍ୟମରେ ବ୍ଲକ୍ ?ସ୍ତରରେ କାର୍ଯ୍ୟକ୍ରମ କରିବାକୁ ଯୋଗ୍ୟ ନଥିବା କଳାକାର ଜାତୀୟ ସ୍ତରରେ ପରିବେଷଣ କରିବାର ସ୍ୱୀକୃତି ପାଇଥିବାର ଅଭିଯୋଗ ହୋଇଛି। ମିଳିଥିବା ତଥ୍ୟ ମୁତାବକ, ବର୍ତ୍ତମାନ ସୁଦ୍ଧା ଏହି ବ୍ୟବସ୍ଥାରେ ୨୦୦୦ରୁ ଅଧିକ ସାଂସ୍କୃତିକ ଦଳ ନାମ ପଞ୍ଜିକୃତ କରିଛନ୍ତି। ଏହି ବ୍ୟବସ୍ଥା ଅନୁସାରେ କ୍ରମାନ୍ୱୟରେ ଗୋଟିଏ ଅନୁଷ୍ଠାନ ବା ସାଂସ୍କୃତିକ ଦଳକୁ କାର୍ଯ୍ୟକ୍ରମ ଦିଆ ନଯାଇ ନିୟମିତ ଆବର୍ତ୍ତନ ଭିତ୍ତିରେ କାର୍ଯ୍ୟକ୍ରମ ଦିଆଯିବ। ଏଥିରେ ସାଂସ୍କୃତିକ ଦଳଗୁଡ଼ିକ ରାଜ୍ୟ ସଂସ୍କୃତି ବିଭାଗ ଅଧୀନରେ ପଞ୍ଜିକୃତ ହୋଇଥିବା ବେଳେ ସେମାନଙ୍କୁ ଜିଲ୍ଲା ସଂସ୍କୃତି ଅଧିକାରୀମାନେ ଅନୁମୋଦନ ଦେଇଛନ୍ତି। କିନ୍ତୁ ସାଂସ୍କୃତିକ ଦଳଗୁଡ଼ିକର ଯୋଗ୍ୟତା କେମିତି ପରଖାଗଲା, ଯୋଗ୍ୟତାର ମାପକାଠି କ'ଣ ଥିଲା, ସେ ନେଇ କାହା ପାଖରେ କିଛି ଉତ୍ତର ନାହିଁ। ଚୟନ ମାପକାଠି ଠିକ୍ ନଥିବାରୁ ଅଣକଳାକାରମାନେ ସିଟିଏମ୍ଏସ୍ରେ ଅନୁପ୍ରବେଶ କରି ବ୍ୟବସ୍ଥାଟିକୁ ପ୍ରଥମରୁ ହିଁ ଗୋଳମାଳିଆ କରି ଦେଇଛନ୍ତି ବୋଲି ବହୁ କଳାକାର ଅଭିଯୋଗ କରିଛନ୍ତି। ଅଲ୍ ଓଡ଼ିଶା ପରଫର୍ମିଂ ଆର୍ଟିଷ୍ଟ୍ ଆସୋସିଏସନ୍ର ସମ୍ପାଦକ ବାସୁଦେବ ନାଥ କହିଛନ୍ତି, ଯଦି କୌଣସି ଆୟୋଜକ ସାଂସ୍କୃତିକ ଦଳ ପାଇଁ ଆବେଦନ କରନ୍ତି, ତେବେ ସେହି ସାଇଟ୍ରେ ନୃତ୍ୟ, ସଙ୍ଗୀତ, ଲୋକନୃତ୍ୟ ଆଦି ବିଭିନ୍ନ କ୍ଷେତ୍ରରେ କିଛି ଅନୁଷ୍ଠାନଙ୍କ ନାମ ଦେଖାଇବ। ସେମାନଙ୍କୁ ପରିବେଷଣର ସୁଯୋଗ ମିଳିବା ପରେ ଯାଇ ପରବର୍ତ୍ତୀ ପଞ୍ଜିକୃତ କଳା ଅନୁଷ୍ଠାନଗୁଡ଼ିକର ନାମ ସାଇଟ୍ରେ ଦେଖାଇବ। ଫଳରେ ଯଦି ପୂର୍ବ କଳା ଅନୁଷ୍ଠାନଗୁଡ଼ିକ କାର୍ଯ୍ୟକ୍ରମ ନ କରନ୍ତି, ତେବେ ପରବର୍ତ୍ତୀ କଳା ଅନୁଷ୍ଠାନକୁ ସୁଯୋଗ ମିଳି ପାରିବ ନାହିଁ। ଏହାଦ୍ୱାରା ପ୍ରକୃତ କଳାକାର କାର୍ଯ୍ୟକ୍ରମ ପାଇବାରୁ ବଞ୍ଚିତ ହେଉଛନ୍ତି। ଏବେ ସଂସ୍କୃତି ବିଭାଗ ପକ୍ଷରୁ ଘୋଷଣା କରାଯାଇଛି ଯେ, ଗୋଟିଏ ଅନୁଷ୍ଠାନକୁ ବାର୍ଷିକ ୨୪ଟି କାର୍ଯ୍ୟକ୍ରମ ମିଳିବ। ଅନେକ ଅଣକଳାକାର ଏହି ବ୍ୟବସ୍ଥାରେ ପଶିଯାଇଥିବାରୁ ପ୍ରକୃତ କଳାକାର ଏହି ବ୍ୟବସ୍ଥା ଦ୍ୱାରା କେତେ ଲାଭବାନ ହୋଇପାରିବେ ସେ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆହୁରି ମଧ୍ୟ ଅଭିଯୋଗ ହେଉଛି ଯେ, ସିଟିଏମ୍ଏସ୍ରେ ଓଡ଼ିଶୀ ନୃତ୍ୟ ପାଇଁ ଦଳ ଖୋଜିଲେ ସେଥିରେ ପାଲା, ସଂକୀର୍ତ୍ତନ କଳାକାରମାନେ ପଞ୍ଜିକୃତ କରିଥିବା ଦେଖିବାକୁ ମିଳୁଛି। ଫଳରେ ଆୟୋଜକ ସଂସ୍ଥା ସେମାନଙ୍କୁ ବୁକ୍ ନ କରି ଅନ୍ୟଆଡୁ କଳାକାର ନେଉଛନ୍ତି। ଏହି ଦଳଗୁଡ଼ିକ ବୁକ୍ ନ ହେଲେ ଏହାର ପରବର୍ତ୍ତୀ ଦଳଗୁଡ଼ିକୁ ସୁଯୋଗ ମିଳୁନାହିଁ। ଫଳରେ ଶତାଧିକ କଳାକାର ହାତ ବାନ୍ଧି ବସି ରହୁଛନ୍ତି। ଆସୋସିଏସନ୍ର ଦାବି ଅନୁଯାୟୀ, ପ୍ରଥମେ ଏହି ସିଟିଏମ୍ଏସ୍ ବ୍ୟବସ୍ଥାରୁ ଅଯୋଗ୍ୟ କଳା ଅନୁଷ୍ଠାନଗୁଡ଼ିକୁ ବାଦ୍ ଦିଆଯାଉ। ସଂସ୍କୃତି ବିଭାଗ ଯୋଗ୍ୟତାର ଏକ ମାପକାଠି ନିର୍ଦ୍ଧାରଣ କରୁ। ଏଥିସହ ନୃତ୍ୟ, ସଙ୍ଗୀତ, ଲୋକକଳା, ଲୋକନୃତ୍ୟ ଓ ଲୋକ ସଙ୍ଗୀତକୁ ନେଇ ଭିନ୍ନ ଭିନ୍ନ ବିଭାଗ କରାଯାଇ ଯୋଗ୍ୟ କଳାକାରଙ୍କୁ ତାହା ଅଧୀନରେ ରଖାଯାଉ। ତେବେ ଯାଇ ସିଟିଏମ୍ଏସ୍ ବ୍ୟବସ୍ଥାଟି ସୁପରିଚାଳିତ ହୋଇପାରିବ।

# ଶ୍ରାବଣରେ ଶୁଖିଲା ରେଙ୍ଗାଳି ଜଳଭଣ୍ଡାର



ଅନୁଗୁଳ , ୨୩/୦୭ (ନି.ପ୍ର): ଉଚ୍ଛୁଳିଲାଣି ହୀରାକୁଦ ଜଳଭଣ୍ଡାର। ଆଜି ୫ଟି ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନ କରାଯିବ। କିନ୍ତୁ ଏପରି ସମୟରେ ରେଙ୍ଗାଳି ଜଳଭଣ୍ଡାର ଶୁଖିଲା ପଡ଼ିଛି। ପୂରିବା ତ ଦୂରର କଥା, ଅଧାଅଧି ବି ହୋଇନି। ପୁଣି ଦିନେ ଦୁଇଦିନ ଅଧିକ ବିଜୁଳି ଉତ୍ପାଦନ କରିଦେଲେ ଜଳଭଣ୍ଡାରର ଜଳସ୍ତର କମିଯାଉଛି। ଜୁଲାଇ ସରିବାକୁ ବସିଥିଲା ବେଳେ ରେଙ୍ଗାଳି ଜଳଭଣ୍ଡାର ନ ଭରିବା କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇ ଦେଇଛି। ଏପଟେ ଜଳଭଣ୍ଡାରରୁ ପାଣି ଛଡ଼ା ନଯିବା ଦ୍ୱାରା ବ୍ରାହ୍ମଣୀ ନଦୀର ତଳମୁଣ୍ଡ ବର୍ଷାଦିନରେ ବି ଶୁଖିଲା ପଡ଼ିଛି। ସାରା ରାଜ୍ୟରେ ଲଗାଣ ବର୍ଷା ଜାରି ରହିଛି। ନଦୀନାଳ ସବୁ ଭରିଗଲାଣି। କିନ୍ତୁ ବ୍ରାହ୍ମଣୀରେ ପାଣି ନାହିଁ। ସେଥିପାଇଁ ରେଙ୍ଗାଳିରେ ଥିବା ଜଳଭଣ୍ଡାର ଖାଲି ପଡ଼ିଛି। ଉପରମୁଣ୍ଡରେ ଅଳ୍ପ ବର୍ଷା ପାଇଁ ଜଳଭଣ୍ଡାରର ଜଳସ୍ତର ୧୧୨.୫୬ ମିଟର ରହିଛି। ବିଦ୍ୟୁତ୍ ଉତ୍ପାଦନ ପାଇଁ ସମସ୍ତ ୟୁନିଟ୍ କାର୍ଯ୍ୟକ୍ଷମ ଥିବାରୁ ଏହି ଜଳସ୍ତର ବଢ଼ିବା ପରିବର୍ତ୍ତେ କମୁଛି। ସୂଚନା ଅନୁସାରେ, ଏହି ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୧୨୩.୫ ମିଟର। ବିଦ୍ୟୁତ୍ ଉତ୍ପାଦନ ପାଇଁ ଜଳଭଣ୍ଡାରର ଜଳସ୍ତର ସର୍ବନିମ୍ନ ୧୦୯.୭୨ ମିଟର ରହିବା ଆବଶ୍ୟକ। ଜୁଲାଇ ସରିବାକୁ ବସିଥିଲା ବେଳେ ଜଳଭଣ୍ଡାର ଭର୍ତ୍ତି ହେବାକୁ ଆହୁରି ୧୧ ମିଟର ପାଣି ଆବଶ୍ୟକ। ଚଳିତବର୍ଷ ବର୍ଷାରେ ଜଳଭଣ୍ଡାରର ଜଳସ୍ତର ପାଖାପାଖି ୨ ମିଟର ବଢ଼ିଛି। ତେଣୁ ଏଥର ଜଳଭଣ୍ଡାର ଭରିବା ନେଇ ମଧ୍ୟ ସନ୍ଦେହ ଦେଖାଦେଲାଣି। ଉପରମୁଣ୍ଡରେ ବଡ଼ ବର୍ଷା ହେଉ ନଥିବାରୁ ଜଳଭଣ୍ଡାରକୁ ଅଧିକ ପାଣି ଆସୁନି। ଏପଟେ ବର୍ଷା ସମୟରେ ଜଳ ବିଦ୍ୟୁତ୍ର ଅଧିକ ଆବଶ୍ୟକତା ଥିବାରୁ ଏଠାରୁ ଅଧିକ ଜଳ ବ୍ୟବହାର ହେଉଛି। ଏଥିପାଇଁ ଜଳଭଣ୍ଡାର ଭର୍ତ୍ତି ହୋଇପାରୁନଥିବା କୁହାଯାଉଛି।

# ଜନଶୁଣାଣି ପୋର୍ଟାଲ : କ୍ରୀଡ଼ା ବିଭାଗରେ ୯୬% ଅଭିଯୋଗର ସମାଧାନ

ଭୁବନେଶ୍ୱର , ୨୩/୦୭ (ନି.ପ୍ର): ଅନ୍ଲାଇନ୍ ଜରିଆରେ ରାଜ୍ୟ ସରକାରଙ୍କ ନିକଟକୁ ଅଭିଯୋଗ ପଠାଇବା ପାଇଁ ରାଜ୍ୟ ସରକାର ଜନଶୁଣାଣି ପୋର୍ଟାଲ ଆରମ୍ଭ କରିଛନ୍ତି। ଗତ ଜୁନ୍ ମାସ ଶେଷ ସୁଦ୍ଧା ପୋର୍ଟାଲରେ ସମୁଦାୟ ୯୯ହଜାର ୮୭୬ଟି ଅଭିଯୋଗ ଆସିଛି। ତହିଁରୁ ୭୯% ବା ୭୮ହଜାର ୭୦୪ ଅଭିଯୋଗର ସମାଧାନ ହୋଇଥିବା ବେଳେ ୨୧ହଜାର ୧୭୨ ଅଭିଯୋଗ ପଡ଼ି ରହିଛି। ଏଥିରେ କ୍ରୀଡ଼ା ବିଭାଗର ଶ୍ରେଷ୍ଠ ପ୍ରଦର୍ଶନ ଥିବା ବେଳେ ଉଚ୍ଚଶିକ୍ଷା ବିଭାଗ ପଛରେ ପଡ଼ିଛି। ରାଜ୍ୟ ସରକାରଙ୍କ ଏକମାତ୍ର ବିଭାଗ ଭାବେ ଉଚ୍ଚଶିକ୍ଷାର ଅଭିଯୋଗ ସମାଧାନ ହାର ୫୦ ପ୍ରତିଶତରୁ କମ୍ ରହିଛି। ତେଣୁ ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସବୁ ଜିଲ୍ଲାପାଳଙ୍କୁ ପତ୍ର ଜାରି ହୋଇଛି। କ୍ରୀଡ଼ା ଓ ଯୁବ ସେବା ବିଭାଗ ନିକଟକୁ ୧୬୨ ଅଭିଯୋଗ ଆସିଥିବା ବେଳେ ତହିଁରୁ ୧୫୬ ଅଭିଯୋଗର ସମାଧାନ ହୋଇଛି। ମାତ୍ର ୬ଟି ଅଭିଯୋଗ ପଡ଼ି ରହିଛି। କ୍ରୀଡ଼ା ବିଭାଗ ବାଦ୍ ଯୋଜନା ଓ ସମନ୍ୱୟ ବିଭାଗର ୯୫%, ସୂଚନା ଓ ଲୋକସଂପର୍କ ବିଭାଗ ୯୪%, ଇଲେକଟ୍ରୋନିକ୍ସ ଓ ଆଇଟି ୯୩%, ମିସନ ଶକ୍ତି ୯୨%, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ୯୧% ଓ କୃଷି ବିଭାଗର ୯୦ ଅଭିଯୋଗର ସମାଧାନ ହୋଇପାରିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିକଟରୁ ୫୮୩୬ ଅଭିଯୋଗ ଆସିଥିବା ବେଳେ ୭୪% ବା ୪୩୧୪ ଅଭିଯୋଗର ସମାଧାନ ହୋଇପାରିଛି। ୧୫୨୨ ଅଭିଯୋଗ ବାକିରହିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗରେ ଯେଉଁ ଅଭିଯୋଗ ଆସିଛି ତାହାର ତୁରନ୍ତ ସମାଧାନ କରିବା ଲାଗି ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସମସ୍ତ ସିଡିଏମ୍ଓ ଓ ନିର୍ଦ୍ଦେଶକମାନଙ୍କୁ ପତ୍ର ଲେଖିଛନ୍ତି।

# ବ୍ୟଙ୍ଗ କବି ଅପର୍ତି ସେଠୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୩/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଜଣାଶୁଣା ବ୍ୟଙ୍ଗ କବି ଶ୍ରୀ ଅପର୍ତି ସେଠୀଙ୍କୁ ଶନିବାର କଟକ କଲେଜ ଛକ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ କୈବଲ୍ୟ ସାହିତ୍ୟ ସଂସଦ ପ୍ରାୟୋଜିତ ଆମ ଘର ଆମ ପରିବେଶ ସାହିତ୍ୟ କର୍ମଶାଳା ୨୦୨୩ ପାଳନର ବର୍ଣ୍ଣାଢ଼ିଅ ସମାବେଶରେ କେନ୍ଦ୍ରାପଡାର ବ୍ୟଙ୍ଗ କବି ଶ୍ରୀ ଅପର୍ତି ସେଠୀଙ୍କୁ ଓଡିଶା ପରିବେଶ ଜ୍ୟୋତି ପୁରସ୍କାର ସମ୍ମାନ-୨୦୨୩ ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ଅର୍ଥ ବିଭାଗର ସୁଦକ୍ଷ ପ୍ରଶାସନିକ ଅଧିକାରୀ ଡ଼ଃ ସଂଗ୍ରାମ କେଶରୀ ସାମନ୍ତରାୟ, ବରିଷ୍ଠ ସମାଜସେବୀ ତଥା ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ, ସମାଜର ସଂପାଦକ ପ୍ରଭାସ କୁମାର ଆଚାର୍ଯ୍ୟ ଙ୍କ ସମେତ ଲକି ନଳିତେନ୍ଦୁ, ନିଧିକୁମାର ରାଉତରାୟ, ପ୍ରାକ୍ତନ ଅଧକ୍ଷ ପଣ୍ଡିତ ନୀଳକଣ୍ଠ ରଥ, ବିଶ୍ୱ ବିଦ୍ୟାଳୟର ଅଧକ୍ଷ ବିଷ୍ଣୁପ୍ରିୟା ରଥଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଶ୍ରୀ ସେଠୀଙ୍କୁ ଉତରୀୟ, ମାନପତ୍ର, ପୁଷ୍ପଗୁଛ ପ୍ରଦାନ କରି ସମ୍ମାନିତ କରିଥିଲେ ।

# ଭୁବନେଶ୍ୱରରେ ରୋଜଗାର ମେଳାର ସପ୍ତମ ପର୍ଯ୍ୟାୟରେ ୧୮୧ ଜଣଙ୍କୁ ନିଯୁକ୍ତିପତ୍ର ବିତରଣ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨୩/୦୭ (ନି.ପ୍ର): ଆମ ଦେଶକୁ ଦୁନିଆର ୧ ନମ୍ବର ଅର୍ଥନୀତିର ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ଯୁବଶକ୍ତିଙ୍କୁ ବିଲକ୍ଷଣ ପ୍ରତିଭାର ଅଧିକାରୀ ହେବାକୁ ପଡିବ । ଏଥିପାଇଁ ସଫ୍ଟୱୟାର ଭଳି ଦୁଇଟି କୋଡିଂକୁ ନିଜ ମନ ଭିତରେ ରଖିବା ପାଇଁ ପଡିବ । ତାହା ହେଲା "ମୁଁ ଯାହା କରୁଛି, ସମାଜ, ଦେଶ ଏବଂ ମାନବତା ପାଇଁ କରୁଛି" ଏବଂ ଅନ୍ୟଟି ହେଲା "ଆମକୁ ଖୋଲା ମନରେ ନିଷ୍ପତି ନେବାକୁ ହେବ" । ଏହି ଦୁଇଟି ମନୋଭାବ ରଖିଲେ ହିଁ ଆଗାମୀ ଦିନରେ ବିକଶିତ ଭାରତର ସଂକଳ୍ପ ପୂରଣ ହୋଇପାରିବ ବୋଲି ନବନିଯୁକ୍ତ ରୋଜଗାର ପାଇଥିବା ଯୁବପିଢିଙ୍କୁ ପରାମର୍ଶ ଦେଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶନିବାର ଭୁବନେଶ୍ୱର ସ୍ଥିତ ରେଳ ଅଡିଟୋରିୟମ ଠାରେ 'ରାଷ୍ଟ୍ରୀୟ ରୋଜଗାର ମେଳା'ର ସପ୍ତମ ପର୍ଯ୍ୟାୟ ଶୁଭାରମ୍ଭ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ଏହି ଅବସରରେ ଭାରତ ସରକାରଙ୍କ ସିବିଆଇସି, ନାଲକୋ, ସେଲ୍, ଡାକ ବିଭାଗ, ଆଇଆଇଟି ଭୁବନେଶ୍ୱର, ବ୍ୟାଙ୍କ ସମୂହ, ଭାରତୀୟ ରେଳ, ଭାରତୀୟ ଖାଦ୍ୟ ନିଗମ ତଥା ବିଭିନ୍ନ ବିଭାଗରେ ୧୮୧ ଜଣ ନବ ନିଯୁକ୍ତ ଯୁବକ ଯୁବତୀଙ୍କୁ ସ୍ଥାୟୀ ନିଯୁକ୍ତି ପତ୍ର ବିତରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଜୀବନର ନୂତନ ଅଧ୍ୟାୟ ଆରମ୍ଭ କରିଥିବା ସମସ୍ତ ଯୁବସାଥୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର ଅଭିବୃଦ୍ଧି ଦ୍ରୁତ ଗତିରେ ଆଗକୁ ବଢୁଛି । ଭାରତ ବିଶ୍ୱର ତୃତୀୟ ଉର୍ଜା ଉପଭୋକ୍ତାର ରାଷ୍ଟ୍ର ହୋଇଛି । ଭାରତ ୩ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହୋଇଛି । ବିଶ୍ୱର ପଞ୍ଚମ ଅର୍ଥନୀତିର ରାଷ୍ଟ୍ର ଭାବେ ପରିଚିତ ହୋଇଛି । ଦେଶରେ ବିଗତ ବର୍ଷ ମାନଙ୍କରେ ଡିଜିଟାଲ ଅର୍ଥ କାରବାର, ଟେଲି ଯୋଗାଯୋଗ, ବ୍ୟାଙ୍କ୍, ଡାକ ବିଭାଗ, ଭାରତୀୟ ରେଳ ବିଭାଗ, ଷ୍ଟାର୍ଟଅପ୍ ଭଳି ବିଭିନ୍ନ କ୍ଷେତ୍ରରେ ନୂଆ ଉଚ୍ଚତାକୁ ଯାଉଛି । ଆଗାମୀ ୨୫ ବର୍ଷର କଳ୍ପନା ଆମ ପାଖରେ ଅଛି । ପ୍ରଧାନମନ୍ତ୍ରୀ ମୋଦି ନବନିଯୁକ୍ତ ରୋଜଗାର ପାଉଥିବା ଯୁବପିଢିଙ୍କୁ ଅମୃତ ପିଢିର ବିକଶିତ ଭାରତର ଜଣେ ଜଣେ ଯୋଦ୍ଧା ବୋଲି ଅଭିହିତ କରିଛନ୍ତି । ଆଧୁନିକ ଦୁନିଆରୁ ସମସ୍ତଙ୍କୁ ଇଜ୍ ଅଫ୍ ଲିଭିଂରେ ଅଭ୍ୟସ୍ତ ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨୪ତମ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ

କୋରେଇ, ୨୩/୦୭ (ନି.ପ୍ର): କୋରେଇ ବ୍ଲକ୍ ଅନ୍ତର୍ଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୨୪ତମ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଜ୍ଞାନ ବିଜ୍ଞାନ ମେଳାରେ ପ୍ରାରମ୍ଭରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୩୩ ଜଣ ଶିଶୁ ବୈଜ୍ଞାନିକ ଅଂଶଗ୍ରହଣ କରିଥିଲେ। ଉକ୍ତ ମେଳାରେ ୧୦ଟି ବିଜ୍ଞାନ ପ୍ରକଳ୍ପର ମୋଟ ୧୭୦ ଜଣ ଶିଶୁ ଏବଂ ୩ଟି ଗଣିତ ପ୍ରକଳ୍ପ, ବିଜ୍ଞାନ ଗଣିତ ଓ ସଂସ୍କୃତ ଜ୍ଞାନ, ପ୍ରଶ୍ନମଂଚ, ପତ୍ରବାଚନ ପ୍ରୟୋଗ ଆଦି ସ୍ଥାନ ପାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବି.ଏନ.ବି. ହାଇସ୍କୁଲର ବିଜ୍ଞାନ ଶିକ୍ଷକ ବିଷ୍ଣୁ ମୋହନ କର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ବିଚାରକ ଭାବେ ପ୍ରଫୁଲ୍ଲ କୁମାର ଦାସ, ବିଷ୍ଣୁ ମୋହନ କର, ରାଜେନ୍ଦ୍ର କୁମାର ଜେନା, ତାରିଣୀ ପ୍ରସାଦ ରାୟ, ସେକ ମକସୁଦ ଅଲ୍ଲୀ ଖାଁ, ବିକାଶ ନାୟକ ପ୍ରମୁଖ ଯୋଗଦେଇ ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। ସ୍ଥାନୀୟ ପରିଚାଳନା ସମିତିର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲୀପ କୁମାର ଧଳ, ଉପସଭାପତି ବାସୁଦେବ ପରିଡା, ସହ-ସମ୍ପାଦକ ଅଶୋକ କୁମାର ସାହୁ, କୋଷାଧକ୍ଷ ଆନନ୍ଦ ଚନ୍ଦ୍ର ପାଳଙ୍କ ସମେତ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀ, ସହ ପ୍ରଧାନ ଆଚାର୍ଯ୍ୟ ଜଗନାଥ ସ୍ୱାଇଁ, ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ଭାସ୍କର ଚନ୍ଦ୍ର ପଣ୍ଡା ଏବଂ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ପରିଚାଳନାରେ ସହଯୋଗ କରିଥିଲେ।

# ଆର୍ଥିକ ଅବସ୍ଥା ସାଜିଲା ବାଧକ: ପାଠରେ ଡ଼ୋରି ବାନ୍ଧିଲେ ମାନିନୀ, ମାନସୀ ଓ ଦେବକୀ



ଉଦଳା , ୨୩/୦୭ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ କୋଳିଅଳମ ଗ୍ରାମର ଦୃଶ୍ୟ । ଲୋକଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଏହି ଗ୍ରାମର ଅଧିକାଂଶ ପିଲା ପାଠ ପଢ଼ା ଛାଡ଼ିଦେବାକୁ ବାଧ ହେଉଥିବାର ଦେଖିବାକୁ ମିଳୁଛି । ବିଶେଷ କରି କରୋନା ପରେ ଏଭଳି ଅବସ୍ଥା ବହୁଳ ଭାବରେ ପରିଲକ୍ଷିତ ହେଉଛି । ଏହି ଗ୍ରାମର ଚିତରଂଜନ ପାତ୍ରଙ୍କ କନ୍ୟା ମାନିନି, ସୟ ବାଗଙ୍କର କନ୍ୟା ମାନସୀ ଓ ରବିନ୍ଦ୍ର ପାତ୍ରଙ୍କ କନ୍ୟା ଦେବକୀ ମାଟ୍ରିକ ପାସ କରିଛନ୍ତି । କିନ୍ତୁ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଆଉ +୨ରେ ନାମ ଲେଖାଇ ପାରି ନାହାଁନ୍ତି । ଆଜକୁ ଗୋଟିଏ ବର୍ଷ ହେବ ୩ ଜଣ ଯାକ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଛନ୍ତି । ୩ ଜର ଯାକଙ୍କ ବର୍ତମାନ ବୟସ ୧୬ ବର୍ଷ ଛୁଇଁଲା । ଏହି ୩ ଜଣ ଯାକ କନ୍ୟାଙ୍କର ପାଠ ପଢ଼ା ପ୍ରତି ଆଗ୍ରହ ରହିଛି । ଏମାନେ କିପରି ପୁଣି ଥରେ ପାଠ ପଢ଼ିବେ ସେଥିପାଇଁ ଜିଲ୍ଲାପାଳ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି । ଏହି ବୟସର ପିଲାଙ୍କୁ ପାଠ ସହିତ ବାନ୍ଧି ନରଖିଲେ ବାଲ୍ୟବିବାହ ଜନିତ ଭୟଙ୍କର ବିପଦ ମାଡ଼ି ଆସିବ ବୋଲି ବହୁ ସାମାଜିକ କର୍ମୀ ମତ ଦେଇଛନ୍ତି । ସରକାର ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ମାଗଣା ଓ ବାଧତା ମୂଳକ ଶିକ୍ଷା ବ୍ୟବସ୍ଥା ଲଙ୍କଙ୍କର କରିଛନ୍ତି । ଏହି ବୟସ ସୀମାକୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ ବୋଲି ବିଭିନ୍ନ ମହଲରେ ଦାବୀ ହେଉଛି । ଏହା ଦ୍ୱାରା ବାଲ୍ୟ ବିବାହର ମାତ୍ରା କମିଯିବା ସହିତ ପାଠ ଠାରୁ ଦୁରେଇ ଯାଉଥିବା ବହୁ ପିଲା ଉପକୃତ ହେବେ ବୋଲି ମତ ପ୍ରକାଶ ପାଇଛି ।

## ମିଳିଲା ନିଖୋଜ ଥିବା ମତ୍ସ୍ୟଜିବୀଙ୍କ ମୃତ ଦେହ

ବସ୍ତା, ୨୩/୦୭ (ନି.ପ୍ର): ଗତକାଲି ବାହାବଲପୁର ମୁହାଣ ରେ ନାରାୟଣୀ ନାମକ ଏକ ମାଛ ଧରା ଭୁଟୁ ଭୁଟି ବୁଡି ଯିବାରୁ ୬ ଜଣ ମତ୍ସ୍ୟଜିବୀ ସୁରକ୍ଷିତ ଭାବରେ ଉଦ୍ଧାର ହୋଇଥିବା ବେଳେ ଜଣେ ମତ୍ସ୍ୟଜିବୀ ନିଖୋଜ ଥିଲେ , ଆଜି କଷାଫଳ ସାମୁଦ୍ରିକ ଥାନା ଅନ୍ତର୍ଗତ ବାହାବଲପୁର ମୁହାଣ ନିକଟରେ ନିଖୋଜ ଥିବା ମତ୍ସ୍ୟଜିବୀ ଙ୍କ ମୃତ ଦେହ ଉଦ୍ଧାର ହୋଇଛି , ମୃତ ମତ୍ସ୍ୟଜିବୀ ଜଣକ ସିଂଲା ଥାନା ଅନ୍ତର୍ଗତ ସାଉଡି ଚକ ଗ୍ରାମର ଜିତେନ୍ଦ୍ର ପାତ୍ର ବୋଲି ଜଣା ପଡିଛି , ସୂଚନା ଅନୁଯାୟୀ ଗତକାଲି 'ନାରାୟଣୀ 'ନାମକ ଏକ ମାଛ ଧରା ଭୁଟୁ ଭୁଟି ରେ ୭ ଜଣ ମତ୍ସ୍ୟଜିବୀ ସମୁଦ୍ର ରୁ ମାଛ ମାରି କୂଳକୁ ଫେରୁଥିବା ବେଳେ ବାହାବଲପୁର ଜେଟି ଠାରୁ ପ୍ରାୟ ସାତ ଶହ ମିଟର ଦୂର ରେ ହଠାତ ପୂର୍ବ ପଟୁ ପ୍ରଚଣ୍ଡ ବେଗ ରେ ପବନ ପ୍ରବାହିତ ହେବା ଫଳରେ ଭୁଟୁ ଭୁଟି ଟି ସାମୁଦ୍ରିକ ଢେଉ ମାଡ଼ରେ ଓଲଟି ପଡିଥିଲା, ଯାହା ଫଳରେ ସେଥିରେ ଥିବା ସାତ ଜଣ ମତ୍ସଜୀବୀ ବୁଡି ଯାଇଥିଲେ, ତେବେ ସେହି ସମୟରେ ଅନ୍ୟ ଏକ ଭୁଟୁଭୁଟି ରେ ଫେରୁଥିବା ମତ୍ସ୍ୟଜିବୀ ମାନେ ୬ ଜଣ ମତ୍ସ୍ୟଜିବୀ ଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର ହୋଇଥିବା ବେଳେ ଜିତେନ୍ଦ୍ର ପାତ୍ର ନାମକ ଜଣେ ମତ୍ସ୍ୟଜିବୀ ନିଖୋଜ ଥିଲେ, ଆଜି ତାଙ୍କର ମୃତଦେହ ବାହାବଲପୁର ମୁହାଣ ନିକଟରୁ ଉଦ୍ଧାର କରା ଯାଇଥିବା ବେଳେ କଷାଫଳ ସାମୁଦ୍ରିକ ଥାନା ପୋଲିସ ଶବ ଜବଦ କରି ବ୍ୟବଚ୍ଛେଦ ପାଂଇ ପଠାଇଛି।

## ଅଜଗର ଉଦ୍ଧାର

ନୀଳଗିରି , ୨୩/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଔପଦକ୍ଷ ବ୍ଲକ ଅନ୍ତର୍ଗତ ଗୁହାଳିଆ, ହାଟସାହି ଗ୍ରାମର କମଳାକାନ୍ତ ବେହେରାଙ୍କ ଘର ନିକଟରେ ଥିବା ଏକ ବେଲ ଗଛରେ ୪.୫ ଫୁଟ ଲମ୍ବର ଅଜଗର ସାପ ଗୋଡାଇ ରହିଥିଲକ୍ଷ।ଏହା ଦେଖି ପରିବାର ବର୍ଗ ଭୟବିତ ହୋଇପଡ଼ିଥିଲେ। ଖବର ପାଇ ସମାଜସେବୀ ତଥା ସାପ ଧରାଳି ହରେକୃଷ୍ଣ ରାଉତ ଘଟଣା ସ୍ଥଳରେ ପହଂଚି ଅଜଗର ସାପ ଟିକୁ ଉଦ୍ଧାର କରି ସ୍ଥାନୀୟ ଜଙ୍ଗଲ ରେ ଛାଡିଦେଇଥିଲେ ।

## ଅସାଧାରଣ ସାହସିକତା ପ୍ରଦର୍ଶନ ପାଇଁ ପୁରସ୍କୃତ ହେବେ ତିନି ବନ ଅଧିକାରୀ: ଦୁଇଜଣଙ୍କୁ ମରଣୋତ୍ତର ସମ୍ମାନ



ବାରିପଦା , ୨୩/୦୭ (ନି.ପ୍ର): ଶିମିଳିପାଳ ଅଭୟାରଣ୍ୟରେ କର୍ତ୍ତବ୍ୟରତ ତିନି ଜଣ ବନ ଅଧିକାରୀଙ୍କୁ ସେମାନଙ୍କର ଉତ୍ସର୍ଗିକୃତ ସେବା ପାଇଁ ଭାରତ ସରକାର ସମ୍ମାନିତ କରିବେ। ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏହି ପୁରସ୍କାର ଘୋଷଣା କରିଛନ୍ତି। ଆସନ୍ତା ୨୯ ଜୁଲାଇ, ୨୦୨୩ ରେ ଉତ୍ତରାଖଣ୍ଡ ରାଜ୍ୟର କର୍ବେଟ ଟାଇଗର ରିଜର୍ଭରେ ବିଶ୍ୱ ବ୍ୟାଘ୍ର ଦିବସ ପାଳନ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯିବ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ କାର୍ଯ୍ୟରତ ଥାଇ ଶିକାରୀଙ୍କ ଗୁଳିରେ ପ୍ରାଣ ହରାଇଥିବା ସ୍ୱର୍ଗତଃ ମାଥି ହାଁସଦା ଓ ସ୍ୱର୍ଗତଃ ବିମଳ କୁମାର ଜେନାଙ୍କୁ ସେମାନଙ୍କର ଉତ୍ସର୍ଗିକୃତ ସେବା, ତ୍ୟାଗ ଓ ବଳିଦାନ ପାଇଁ ମରଣୋତ୍ତର ସମ୍ମାନ ମିଳିବାକୁ ଥିବାବେଳେ ହିମାଂଶୁ ଶେଖର ସେଠୀଙ୍କୁ ତାଙ୍କର ଅସାଧାରଣ ସାହସିକତା ଓ ବୀରତ୍ୱ ପାଇଁ ଏହି ପୁରସ୍କାର ମିଳିବାକୁ ଯାଉଛି। ତା ୧୬.୦୬.୨୦୨୩ ରାତ୍ରିରେ ଶିକାରୀ ଗୁଳିରେ ନିହତ ହୋଇଥିବା ସ୍ୱର୍ଗତ ହାଂସଦା ଙ୍କ ସହକର୍ମୀ ଶ୍ରୀ ସେଠୀ ରାତ୍ର ପାଟ୍ରୋଲିଂ କରୁଥିବା ସମୟରେ ଗୁଳିବିଦ୍ଧ ହାଂସଦାଙ୍କ ଜୀବନ ବଞ୍ଚାଇବାକୁ ତତକ୍ଷଣାତ ତାଙ୍କୁ ସେହି ରାତିରେ ଦୀର୍ଘ ପଥ ଅତିକ୍ରମ କରି କରଞ୍ଜିଆ ହସପିଟାଲରେ ପହଞ୍ଚାଇ ଥିଲେ। ନିଜ ଜୀବନକୁ ବାଜି ଲଗାଇ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ଦିଗରେ ଏମାନଙ୍କର ଅବଦାନ କୁ ସମ୍ମାନ ଜଣାଇ ଭାରତ ସରକାରଙ୍କ ଜଙ୍ଗଲ ମନ୍ତ୍ରଣାଳୟ ସେମାନଙ୍କୁ ଉତ୍ସର୍ଗିକୃତ ସେବା ପାଇଁ ଉଦିଷ୍ଟ ପୁରସ୍କାର ପାଇଁ ମନୋନୀତ କରି ଦେଶ,ରାଜ୍ୟ ତଥା ମୟୁରଭଞ୍ଜ ମାଟିକୁ ଗର୍ବିତ କରିବା ସହିତ ସେମାନଙ୍କ ବୀରତ୍ୱ ଓ ସାହାସିକତା ଦେଶର ଅନ୍ୟ ବନ କର୍ମଚାରୀ ମାନଙ୍କ ପାଇଁ ନୂତନ ପ୍ରେରଣାର ଉତ୍ସ ସୃଷ୍ଟି କରିଛନ୍ତି।

## କାଗଜ କଳ ଅବସରପ୍ରାପ୍ତ ଶ୍ରମିକଙ୍କ ଗ୍ରାଚ୍ୟୁଇଟି ଅର୍ଡରକୁ ନେଇ ବୈଠକ

ଜୟପୁର, ୨୩/୦୭ (ନି.ପ୍ର): ଅବସରପ୍ରାପ୍ତ ଶ୍ରମିକ ଓ ସଂଘ ର ଏକ ବୈଠକ ସଭାପତି ପ୍ରମୋଦ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗ୍ରାଚ୍ୟୁଇଟି ପାଉଣା ନେଇ ଉପଶ୍ରମ ସଂସ୍ଥାପକ ମହୋଦୟ ପି . କୋଟେଶ୍ୱର ରାଓ ଙ୍କ କେସ୍ ରେ ଅର୍ଡର ଦେଇଥିଲେ । ୧୫.୦୪.୨୦୨୩ ରେ ଅର୍ଡର ଜାରି କରି କଂଟ୍ରୋଲିଙ୍ଗ୍ ଅଥରିଟି ୬୦ ଦିନ ମଧ୍ୟରେ ଗ୍ରାଚ୍ୟୁଇଟି ପାଉଣା ୧୦% ସୁଧ ସହ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ । ଜୁନ୍ ମାସ ରେ ୬୦ ଦିନ ପୁରିବା ପରେ ଆଦାୟ କରି ଦେବା ପାଇଁ ନିବେଦନ କରାଯାଇଥିଲା । ଜୁଲାଇ ୧୧ ରେ ଉପଶ୍ରମ ସଂସ୍ଥାପକ ମ୍ୟାନେଜମେଂଟକୁ ନୋଟିସ୍ କରିଥିଲେ ତୁରନ୍ତ ନଦେଲେ କଲେକ୍ଟରଙ୍କ ପାଖରେ ଆଟାଚମେଂଟ ପାଇଁ ସାର୍ଟିଫିକେଟ କେସ୍ କରିବାକୁ। ମ୍ୟାନେଜମେଂଟ ଗତ ୨୦.୦୭.୨୦୨୩ ରେ ସୁଧ ସହ ଶ୍ରୀ ପି କୋଟେଶ୍ୱର ରାଓ ଙ୍କ ଗ୍ରାଚ୍ୟୁଇଟି ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଂଟରେ ପୈଠ କରିଛନ୍ତି । ଅନ୍ୟ ପକ୍ଷରେ ମୃତ ଶ୍ରମିକଙ୍କ ପରିବାରକୁ ଗ୍ରାଚ୍ୟୁଇଟି ପାଉଣା ଦେବାପାଇଁ ମାର୍ଚ୍ଚ ୧୭ ତାରିଖରେ ମ୍ୟାନେଜମେଂଟ ଶ୍ରମ ଅଧିକାରୀଙ୍କୁ ଲେଖିଦେଇ ଥିଲେ ଚାରି ମାସ ମଧ୍ୟରେ ଦେଇଦେବେ , ଅର୍ଥାତ୍ ଜୁଲାଇ ୧୭ ତାରିଖ ମଧ୍ୟରେ ଦେଖାଦେବା କଥା ।

## ତୁଡିଗଡିଆରେ ବିଜେପିର ମଣ୍ଡଳସ୍ତରୀୟ ଜନସଭା




ଖଇରା, ୨୩/୦୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ତୁଡିଗଡିଆ ଠାରେ ରବିବାର ଦିନ ବିଜେପିର ମଣ୍ଡଳସ୍ତରୀୟ ଜନସଭା ଇଂ ରାଜେଶ ମହାକୁଡଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ମଣ୍ଡଳ ସଭାପତି ମହେଶ୍ୱର ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ,ଭଦ୍ରକ ଏମ୍ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇ ୯ବର୍ଷରେ ମୋଦି ସରକାର ସାଧାରଣ ଲୋକଙ୍କ ପାଇଁ ଗରୀବ କଲ୍ୟାଣ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, କିଶାନ ନିଧି ଯୋଜନା ଭଳି ଶତାଧିକ ଯୋଜନା ପ୍ରଣୟନ କରିଛନ୍ତି । ବିଜେଡି ସରକାର କେବଳ ରାଜ୍ୟ ଯୋଜନାରେ ନିଜ ଷ୍ଟାମ୍ପ ବାଡେଇ ମୀଛରେ ବାହାବାଃ ନେଉଛନ୍ତି । ଲୋକେ ଏହା ବୁଝି ସାରିଲେଣି । ଏଥର ୨୪ବର୍ଷର ଏହି ବିଜେଡି ସରକାରର ପତନ ନିଶ୍ଚିତ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଧାନସଭା ପ୍ରଭାରୀ ସମର କାନୁନଗୋ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶୁଭଙ୍କର ମହାପାତ୍ର, ଜିଲା ଉପସଭାପତି ମୀନାକ୍ଷୀ ମହାପାତ୍ର, ମହିଳା ମୋର୍ଚ୍ଚା ନେତ୍ରୀ ଭାରତୀ ମଲ୍ଲିକ ଯୁବନେତା ନିଳମାଧବ ପଣ୍ଡା ଓ ଅଣୁମାଧବ ପଣ୍ଡା ପ୍ରମୁଖ ଯୋଗ ବୁଥସ୍ତରରୁ ସଙ୍ଗଠନ ସୁଦୃଢ କଲେ ଭାଜପା ମୁଖ୍ୟମନ୍ତ୍ରୀ ଆସନ ନିଶ୍ଚୟ ଦଖଲ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି ଅବସରରେ ଡଗରପଡାର ଟାଣୁଆ ସଙ୍ଗଠକ ଜୟକୃଷ୍ଣ ଦଳେଇ ଭାଜପାରେ ଯୋଗଦାନ କରିଥିଲେ ।

## ହୀରାକୁଦ ଜଳଭଣ୍ଡାରରୁ ଛଡାଗଲା ଚଳିତ ବର୍ଷର ପ୍ରଥମ ବନ୍ୟାଜଳ: ଖୋଲିଲା ୫ ସ୍ଲୁଇସ୍ ଗେଟ୍



ସମ୍ବଲପୁର, ୨୩/୦୭ (ନି.ପ୍ର): ଆଜି ହୀରାକୁଦ ଜଳଭଣ୍ଡାରରୁ ଛଡାଯାଇଛି ଚଳିତ ବର୍ଷର ପ୍ରଥମ ବନ୍ୟାଜଳ । ପୂଜାର୍ଚ୍ଚନା ପରେ ଆଜି ପୂର୍ବାହ୍ନରେ ପ୍ରଥମ ପର୍ଯ୍ୟାୟରେ ୫ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି । ଡ୍ୟାମ୍ ର ବାମ ପାର୍ଶ୍ୱ ଡାଇକ୍ ର ୩ଟି ଓ ଡାହାଣ ପାର୍ଶ୍ୱ ଡାଇକ୍ ର ୨ଟି, ଏହିପରି ମୋଟ୍ ୫ଟି ସ୍ଲୁଇସ୍ ଗେଟ୍ ଦେଇ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ପୂଜାର୍ଚ୍ଚନା ପରେ ପ୍ରଥମେ ୭ ନମ୍ବର ସ୍ଲୁଇସ୍ ଗେଟ୍ ଖୋଲାଯାଇଥିଲା । ଏହାପରେ ପର୍ଯ୍ୟାୟ କ୍ରମେ ଅନ୍ୟ ୪ଟି ଗେଟ୍ ଖୋଲା ଯାଇଥିଲା । ସଂନ୍ଧ୍ୟା ୬ଟା ସୁଦ୍ଧା ଜଳ ଭଣ୍ଡାର ମଧକୁ ପ୍ରତି ସେକେଣ୍ଡରେ ୯୩ ହଜାର ୦୫୧ ଘନଫୁଟ୍ ଜଳ ପ୍ରବେଶ କରୁଛି । ସେହି ସମୟରେ ମୋଟ୍ ୫ଟି ସ୍ଲୁଇସ୍ ଗେଟ୍ ଓ ଅନ୍ୟାନ୍ୟ ପାୱାର ଚାନେଲ ଦେଇ ପ୍ରତି ସେକେଣ୍ଡରେ ୧ ଲକ୍ଷ ୧୭ ହଜାର ୧୨୬ ଘନଫୁଟ୍ ରୁ ଉର୍ଦ୍ଧ୍ୱ ଜଳ ମହାନଦୀକୁ ଛଡାଯାଉଛି । ବନ୍ଧର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଜଳ ଭଣ୍ଡାରର ଜଳ ପତନ ରବିବାର ସଂନ୍ଧ୍ୟା ୬ଟା ସୁଦ୍ଧା ୬୧୪.୬୯ ଫୁଟ୍ ରହିଛି । ଡ୍ୟାମ୍ କର୍ତୃପକ୍ଷଙ୍କ ପକ୍ଷରୁ ମହାନଦୀ ଭିତରକୁ ନଯିବା ପାଇଁ ପୂର୍ବରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଇଛି । ସେହିପରି ମହାନଦୀ ତଟବର୍ତି ୧୨ଟି ଜିଲ୍ଲାର ଜିଲ୍ଲାପାଳ ଓ ଏସପି ମାନଙ୍କୁ ମଧ ସତର୍କ କରାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## କଂଗ୍ରେସରେ ଯୋଗ ଦେଲେ....

ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, କଂଗ୍ରେସ ଦଳ ଏକ ପୁରାତନ ସର୍ବବୃହତ ରାଜନୈତିକ ଦଳ। କଂଗ୍ରେସ ସର୍ବଦା ସମାଜର ନିମ୍ନସ୍ତରରେ ଥିବା ଲୋକମାନଙ୍କ ପାଇଁ କାର୍ଯ୍ୟକରି ଆସୁଅଛି। ରାଜ୍ୟ ସରକାର ୨୩ ବର୍ଷ ଧରି ପ୍ରତିଶ୍ରୁତି ଦେଇ କେବଳ ଧୂଆଁବାଣ କରିଚାଲିଛନ୍ତି। ଏଭଳି କୁଶାସନ ବିରୁଦ୍ଧରେ ଆଗାମୀ ୨୦୨୪ ମସିହାରେ ସମସ୍ତେ ଆଗେଇ ଆସିବାକୁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। କଂଗ୍ରେସ ପ୍ରଭାରୀ ଡଃ ଏ. ଚେଲ୍ଲା କୁମାର ସମସ୍ତଙ୍କୁ ସ୍ୱାଗତ କରି କହିଲେ ଯେ, ବିଜୁ ଜନତା ଦଳ ଅମଳରେ ପ୍ରଗତି ସ୍ଥାଣୁ ପାଲଟି ଯାଇଛି। ଏ ସରକାର ସମୟରେ ଚୋରୀ, ଡକାୟତି, ନାରୀ ନିର୍ଯ୍ୟାତନା, ସ୍ୱାସ୍ଥ୍ୟ, ଶିକ୍ଷା ଓ ଆଇନ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ଆଗାମୀ ଦିନରେ ଆପଣମାନଙ୍କର ଯୋଗଦାନ ଦଳକୁ ଆହୁରି ସୁଦୃଢ଼ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ କହିଥିଲେ ଯେ, ସମସ୍ତଙ୍କୁ ଦଳରେ କାମ କରିବାର ଅପୂର୍ବ ସୁଯୋଗ ରହିଛି। ପ୍ରଶାସନିକ ଅଧିକାରୀମାନେ ଲୋକମାନଙ୍କର ଅଭାବ ଓ ଅସୁବିଧାକୁ ଭଲଭାବେ ଜାଣନ୍ତି। ଏମାନଙ୍କ ପାଖରେ କାର୍ଯ୍ୟକରିବାର ବହୁ ଅଭିଜ୍ଞତା ଅଛି। ସେମାନେ ନିଜକୁ ସମର୍ପିତ ଭାବରେ କାର୍ଯ୍ୟ କରନ୍ତୁ ବୋଲି ଆହ୍ୱାନ କରିଥିଲେ। ପ୍ରଦେଶ କଂଗ୍ରେସ ମିଡ଼ିଆ ବିଭାଗର ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ନିଜର ପ୍ରତିକ୍ରିୟା ରଖି କଂଗ୍ରେସ ଦଳରେ ଯୋଗଦେଇଥିବା ଉପରୋକ୍ତ ୪ ପୂର୍ବତନ ପ୍ରଶାସନ ଅଧିକାରୀ କହିଥିଲେ ଯେ, ଆମ୍ଭେମାନେ ଜନସାଧାରଣଙ୍କର ନିଃସ୍ୱାର୍ଥ ସେବା ଭାବନା ରଖି କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ ଦଳରେ ଯୋଗ ଦେଇଛୁ। କଂଗ୍ରେସ ଏକମାତ୍ର ଦଳ ଯିଏ କି, ସୁ ଶାସନ ପ୍ରଦାନ କରି ଦେଶ ଓ ରାଜ୍ୟକୁ ଆଗକୁ ନେଇପାରିବ। ଆମେ ଆଜି ଯେଉଁ ସ୍ତରରେ ପହଂଚି ପାରିଛୁ, ତା' ପଛରେ କଂଗ୍ରେସ ସରକାରଙ୍କର ବଡ଼ ଅବଦାନ ରହିଛି। ରାଜ୍ୟରେ ଯଦି ସରକାରୀ ଶିକ୍ଷା ବ୍ୟବସ୍ଥା ନଥାନ୍ତା, ତାହାଲେ ଆମେ ଗାଁ ଗହଳିରେ ପାଠ ପଢ଼ି ଆଜି ଏଠି ପହଂଚି ପାରିନଥାନ୍ତୁ। ଆଜି ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ସବୁ କିଛି ଘରୋଇକରଣ ହୋଇଯାଇଛି। ପିଲାମାନଙ୍କୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଇବା ପାଇଁ ଲକ୍ଷ ଲକ୍ଷ ଟଙ୍କାର ଆବଶ୍ୟକତା ପଡୁଛି। ଉଚ୍ଚ ଶିକ୍ଷା କଥା କହିଲେ ନ ସରେ। ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରି ରାଜ୍ୟରେ କଂଗ୍ରେସକୁ ଫେରାଇ ଆଣିବା ପାଇଁ ଆମ୍ଭମାନଙ୍କୁ ଯେଉଁ ଦାୟିତ୍ୱ ଦିଆଯିବ ତାହାକୁ ଯଥାଶକ୍ତି ପାଳନ କରିବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ସର୍ବଶ୍ରୀ ସନ୍ତୋଷ ସିଂ ସାଲୁଜା, ତାରା ପ୍ରସାଦ ବାହିନିପତି, ପୂର୍ବତନ ସାଂସଦ ସୁଶିଳା ତିରିଆ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଯାସିର ନୱାଜ ପ୍ରଭୃଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଭୂଜବଳ ମାଝି, ଡଃ ଲଲାଟେନ୍ଦୁ ମହାପାତ୍ର, ମାନସ ଚୌଧୁରୀ, ସୁଦର୍ଶନ ଦାସ, ତରୁଣ ମିଶ୍ର, ଅଶୋକ ଦାସ, ମନୋରଞ୍ଜନ ଦାସ, ରଜନୀ ମହାନ୍ତି, ପ୍ରକାଶ ମିଶ୍ର, ସୁବ୍ରତ ମହାପାତ୍ର, ମୋତିଲାଲ ଦାସ, ନରୋତମ ନାୟକ, ପ୍ରଦୀପ ମହାପାତ୍ର, ମିହିର ଆଚାର୍ଯ୍ୟ, ଜ୍ଞାନ ରଞ୍ଜନ ପଟ୍ଟନାୟକ, ଦୀପକ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ପ୍ରଭାତ ପ୍ରତାପ ବଳିଆର ସିଂ, ପ୍ରମୁଖ ଅଂଶ୍ର ଗ୍ରହଣ କରିଥିଲେ।

## ନଇଁଲା ପ୍ରଶାସନ...

ବୋଲି ପ୍ରଶାସନ ସୂଚନା ଦେଇଛି। ତେବେ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଏକମାତ୍ର ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ପ୍ରବେଶ କରିବାକୁ ପ୍ରଶାସନ ନେଇଥିବା ନିଷ୍ପତ୍ତି କେବେ ହଟିବ ତାହା ଅଲୋଚନାର ବିଷୟ ହୋଇଛି। ଚାରି ଦ୍ୱାର ଦେଇ ସମସ୍ତ ଭକ୍ତଙ୍କୁ ସ୍ୱଚ୍ଛନ୍ଦ ପ୍ରବେଶ ପ୍ରସ୍ଥାନ ଅନୁମତି ମିଳିଲେ ସିଂହଦ୍ୱାର ଠାରୁ ମରଚିକୋର୍ଟ ପର୍ଯ୍ୟନ୍ତ ଘଣ୍ଟାଘଣ୍ଟା ଠିଆ ହୋଇ ଭକ୍ତଙ୍କୁ ଭୋଗିବାକୁ ପଡୁଥିବା କଷ୍ଟ ଲାଘବ ହୋଇପାରନ୍ତା। ଏହାଛଡ଼ା ଧର୍ମ, ଅର୍ଥ, କାମ, ମୋକ୍ଷ ଆଶା ନେଇ ଆସୁଥିବା ଭକ୍ତଙ୍କ ଭାବନା ଓ ବିଶ୍ୱାସ ପୂରଣ ହୋଇପାରନ୍ତା। ହେଲେ ଭକ୍ତଙ୍କ ଏହି ବିଶ୍ୱାସ ଓ ଭରସା ଉପରେ ପ୍ରଶାସନ ଯୋର କରି କୁଠାର ଘାତ କରିଛି। ଏକମାତ୍ର ସିଂହଦ୍ୱାର ଦେଇ ଭକ୍ତଙ୍କ ପ୍ରବେଶ ବ୍ୟବସ୍ଥା କରିଥିବା ବେଳେ ଅନ୍ୟଦ୍ୱାରକୁ ଭକ୍ତଙ୍କ ପ୍ରବେଶ ନିମନ୍ତେ ବନ୍ଦ କରି ଦେଇଛି। ଯାହା ଭକ୍ତ ମହଲରେ ଅସନ୍ତୋଷର ବିଷୟ ହୋଇଛି। ଶ୍ରୀମନ୍ଦିର ସିଂହଦ୍ୱାର ବାହାରେ ଭକ୍ତଙ୍କ ଧାଡ଼ି ପ୍ରବେଶ ନିମନ୍ତେ ପ୍ରଶାସନ ଯୋର ଦେଉଥିଲେ ହେଁ ଭିତରେ କିନ୍ତୁ କୌଣସି ଧାଡ଼ି ଦର୍ଶନ ବ୍ୟବସ୍ଥା ନାହିଁ। ଠେଲାପେଲା ଭିତରେ ଶ୍ରୀଜୀଉଙ୍କୁ ଦର୍ଶନ କରୁଛନ୍ତି ଭକ୍ତ। ଏହା ଦ୍ୱାରା ମହିଳା, ବୟସ୍କ, ଶିଶୁ ଭକ୍ତମାନେ ବିଶେଷ ଭାବେ କଷ୍ଟ ପାଉଛନ୍ତି। ଅନେକ ସମୟରେ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି। କରୋନା ମହାମାରୀ ସମୟରେ ସଂକ୍ରମଣ ବ୍ୟାପିବାକୁ ଆଳ କରି ପ୍ରଶାସନ ଭକ୍ତଙ୍କ ଶ୍ରୀମନ୍ଦିର ପ୍ରବେଶ ସହ ଜଡ଼ିତ ରହିଥିବା ଭାବାବେଗ ଉପରେ କୁଠାର ଘାତ କରିଥିବା ବେଳେ ଏବେ ଶ୍ରୀମନ୍ଦିର କରିଡ଼ର କାମ ଚାଲିଥିବା ଆଳ ଦେଖାଇ ଭକ୍ତଙ୍କ ଭାବାବେଗକୁ କୁଠାର ଘାତ କରୁଛି।

## ଗୁଜରାଟ ସ୍ଥିତି...

ଏବେ ବି ଶତାଧିକ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ଜୁନାଗଡ଼ରୁ ଏଯାଏ ୩ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିବା ପ୍ରଶାସନ କହିଛି। ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ କିଛି ସ୍ଥାନରେ ଅଚାନକ ବନ୍ୟା ଯୋଗୁ କାର ଓ ଅନ୍ୟାନ୍ୟ ଗାଡ଼ି ଭାସି ଯାଇଥିଲା। ଗୋଟିଏ ଗାଡ଼ି ଉପରେ ଆଉ ଗୋଟିଏ ଗାଡ଼ି ମାଡ଼ି ଯାଇଛି। ସେଗୁଡ଼ିକୁ ଅଲଗା କରିବା ତଥା ଗାଡ଼ିଗୁଡ଼ିକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ କ୍ରେନର ବ୍ୟବହାର କରାଯାଉଛି। ଆବାସିକ ଅଞ୍ଚଳରେ ଜମି ରହିଥିବା ପାଣିକୁ କାଢ଼ିବା ପାଇଁ ମଟୋର ପମ୍ପର ବ୍ୟବସ୍ଥା ମଧ୍ୟ କରାଯାଇଛି। ଅନ୍ୟପକ୍ଷରେ ଶନିବାର ରାତିରୁ ଅହମଦାବାଦ ଏୟାରପୋର୍ଟରେ ଲଗାଣ ବର୍ଷା ଯୋଗୁ ପାଣି ଜମି ରହିଛି। ଏୟାରପୋର୍ଟ ଭିତରେ ଓ ବାହାରେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ସୁଅ ମାରୁଛି। ଏଠାରୁ ଯାଉଥିବା ଓ ଏଠାକୁ ଆସୁଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏୟାରପୋର୍ଟକୁ ଆସୁଥିବା ଲୋକମାନଙ୍କୁ ସତର୍କ ରହିବାକୁ କୁହାଯାଇଛି। ଲୋକମାନେ ମଧ୍ୟ ଏୟାରପୋର୍ଟରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତିର ବିଚଳିତ କରିବା ବେଳର ଭିଡିଓ ମଧ ଶେୟାର କରୁଛନ୍ତି।

## ପଣ୍ଡରାପିଟା ଗ୍ରାମରେ ଯୁବକଙ୍କୁ ପିଟି ପିଟି ହତ୍ୟା ଅଭିଯୋଗ : ଥାନାରେ ଜଣେ ଅଟକ

ବଲାଙ୍ଗିର, ୨୩/୦୭ (ନି.ପ୍ର): ବଲାଙ୍ଗିର ଦିନକୁ ଦିନ ଅଶାନ୍ତ ହୋଇଚାଲିଛି। ଗତକାଲି ରାତିରେ ସଦର ଥାନା ଅନ୍ତର୍ଗତ ପଣ୍ଡରାପିଟା ଗ୍ରାମରେ ଏକ ଅଘଟଣ ଘଟିଛି। ଗ୍ରାମର ଭାସ୍କର ତାଣ୍ଡିଙ୍କୁ କେହି ଜଣେ ଅମାନବୀୟ ଭାବେ ହତ୍ୟା କରିଛି। ଏନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିଛି। ଏହାକୁ ବ୍ୟବଚ୍ଛେଦ ପାଇଁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇଛି। ଘଟଣାରୁ ପ୍ରକାଶ ଯେ, ଗତକାଲି ଅପରାହ୍ନରେ ଗ୍ରାମର କିଛି ଯୁବକଙ୍କ ସହିତ ଭାସ୍କରର ଯୁକ୍ତି ତର୍କ ହୋଇଥିଲା। ରାତିରେ ସେ ଘରୁ ବାହାରି ବସ୍ତିକୁ ଯାଇଥିଲେ। ରାତି ୧୧ଟା ବେଳେ ବସ୍ତି ରାସ୍ତାରେ ରକ୍ତ ଜୁଡୁବୁଡୁ ହୋଇ ପଡିଥିବା ବେଳେ ପରିବାର ଲୋକେ ତାଙ୍କୁ ଭୀମଭୋଇ ମେଡିକାଲକୁ ଆଣି ଥିଲା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଶବକୁ ପୋଷ୍ଟ ମର୍ଟମ ନିମନ୍ତେ ରଖାଯାଇଥିଲା। ସଦର ଥାନାରେ ପରିବାର ପକ୍ଷରୁ ରିପୋର୍ଟ କରାଯାଇଛି। ପୋଲିସ ଘଟଣାର ତଦନ୍ତ କରି ୩୦୨ ଦଫାରେ କେସ୍ ରୁଜୁ କରିଥିଲା ବେଳେ ପ୍ରେମରାଜ ପୋଡ ନାମକ ଜଣେ ଯୁବକକୁ ଥାନାରେ ଅଟକ ରଖିଥିବା ବେଳେ ତଦନ୍ତ ଜାରି ରହିଛି। ଏହି ହତ୍ୟାକାଣ୍ଡରେ ଏକରୁ ଅଧିକ ଲୋକଙ୍କ ସଂପୃକ୍ତି ଥିବା ଭାସ୍କରଙ୍କ ପରିବାର ଲୋକ କହୁଥିବା ବେଳେ ଆଉ କେଉଁ ମାନେ ଏଥିରେ ସାମିଲ ଅଛନ୍ତି ସେ ନେଇ ଖୋଳତାଡ଼ କରୁଛି ପୋଲିସ। ସଦର ଏସଡିପିଓ ତୁଫାନ୍ ବାଗ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି।

## ବିଏମ୍ଏସ୍ର ପ୍ରତିଷ୍ଠା ଦିବସ ପାଳିତ

ଭଦ୍ରକ, ୨୩/୦୭ (ନି.ପ୍ର): ଭାରତର ସର୍ବବୃହତ୍ ମଜଦୁର ୟୁନିୟନ ଭାରତୀୟ ମଜଦୁର ସଂଘର ୬୯ତମ ପ୍ରତିଷ୍ଠା ଦିବସ ଭଦ୍ରକ ବନ୍ଥଛକ ସ୍ଥିତ ଆଖଣ୍ଡଳେଶ୍ୱର ମନ୍ଦିର ସମ୍ମିଳନୀ କକ୍ଷରେ ପାଳିତ ହୋଇ ଯାଇଛି। ପ୍ରତ୍ୟେକ ମଣିଷ କର୍ମ କରି ଜୀବନ ନିର୍ବାହ କରେ। ସେ ନିଜ ପାଇଁ କରୁ କି ଅନ୍ୟ ପାଖରେ କରୁ। ତେବେ ଆଜି ଯେଉଁମାନେ ଅନ୍ୟ ପାଖରେ କାର୍ଯ୍ୟ କରି ନିଜର ଜୀବିକା ନିର୍ବାହ କରୁଛନ୍ତି, ସେମାନେ ନିଜ କର୍ମର ଉପଯୁକ୍ତ ପ୍ରାପ୍ୟ ପାଉ ନାହାନ୍ତି। ଚିର ଅବହେଳିତ ହୋଇ ଜୀବନ ଯାପନ କରୁଛନ୍ତି। ସରକାର ସେମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ପ୍ରଦାନର ସୁବନ୍ଦୋବସ୍ତ କରିବା ନିହାତି ଦରକାର ବୋଲି ଆୟୋଜିତ ପ୍ରତିଷ୍ଠା ଦିବସର ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରୀ କର୍ମଚାରୀ ସଂଘର ଉପସଭାପତି ବିଜୟ ମିଶ୍ର ଯୋଗ ଦେଇ ମତବ୍ୟକ୍ତ କରିଥିଲେ। ସଂଘର ଜିଲ୍ଲା ସଭାପତି ମନୋଜ ବସନ୍ତରାୟ ସଭାରେ ପୌରୋହିତ୍ୟ କରି ସଂଗଠନକୁ ସୁଦୃଢ କରିବାକୁ ହେଲେ ଏହାର ବିଚାରଧାରାକୁ ଆଗ ବୁଝିବାକୁ ପଡ଼ିବ ବୋଲି ମତ ପ୍ରକାଶ କରିଥିଲେ। ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜାନକୀ ଦାସ, ସମ୍ପାଦକ ପରେଶ ନାଥ ଧଳଙ୍କ ସମେତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏସନର ଜିଲ୍ଲା ସଭାନେତ୍ରୀ ଜୟନ୍ତୀ ଜେନା, କମଳାକାନ୍ତ ସାହୁ ମଞ୍ଚାସିନ ହୋଇଥିଲେ। ସଭାରେ ବିଏମ୍ଏସ୍ ସହିତ ଅନୁବନ୍ଧିତ ଧାମରା ବନ୍ଦର କର୍ମଚାରୀ ସଂଘ, ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏସନ, ଜିଲ୍ଲା ଆଶାକର୍ମୀ ସଂଘ, ବିଶ୍ୱକର୍ମା ମଜଦୁର ସଂଘ, ଭଦ୍ରକ ଜିଲ୍ଲା ନିର୍ମାଣ ମଜଦୁର ସଂଘର କର୍ମକର୍ତ୍ତା, ସଦସ୍ୟ ସଦସ୍ୟା ଚନ୍ଦ୍ରଶେଖର ଜେନା, ମନୋଜ ଲେଙ୍କା, ଶୁଭେନ୍ଦୁ ନାୟକ, ବସନ୍ତ ରାଉତ, ଲକ୍ଷ୍ମୀପ୍ରିୟା ରାଉତ, ବଳରାମ ନାୟକ, କୃପାସିନ୍ଧୁ ନାୟକ, ବିଶ୍ୱନାଥ ଜେନା, ନାରାୟଣ ପାଣିଗ୍ରାହୀ, ରବିନ୍ଦ୍ର ଦେଓ, ଆରତୀ ପଣ୍ଡା, ରୁବିଲତା ନାୟକ, କନକଲତା ବିଶ୍ୱାଳ, ତିଳୋତ୍ତମା ସାହୁ, ବାସନ୍ତୀ ଜେନା ପ୍ରମୁଖ ଯୋଗ ଦେଇ ସହଯୋଗ କରିଥିଲେ।

ସୋମବାର, ଜୁଲାଇ ୨୪, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଦୁର୍ଘଟଣାରେ ମୃତ୍ୟୁ ପରେ ଉତ୍ତ୍ୟକ୍ତ ଲୋକେ ସ୍କର୍ପିଓ ଜାଳିଦେଲେ



ବାରିପଦା, ୨୩/୦୭ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢୋ ଗ୍ରାମରେ ଗୋଟିଏ ସ୍କର୍ପିଓ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଉତ୍ତ୍ୟକ୍ତ ଲୋକେ ସ୍କର୍ପିଓ କୁ ନିଆଁ ଲଗାଇ ଜାଳି ଦେଇଥିବାର ଖବର ମିଳିଛି। ସୂଚନା ମୁତାବକ ଆଜି ସନ୍ଧ୍ୟା ସମୟରେ ରାଢୋ ଗ୍ରାମର ରବିନ୍ଦ୍ର ପାତ୍ର ନାମକ ବ୍ୟକ୍ତି ଗାଁ ରାସ୍ତା ସଂଲଗ୍ନ ନିଜ ଘର ବାଡ଼ିରେ ଏକ ସୋଜନା ଗଛ ଲଗାଉଥିବା ସମୟରେ ଏକ ସ୍କର୍ପିଓ ଆସି ତାଙ୍କୁ ଜୋରରେ ଧକ୍କା ଦେବା ଫଳରେ ରବିନ୍ଦ୍ର ପାତ୍ରଙ୍କ ମୃତ୍ୟୁ ଘଟିଥିଲା। ତେବେ ଏହି ଘଟଣାରେ ସ୍ଥାନୀୟ ଉତ୍ତ୍ୟକ୍ତ ଲୋକେ ସ୍କର୍ପିଓ ଚଳାଉ ଥିବା ଡ୍ରାଇଭର ସେହି ରାଢୋ ଗ୍ରାମର ରାଜେଶ ବେହେରାଙ୍କୁ ଅଟକ ରଖିବା ସହିତ ସ୍କର୍ପିଓରେ ନିଆଁ ଲଗାଇ ଜାଳି ଦେଇଥିବାର ଜଣାଯାଇଛି। ଖବର ପାଇ ଉଦଳା ପୋଲିସ ଘଟଣା ସ୍ଥଳରେ ପହଂଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝା ସୁଝା କରିବା ସହ ଉତ୍ତେଜନା ହ୍ରାସ କରିବାକୁ ପ୍ରୟାସ କରୁଥିବାର ଜଣାଯାଇଛି। କିଛି ଲୋକ ଡ୍ରାଇଭର ରାଜେଶ ଜାଣିଶୁଣି ରବିନ୍ଦ୍ର ପାତ୍ରଙ୍କ ଉପରେ ଗାଡିଚଢ଼ାଇ ମାରିଦେଇଥିବାର ଅଭିଯୋଗ କରୁଥିବା ବେଳେ ମଦ୍ୟପାନ କରି ଗାଡି ଚଳାଉ ଥିବାର ମଧ କହିଛନ୍ତି। ତେବେ ପୋଲିସ ଘଟଣାକୁ ଗୁରୁତର ସହିତ ନେଇ ଉତ୍ତେଜନା ପ୍ରଶମିତ କରିବାରେ ପ୍ରୟାସ କରୁଛି। ଏହା ପରେ ଘଟଣାର ସବିଶେଷ ତଦନ୍ତ କଲେ ଘଟଣାର ସତ୍ୟାସତ୍ୟ ଜଣାଯିବ ବୋଲି କୁହାଯାଇଛି।

# ମଣିପୁରର ନାରକୀୟ କାଣ୍ଡ ବିରୋଧରେ ଇଣ୍ଡିଆ ମେଣ୍ଟ ତରଫରୁ ପ୍ରତିବାଦ ପାଇଁ ପ୍ରସ୍ତୁତି ବୈଠକ



ନୀଳଗିରି , ୨୩/୦୭ (ନି.ପ୍ର): ଉତ୍ତର ପୂର୍ବରାଜ୍ୟ ମଣିପୁରରେ ଦୀର୍ଘଦିନ ଧରି ଚାଲିଥିବା ହିଂସାରେ ବହୁ ଧନ ଜୀବନ ନଷ୍ଟ ହେବାସହ ହିଂସାକାଣ୍ଡ ଥମିବାର ନା ଧରୁନି।ତେବେ ଏହି ନାରକିୟ କାଣ୍ଡରେ ମଣିପୁର ରାଜ୍ୟର ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଓ ଦୁଇଜଣ ମହିଳା ସମେତ ଜଣେ ୨୧ବର୍ଷୀୟ ଯୁବତୀଙ୍କୁ ବିବ୍ ରାସ୍ତାରେ ଉଲଗ୍ନ କରି ରାସ୍ତାରେ ଚଲାଇବା ସହ ଯୁବତୀଙ୍କୁ ଗଣଦୁଷ୍କର୍ମ କରି ମାରିଦେବା ଘଟଣା ସାରା ଦେଶକୁ ଲଜ୍ଜିତ କରିଛି। ଏହି ଘଟଣାକୁ ବିପକ୍ଷ ଦଳ ଦ୍ୱାରା ନବଗଠିତ ୨୬ଗୋଟି ଦଳ ନିନ୍ଦା କରିବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛି। ଏନେଇ ନୀଳଗିରି ସିପିଆଇ (ଏମ) କାର୍ଯ୍ୟାଳୟ ଠାରେବରିଷ୍ଠ ସିପିଆଇ ନେତା କୈଳାସ ପଣ୍ଡାଙ୍କ ସଭାପତିତ୍ୱରେ କଂଗ୍ରେସ, ସିପିଆଇ, ସିପିଆଇ ଏମ ଦଳ ପକ୍ଷରୁ ଏଭଳି ଘଟଣାକୁ ନିନ୍ଦା କରିବା ସହ ଆଗାମୀ ୨୫ତାରିଖ ନୀଳଗିରି ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି ବୈଠକରେ ସିପିଆଇ ଏମ ତରଫରୁ ବିଜୟ ପାତ୍ର, ଯୋଗାନନ୍ଦ ଦାସ, ହେମେନ୍ଦ୍ର ସେଠୀ, ପରମାନନ୍ଦ ବେହେରା, ସିପିଆଇ ତରଫରୁ ନିରଞ୍ଜନ ବାରିକ, ବିଜୟ ସ, ନିହାର ଜେନା, କଂଗ୍ରେସରୁ ମନୋରଞ୍ଜନ ପଣ୍ଡା, ଉପେନ୍ଦ୍ର ବେହେରା, ଯୋଗାନନ୍ଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଉଦଳା ମହାବିଦ୍ୟାଳୟ ପରିସରରେ ବନମହୋତ୍ସବ ପାଳିତ

ଉଦଳା , ୨୩/୦୭ (ନି.ପ୍ର): ଉଦଳା ମହାବିଦ୍ୟାଳୟର ଇକୋ କ୍ଲବ, ଜାତୀୟ ସେବା ଯୋଜନା ଓ ଯୁବ ରେଡ଼କ୍ରସର ମିଳିତ ଉଦ୍ୟମରେ ବନମହୋତ୍ସବ ପାଳିତ ହୋଇ ଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ଯତିନ କୁମାର ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ସ୍ଥାନୀୟ ବନଅଧିକାରୀ ଅରୁଣ କୁମାର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜଙ୍ଗଲ ସମଗ୍ର ପୃଥିବୀର ଜଳବାୟୁ ଉପରେ କିପରି ପ୍ରଭାବ ପକାଇଥାଏ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ଡ଼କ୍ଟର ଆଲୋକ ରଂଜନ ପ୍ରଧାନ, ଡ଼କ୍ଟର ପ୍ରଭାକର ସାହୁ, ସତ୍ୟବ୍ରତ ମଲ୍ଲିକ, ଗଜେନ୍ଦ୍ର ହାଁସଦା, ଅଧ୍ୟାପିକା ସୁଧାସାବିତ୍ରୀ ପଣ୍ଡା, ତପସ୍ୱିନୀ ବେହେରା, ଦେବୀ ଦତା ପ୍ରମୁଖ ଯୋଗ ଦେଇ ବଂଚି ରହିବା ପାଇଁ ଜଙ୍ଗଲ ସଂପଦର ଆବଶ୍ୟକତା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ମହାବିଦ୍ୟାଳୟ ପରିସରରେ ପିଜୁଳି, ବେଲ, ଜାମୁ, ଆମ୍ବ, ଲିମ୍ବ, କର ଓ ପଣସ ଇତ୍ୟାଦି ବୃକ୍ଷର ଚାରା ରୋପଣ କରାଯାଇଥିଲା ।




# ରମାଦେବୀଙ୍କ ନିଃସ୍ୱାର୍ଥପର ସେବା ତ୍ୟାଗ ଓ ବଳିଦାନ ସଦାସର୍ବଦା ସ୍ମରଣୀୟ




ଭଦ୍ରକ, ୨୩/୦୭ (ନି.ପ୍ର): ମହାନ୍ ସ୍ୱାଧନତା ସଂଗ୍ରାମୀ, ତପସ୍ୱୀ, ମହିଳା ଜାଗରଣର ପ୍ରମୁଖ ନେତ୍ରୀ ରମାଦେବୀଙ୍କର ୩୮ତମ ଶ୍ରାଦ୍ଧୋତ୍ସବ ଉତ୍କଳ ସର୍ବୋଦୟ ମଣ୍ଡଳ ଭଦ୍ରକ ଜିଲ୍ଲା ତରଫରୁ ବାଇପାସ୍ ଛପୋଲିଆ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠାନର ସଭାପତି ସମାଜସେବୀ ଅମର କୁମାର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ପାଳିତ ହୋଇ ଯାଇଛି। ସଭା ପ୍ରାରମ୍ଭରେ ଗାନ୍ଧୀ ବାଳାଶ୍ରମର ବିଦ୍ୟାର୍ଥୀ ମାନେ ଓ କଣ୍ଠ ଶିଳ୍ପୀ ସୁଶ୍ରୀ ପ୍ରଜ୍ଞା ଦାସ, ଗୁରୁ ରାମହରି ପଣ୍ଡାଙ୍କ ସଂଯୋଜନାରେ ଗାନ୍ଧୀଙ୍କ ପ୍ରିୟ ଭଜନ ଗାନ କରିଥିଲେ। ଗାନ୍ଧୀ ବଳଶ୍ରମର ସଂପାଦକ ଓ ସର୍ବୋଦୟ ମଣ୍ଡଳର ଉପସଭାପତି ଅଶୋକ କୁମାର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ, ସର୍ବୋଦୟ ମଣ୍ଡଳର ସଂପାଦକ ଗୟାଧର ପଣ୍ଡା ବିବରଣୀ ପାଠ ଓ ସଭାର ଉଦେଶ୍ୟ ଜ୍ଞାପନ କରିଥିଲେ। ବିଶିଷ୍ଟ ସ୍ତମ୍ଭକାର ଓ ଉପଦେଷ୍ଟା ଅଭୟ କୁମାର ଦ୍ୱିବେଦୀ ସମ୍ମାନିତ ଅତିଥି, ଗାନ୍ଧୀ ବିଚାର ମଞ୍ଚର ସଭାପତି ଶାନ୍ତନୁ ରାଉତ ଅନ୍ୟତମ ଅତିଥି, ତ୍ୟାଗଭୂମି ସଭାପତି ଅଜୟ କୁମାର ନାୟକ ମୁଖ୍ୟବକ୍ତା, ପ୍ରାଧାପକ ଲକ୍ଷ୍ମୀଧର ରାଉତ ମୁଖ୍ୟବକ୍ତା ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ଼ ରାମଚନ୍ଦ୍ର ପଣ୍ଡା ମୁଖ୍ୟ ଉପଦେଷ୍ଟା, ଡ ରାଧାରାଣୀ ମହାପାତ୍ର ଶିକ୍ଷାବିତ୍, ବରିଷ୍ଠ ନାଗରିକ ସଭାପତି ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ମା' ରମା ଦେବୀଙ୍କ ଜୀବନୀ, ତ୍ୟାଗ, ସମାଜର ଉନ୍ନତି, ନାରୀ ଜାଗରଣର ଭୂମିକା ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ, ମହାତ୍ମା ଗାନ୍ଧୀ ଓ ବିନୋବା ଭାବେଜୀଙ୍କ ଆଦର୍ଶରେ ଦେଶ ପ୍ରତି ତାଙ୍କର ସେବାର ପଟାନ୍ତର ନାହିଁ ବୋଲି ମନ୍ତବ୍ୟ ପ୍ରଦାନ କରିଥିଲେ। ବର୍ତ୍ତମାନ ଯେପରି ଭାବେ କୋମଳମତି ବାଳକ ବାଳିକା ମାନେ ନିଶା ସେବନରେ ଲିପ୍ତ ହେଉଛନ୍ତି, ତାର ନିବାରଣ ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ।

## ଭାସମାନ ଅବସ୍ଥାରେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ନୀଳଗିରି, ୨୩/୦୭ (ନି.ପ୍ର): ନୀଳଗିରି ଥାନା ମହିଷକ୍ଷପଟକ୍ଷ ପଞ୍ଚାୟତ ବାଣିଆଗାଁ ନିକଟବର୍ତ୍ତି ଏକ ପାଣିଭର୍ତି ପୁରୁଣା ପଥରଖାଦାନରେ ଏକ ବୃଦ୍ଧ ଲୋକର ମୃତ ଶରୀର ଭାସୁଥିବା ଦେଖି ଲୋକମାନେ ନୀଳଗିରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀରକୁ ଉଦ୍ଧାରକରି ନୀଳଗିରି ମେଡିକାଲ ଆଣିଥିଲେ। ତେବେ ମୃତବ୍ୟକ୍ତି ଜଣକ ହେଲେ ଅଯୋଧ୍ୟା ଫାଣ୍ଡି ଅନ୍ତର୍ଗତ ତେନ୍ତୁଳକ୍ଷପଡ଼ା ଗ୍ରାମର ୭୦ବର୍ଷୀୟ ରଘୁନାଥ ସିଂ। ତେବେ ରଘୁନାଥ ଦିନେ ପୂର୍ବରୁ ନିଖୋଜ ଥିଲେ। ଏନେଇ ନୀଳଗିରି ଥାନାରେ ରଘୁନାଥଙ୍କ ଝିଅ ପହଞ୍ଚି ଶବ ଚିହ୍ନଟ କରିବା ସହିତ ଲିଖିତ ଅଭିଯୋଗ କରିଛନ୍ତି। ନୀଳଗିରି ପୋଲିସ ଏକ ଅପମତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଜଣାପଡିଛି।

## ତାମିଲନାଡୁର ୨୪ ସ୍ଥାନରେ ଚଢ଼ଉ କଲା ଏନଆଇଏ

ଚେନ୍ନାଇ,୨୩/୦୭ : ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ରବିବାର ତାମିଲନାଡୁରେ ୨୪ଟି ସ୍ଥାନରେ ଚଢ଼ଉ କରିଛି । ୨୦୧୯ରେ ଘଟିଯାଇଥିବା ପିଏମକେ ନେତା କେ. ରାମଲିଙ୍ଗନ ହତ୍ୟା ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତିରୁନେଲବେଲି ଜିଲ୍ଲାରେ ସୋଶିଆଲ ଡେମୋକ୍ରାଟିକ ପାର୍ଟି ଅଫ୍ ଇଣ୍ଡିଆ (ଏସଡିପିଆଇ) ନେତା ମୁବାରକଙ୍କ ଘରେ ଚଢ଼ଉ କରିଛି ଏନଆଇଏ ।

## ଖଡ଼ଗପୁରରେ ମାଲବାହୀ ଟ୍ରେନ ଲାଇନଚ୍ୟୁତ

ଖଡ଼ଗପୁର,୨୩/୦୭ : ଖଡ଼ଗପୁର ମାର୍ଶାଲିଙ୍ଗ ୟାର୍ଡ ନିକଟରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି । ସୂଚନା ଅନୁଯାୟୀ, ରାସନ ସାମଗ୍ରୀ ବୋଝେଇ ଏହି ମାଲବାହୀ ଟ୍ରେନ୍ ଖଡ଼ଗପୁରରୁ ହଳଦିଆ ଅଭିମୁଖେ ଯାଉଥିବା ବେଳେ ଶନିବାର ରାତି ପ୍ରାୟ ସାଢ଼େ ୧୨ଟା ସମୟରେ ଲାଇନଚ୍ୟୁତ ହୋଇଛି । ଟ୍ରେନକୁ ଟ୍ରାକକୁ ଆଣିବା ଓ ଟ୍ରାକ୍ ମରାମତି କାର୍ଯ୍ୟ ଜାରୀ ରହିଛି । ପ୍ରକାଶ ଥାଉକି, ଗତବର୍ଷ ଜୁନ୍ ରେ ଖଡ଼ଗପୁର ନିକଟରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା ।

# ଖଇରାରେ ଗୋପାଳନ ଜନସଚେତନତା କାର୍ଯ୍ୟକ୍ରମ

## ଦୁଗ୍ଧ ଉତ୍ପାଦନ ମାଧ୍ୟମରେ ଯୁବକ ଯୁବତୀ ମାନେ ସ୍ୱାବଲମ୍ବୀ ହୋଇ ପାରିବେ




ଖଇରା, ୨୩/୦୭ (ନି.ପ୍ର): ଖଇରା ବ୍ଲକର ଧୋବାଗଡିଆ ଠାରେ ରବିବାର ଦିନ ଗୋପାଳନ ଜନସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ଗଣେଷ ପ୍ରସାଦ ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ପଦ୍ମଶ୍ରୀ ବସ୍ତିଆ ମୁଖ୍ୟଅତିଥି,ନାବାର୍ଡ ଡିଡିଏମ୍ ତାପସ ରଞ୍ଜନ ପ୍ରଧାନ, ସମବାୟ ବ୍ୟାଙ୍କ ଏଜିଏମ ଅଭିରାମ ମହାନ୍ତି,ସମବାୟ ବ୍ୟାଙ୍କର ଖଇରା ଶାଖା ପରିଚାଳକ ଯଦୁନାଥ ସ, ଭଦ୍ରକ ପୌର ପରିଷଦର କାଉନସିଲର ପ୍ରଣୟ ଦାସ, ଜିଲା ପରିଷଦ ସଦସ୍ୟା ରଶ୍ମିତା ମହାପାତ୍ର, ଯୁବ ଶିଳ୍ପୋଦ୍ୟୋଗୀ ବିପିନ ବିହାରୀ ଦାସମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ । ବକ୍ତବ୍ୟରେ ଗୋପାଳନ ମାଧ୍ୟମରେ ଯୁବଗୋଷ୍ଠୀ ସ୍ୱାବିଲମ୍ବି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ହେଲେ ସରକାରୀ ପ୍ରୋତ୍ସାହନ ତଥା ଉତ୍ପାଦିତ ସାମଗ୍ରୀର ବଜାରିକରଣ ର ସୁବିଧା କରାଯାଇପାରିଲେ ଆଗ୍ରହୀ ଯୁବକ ଯୁବତୀ ମାନେ ଏହାକୁ ଜିବିକାନିର୍ବାହର ପନ୍ଥା ଭାବେ ଗ୍ରହଣ କରିପାରନ୍ତେ ବୋଲି କହିଥିଲେ । ଚଳିତ ଥର ବ୍ୟାଙ୍କର ନିର୍ବାଚିତ ଜିଲା ସଭାପତି ଖଇରା ବ୍ଲକର ବାସିନ୍ଦା ହୋଇଥିବାରୁ ଗୋପାଳନ ପ୍ରତି ଯୁବଗୋଷ୍ଠୀ, ସ୍ୱୟଂସହାୟକା ଗୋଷ୍ଠୀର ମହିଳା ଆଗ୍ରହୀ ହୋଇ ପାରିବେ ସେଥିପ୍ରତି ସେ ଗୁରୁତ୍ୱ ଦେଉଛନ୍ତି । ଏଥିପାଇଁ ଖଇରାରେ ଦୁଗ୍ଧ ସଂଗୃହିତ କେନ୍ଦ୍ର ଓ ପ୍ରକ୍ରିୟା କରଣ କେନ୍ଦ୍ର ଖୋଲାଯିବା ସହ ଚାଷୀଙ୍କ ଘରକୁ ଯାଇ କିଭଳି ଦୁଗ୍ଧ ସଂଗ୍ରହ କରାଯାଇପାରିବ ତାକୁ ପ୍ରାଥମିକତା ଦିଆଯିବା ସହ ପ୍ରଥମ କରି କଛି ଯୁବକଙ୍କୁ ତାଲିମ କରାଯାଇ ସେମାନଙ୍କୁ ଗାଇ ପ୍ରଦାନ କରାଯିବ ବୋଲି କହିଥିଲେ । ଖଇରା ବ୍ଲକ ରୁ ଯେଉଁ ଯୁବ ଗୋଷ୍ଠୀ କାର୍ଯ୍ୟ ଅନ୍ୱେଷଣରେ ବାହାରକୁ ଯାଉଛନ୍ତି ସେମାନେ ଘରେ ରହି ଏହି ଚାଷ ମାଧ୍ୟମରେ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ ।

# ବିଜେଡିର ଜିଲ୍ଲା ସାଧାରଣ ସମ୍ପାଦକ ହେଲେ ଭାଗିରଥି ବଳ



ବାସୁଦେବପୁର, ୨୩/୦୭ (ନି.ପ୍ର): ବାସୁଦେବପୁର ବ୍ଲକ ର ବିଜୁ ଜନତା ଦଳ ର ଟାଣୁଆ ନେତା ତଥା ଜଗନ୍ନାଥ ପ୍ରସାଦ ପଂଚାୟତ ର ପୂର୍ବତନ ସରପଞ୍ଚ ଭାଗିରଥି ବଳ ଙ୍କୁ ବିଜେଡି ର ଭଦ୍ରକ ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି । ଏହି ଅବସରରେ ଓଡିଶା ର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଶ୍ରୀ ବଳ ପ୍ରଣାମ କରିବା ସହିତ କୃତଜ୍ଞତା ଜଣାଇଛନ୍ତି । ୧୯୮୬ ମସିହାରେ ଅଟଳ ବିହାରୀ କଲେଜ ରେ ଶ୍ରୀ ବଳ ପାଠ ପଢୁଥିବା ସମୟ ରେ ଜନତା ଦଳରୁ ଲଢ଼ି ଉପ ସଭାପତି ହୋଇଥିଲେ । କଳିଙ୍ଗ ବୀର ବିଜୁ ପଟ୍ଟନାୟକ ଙ୍କୁ ଅତିଥି ଭାବେ ବାସୁଦେବପୁର କଲେଜ କୁ ଶ୍ରୀ ବଳ ନିମନ୍ତ୍ରଣ କରିଥିଲେ । ଆଜି ପର୍ଯ୍ୟନ୍ତ ଶ୍ରୀ ବଳ ସକ୍ରିୟ ରାଜନୀତି ରେ ଅଛନ୍ତି ଓ ଜନସାଧାରଣ ଙ୍କ ପାଇଁ, ଦୁଖୀ ଗରିବ ଙ୍କ ପାଇଁ ଉପଯୁକ୍ତ କାର୍ଯ୍ୟ କରୁଛନ୍ତି । ବିଜେଡି ର ଜିଲ୍ଲା ସାଧାରଣ ସମ୍ପାଦକ ହେବା ପରେ ଶ୍ରୀ ବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ,ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ସାଂସଦ ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ମୁନିସିପାଲିଟି ଚେୟାରମ୍ୟାନ ନିବେଦିତା ବେହେରା ଙ୍କୁ ଏହି ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ବଳ ଙ୍କୁ ମଧ ସବୁ ବର୍ଗ ର ଲୋକମାନେ ଅଭିନନ୍ଦନ ଜଣାଇଛନ୍ତି । ଆଗାମୀ ଦିନରେ ବିଜୁ ଜନତା ଦଳ ପାଇଁ ଆମେ ଅଧିକ ଶକ୍ତିଶାଳୀ ହୋଇ କାର୍ଯ୍ୟ କରିବୁ ବୋଲି ଶ୍ରୀ ବଳ ଗଣ ମାଧମ ସାମ୍ନା ରେ ପ୍ରକାଶ କରିଛନ୍ତି।

AFFIDAVIT

An affidavit before the Executive Magistrate, Balasore, on 21.2.2023, affidavit No. 418, I, Pravakar Parida, aged about 24 years, S/o- Omkar Nath Parida of Vill/ P.O.- Dublagadi, P.S. Marine, Dist.- Balasore, declare that my actual name is Pravakar Parida has been mentioned in my Aadhar Card vide Aadhar No.5372 5062 8220 and Educational Certificate. But inadvertently my name has been mentioned in my LIC Policy Bond vide Policy No. 583520340 as Pramod Ku. Parida instead of Pravakar Parida, S/o-Omkar Nath Parida. Henceforth I shall be known as Pravakar Parida instead of Pramod Ku. Parida for all future purposes.

sd/-

Pravakar Parida

# ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତି ନଷ୍ଟ

ବସ୍ତା, ୨୩/୦୭ (ନି.ପ୍ର): ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ବାଲିସାହି ଗ୍ରାମରେ ବିଳମ୍ବିତ ରାତି ରେ ଅଗ୍ନିକାଣ୍ଡ ଘଟି ଜଳି ପୋଡି ପାଉଂଶ ହୋଇ ଗଲା ଗୋଟିଏ ବଖରା ଘର ସମେତ ୫ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ର ଜିନିଷ ଏବଂ ନଗଦ ୨ ଲକ୍ଷ ଟଙ୍କା , ସୂଚନା ଅନୁଯାୟୀ ବାଲିସାହି ଗ୍ରାମର ଫିଲିପ କୁମାର ମାନ୍ନା ଘର ପାଖରେ ଏକ ମୋବାଇଲ ଏବଂ ଇଲେକ୍ଟ୍ରିକାଲ ଦୋକାନ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ, ସବୁଦିନ ଭଳି ଫିଲିପ ଗତକାଲି ରାତି ୯ ସମୟରେ ଦୋକାନ ବନ୍ଦ କରି ଘରେ ଶୋଇଥିବା ବେଳେ ବିଳମ୍ବିତ ରାତି ରେ ସର୍ଟ ସର୍କିଟ ଯୋଗୁଂ ହଠାତ ଦୋକାନ ରେ ନିଂଆ ଲାଗି ଜଳିବା ଆରମ୍ଭ କରିଥିଲା, ପଡୋଶୀ ଘର ଲୋକେ ନିଂଆ ଜଳୁଥିବା ର ଦେଖି ଦୋକାନ ର ମାଲିକ ଫିଲପ ଏବଂ ବସ୍ତା ଅଗ୍ନିଶମ ବିଭାଗ ଙ୍କୁ ଖବର ଦେଇଥିଲେ, ଦୋକାନ ମାଲିକ ତୁରନ୍ତ ପହଞ୍ଚି ପଡୋଶୀ ଙ୍କ ସହାୟତା ରେ ପାଣି ଢାଳି ନିଂଆ ଲିଭାଇବାକୁ ଚେଷ୍ଟା କରିଥିଲେ, ମାତ୍ର ସେତେବେଳକୁ ଗୋଟିଏ ବଖରା ଘର ସମେତ ଦୋକାନ ରେ ଥିବା ୫ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ର ଇଲେଟ୍ରିକାଲ ସାମଗ୍ରୀ , ୩୦ ରୁ ଉର୍ଦ୍ଧ୍ୱ ଦାମୀ ମୋବାଇଲ ଏବଂ ମାଙ୍କ କ୍ୟାନସର ଅପରେସନ ପାଂଇ ଦୋକାନ ରେ ରଖିଥିବା ନଗଦ ଦୁଇ ଲକ୍ଷ ଟଙ୍କା ମଧ୍ୟ ଜଳି ପୋଡି ପାଂଉଷ ହୋଇଯାଇଥିଲା, ଖବର ପାଇ ବସ୍ତା ଅଗ୍ନିଶମ ବିଭାଗ ର କର୍ମଚାରୀ ପହଞ୍ଚି ଥିଲେ ମଧ୍ୟ ସବୁ ଜଳିପୋଡି ନଷ୍ଟ ହୋଇ ଯାଇଥିଲା, ଆଜି ସକାଳେ ରାଜସ୍ୱଓଁ ନିରୀକ୍ଷକ ପହଞ୍ଚି ଘଟଣା ର ତଦନ୍ତ କରିଥିବା ବେଳେ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ନିବେଦନ କରିଛନ୍ତି ।

# ବ୍ରହ୍ମପୁର ଗ୍ରାମରେ ମୁନିସମାଜର ବ୍ରହ୍ମଯଜ୍ଞ

ରୂପସା , ୨୩/୦୭ (ନି.ପ୍ର): ସନ୍ଧ୍ୟା ଠିକ୍ ସାତ ଘଟିକା ସମୟରେ, ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ମଧ୍ୟମା କନ୍ୟା ଆୟୂଷ୍ମତୀ ପ୍ରମୋଦିନୀ ବାରିକ -ଆୟୂଷ୍ମାନ ଶ୍ରୀଯୁକ୍ତ ଗୋପବନ୍ଧୁ ବରଙ୍କର ଏକମାତ୍ର ସୁ କନ୍ୟା ଆୟୂଷ୍ମତୀ କୁମାରୀ ସୁନୟନା ବାରିକ/ବର ଙ୍କର ଶୁଭ ଜନ୍ମଦିନ,ଅଜା ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ସଭାପତିତ୍ୱରେ ପରିବାରର ସଦସ୍ୟ-ସଦସ୍ୟା ମାନଙ୍କୁ ନେଇ ମହା ସମାରୋହରେ ପାଳିତ ହୋଇଯାଇଛି ।ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା ବେଦ ପାଠ, ଶାନ୍ତି ପାଠ,କରାଯାଇ,ସୁନୟନା ର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନ ସହିତ ଉଜ୍ଜ୍ୱଳ ଭବିଷ୍ୟତ ର ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା ।ପ୍ରତିଦିନ ଯିଏ ପ୍ରାଣର ଉପାସନା,ବ୍ରହ୍ମର ଉପାସନା କରି ଚାଲିଥିବ,ସେ ନିଶ୍ଚୟ ,ମାନସିକ ଶାରୀରିକ,ପାରିବାରିକ,ଆର୍ଥିକ ଏବଂ ଆଧ୍ୟାତ୍ମିକ ଶାନ୍ତି ପାଇ ଚାଲିଥିବ ।ତାର ଭବିଷ୍ୟତ ନିଶ୍ଚୟ ଉଜ୍ଜ୍ୱଳ ମୟ ହେବ ହିଁ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ ଏହା ବକ୍ତାମାନେ ସେମାନଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ।ଶେଷରେ ଅଜା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo